

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୦୩ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 03 APRIL 2022
Vol.No. 33 ■ No. 87 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


# ରାଜସ୍ଥାନ କରୌଲୀରେ ତୁମୁଳକାଣ୍ଡ

## ବାଇକ୍ ରାଲି ଉପରକୁ ଭୟଙ୍କର ପଥରମାଡ, ଲାଗିଲା କର୍ଫ୍ୟୁ, କଟିଲା ଇଣ୍ଟରନେଟ୍



ନୂଆଦିଲ୍ଲୀ, ୦୨/୦୪ : ରାଜସ୍ଥାନର କରୌଲୀରେ ତୁମୁଳକାଣ୍ଡ । ଶନିବାର ଏକ ବାଇକ୍ ରାଲି ଉପରେ ପଥରମାଡ ହେବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି । ତେବେ ଏହି ପଥରମାଡ ଏତେ ଭୟାନକ ଥିଲା ଯେ, ଏଥିରେ ପ୍ରାୟ ୪୨ ଜଣ ଲୋକ ଆହତ ହୋଇଥିବା ସୂଚନା ରହିଛି । ଅନ୍ୟପଟେ ସ୍ଥିତି ଯେପରି ଅଣାୟତ୍ତ ନହୁଏ ସେଥିପାଇଁ ସମ୍ପୃକ୍ତ ଅଂଚଳରେ ଧାରା ୧୪୪ ଲାଗୁ କରାଯାଇଛି ଏବଂ ସହରରେ କର୍ଫ୍ୟୁ ଲଗାଇ ଦିଆଯାଇଛି । ତା ସହିତ ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ କରି ଦିଆଯାଇଛି । ବାଇକ୍ ରାଲି ଉପରେ ହୋଇଥିବା ପଥରମାଡକରେ କୋତବାଲୀ ଥାନା ଅଧିକାରୀ ସମେତ ୪ ଜଣ ପୋଲିସ କର୍ମୀ ଆହତ ହୋଇଛନ୍ତି । ଆହତ ପୋଲିସ ଅଧିକାରୀଙ୍କୁ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯିବା ସହିତ ଗୁରୁତରଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଇ ଦିଆଯାଇଛି । ଅନ୍ୟପଟେ ସ୍ଥିତିକୁ ସମ୍ଭାଳିବାକୁ ପୋଲିସ କର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏହି ଘଟଣା ପରେ ପୋଲିସ ଡିଜିଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ତା ସହିତ ପୋଲିସକୁ ଉପଦ୍ରବୀ ମାନଙ୍କ ସହିତ ମୁକାବିଲା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଖାଲି ସେତିକି ନୁହେଁ, ଲୋକଙ୍କୁ ଅପିଲ କରି ଶାନ୍ତି ବଜାୟ ରଖିବା ସହିତ ଆଇନ୍ କାନୁନ୍ ବ୍ୟବସ୍ଥାରେ ସହଯୋଗ କରିବାକୁ ସେ କହିଛନ୍ତି । ସେହିପରି ରାଜସ୍ଥାନ ପୋଲିସ କରୌଲୀରେ ଶାନ୍ତି ବ୍ୟବସ୍ଥା ବଜାୟ ରଖିବା ପାଇଁ ଆଇଜି ଭରତପୁର ପ୍ରଫୁଲ କୁମାର ଖମେସରା ଓ ଆଇଜି କାନୁନ୍ ବ୍ୟବସ୍ଥା ଭରତ ମୀଣାଙ୍କୁ ଦାୟିତ୍ୱ ଦେଇଛି । ତା ସହିତ ୫୦ ଅଧିକାରୀ ଓ ୬ ଶହରୁ ଅଧିକ ପୋଲିସକର୍ମୀ ସେଠାରେ ନିୟୋଜିତ ହୋଇଛନ୍ତି ।

# ରୁଷ ଉପରେ ପ୍ରତିବନ୍ଧକ : ଯୁଦ୍ଧ ପାଇଁ ଆମେରିକାକୁ ଦାୟୀ କଲା ଚୀନ୍



ନୂଆଦିଲ୍ଲୀ, ୦୨/୦୪ : ୟୁରୋପ ସହ ବୈଠକ ବେଳେ ଅସନ୍ତୋଷ ଝାଡିଲା ବେଜିଂ । ଯୁଦ୍ଧ ବେଳେ ଆମେରିକା ଏକତରଫା ଭାବେ ରୁଷ ବିରୋଧରେ ପ୍ରତିବନ୍ଧକ ଲଗାଇଛି ବୋଲି ଚୀନ୍ କହିଛି । ସେପଟେ ଯୁଦ୍ଧର ୩୮ ଦିନରେ ୟୁକ୍ରେନକୁ ପୁଣି ଥରେ ଆମେରିକା ସହଯୋଗର ହାତ ବଢାଇଛି । ରୁଷ ଉପରେ ପ୍ରତିବନ୍ଧକ, ବର୍ଷିଲା ଚୀନ୍ । ଯୁଦ୍ଧ ପାଇଁ ଆମେରିକାକୁ ଦାୟୀ କଲା । ୟୁକ୍ରେନ ଉପରେ ରୁଷର ଆକ୍ରମଣକୁ ନିନ୍ଦା କରିବ ନାହିଁ ଚୀନ୍ । ଶୁକ୍ରବାର ୟୁରୋପୀୟ ଦେଶ ସହିତ ଚାଲିଥିବା ଭରଚୁଆଲ ବୈଠକରେ ବେଜିଂ ପୁଣିଥରେ ଏପରି ସଫେଇ ଦେଇଛି । ଆଉ ଯୁଦ୍ଧ ପାଇଁ ଆମେରିକା ହିଁ ଦାୟୀ ବୋଲି ଚୀନ୍ କହିଛି । ରୁଷ ସୀମାରେ ନାଟୋ ସେନା ମୁତୟନ ହୋଇଛନ୍ତି । ଏପରି ସେନା ମୁତୟନକୁ ଚୀନ ନାପସନ୍ଦ କରିଛି । ଏପରି ହେବା ଦ୍ୱାରା ଅଧିକ ଉତ୍ତେଜନା ସୃଷ୍ଟି ହେଉଛି । ନାଟୋ ସେନା ମୁତୟନ ପଛରେ ଆମେରିକାର ହାତ ରହିଛି ବୋଲି କହିଛି ଚୀନ୍ । ୟୁରୋପର ୨୭ଟି ଦେଶରୁ ୨୧ଟି ଦେଶ ନାଟୋରେ ସାମିଲ ରହିଛନ୍ତି । ଆଉ ୟୁରୋପ ସହିତ ବୈଠକ ବେଳେ ବେଜିଂ ସିଧାସିଧା ନାଟୋକୁ ଟାର୍ଗେଟ କରି ପରୋକ୍ଷରେ ୟୁକ୍ରେନ ସମର୍ଥିତ ଦେଶକୁ କହିଦେଇଛି ଚୀନ ରୁଷ ସହିତ ଛିଡା ହୋଇଛି । ଚୀନର ବୈଦେଶିକ ମୁଖପାତ୍ର ଝାଓ ଲିଜିୟାନା କହିଛନ୍ତି, ପ୍ରତିବନ୍ଧକ ଲଗାଇ ବିବାଦର ସମାଧାନ କରିହୁଏନି । ଯେଉଁ ପ୍ରତିବନ୍ଧକ ଲଗାଯାଇଛି ତାହା ଏକ ତରଫା । କିନ୍ତୁ ଯୁଦ୍ଧର ବିଚାରଧାରାକୁ ବେଜିଂ ବିରୋଧ କରୁଛି ବୋଲି ସେ କହିଛନ୍ତି । ଅନ୍ୟପଟେ ▶▶ପୃଷ୍ଠା ୭

# ମାନସ ସ୍ୱାଇଁ ହତ୍ୟା ମାମଲା : ସମ୍ପୂର୍ଣ୍ଣ ଅଫିସରେ ସିନ୍ ରିକ୍ରିଏସନ୍ କଲେ ଶର୍ମିଷ୍ଠା, ନିରଂଜନ

ଭୁବନେଶ୍ୱର, ୦୨/୦୪ (ନି.ପ୍ର): କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ମାମଲାର ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଓ ନିରଞ୍ଜନ ସେଠୀଙ୍କୁ ନେଇ ସମ୍ପୂର୍ଣ୍ଣ ଅଫିସରେ ସିନ୍ ରିକ୍ରିଏସନ୍ କରିଛି କ୍ରାଇମବ୍ରାଂଚ ଟିମ୍ । ଉଭୟଙ୍କୁ ଅଲଗା ଅଲଗା ଗାଡିରେ ନେଇ ତଦନ୍ତକାରୀ ଟିମ୍ ଘଟଣାସ୍ଥଳରେ ପହଂଚିଥିଲା । ହତ୍ୟା ପୂର୍ବରୁ ମାନସଙ୍କୁ ସୁନ୍ଦରପଦା ସ୍କାଏ ଟାୱାର୍ ଆପାର୍ଟମେଂଟରେ ଥିବା ସମ୍ପୂର୍ଣ୍ଣ କାର୍ଯ୍ୟାଳୟକୁ ଅଣାଯାଇଥିବା ଜଣାପଡିଛି । ଉଭୟ ଶର୍ମିଷ୍ଠା ଓ ନିରଂଜନଙ୍କ ୫ ଦିନିଆ ରିମାଣ୍ଡ ଅବଧି ଆଜି ଶେଷ ହେବାକୁ ଯାଉଛି । ସେପଟେ ଜେରା ବେଳେ ନିରଞ୍ଜନ ସେଠୀ କହିଛନ୍ତି ଶର୍ମିଷ୍ଠାଙ୍କୁ ଫେରାର କରିବା ଲାଗି ୧୦ ହଜାର ଟଙ୍କା ଦେଇଥିଲେ । ଫେରାର ହେବାକୁ ଗାଡି ମଧ ଯୋଗାଡ କରିଦେଇଥିଲା । ସେହି ଗାଡିରେ ଶର୍ମିଷ୍ଠା ଯାଜପୁର ସ୍ଥିତ କିଆପାଣି ସ୍ଥିତ ନିଜ ଶାଶୂ ଘରକୁ ଯାଇଥିଲେ। ମାନସକୁ ଅପହରଣ କରିବା ପରେ ପ୍ରଥମେ ଦୟାଲ ଆଶ୍ରମକୁ ନିଆଯାଇଥିଲା । ତା'ପରେ ତାକୁ ସମ୍ପୂର୍ଣ୍ଣ ଅଫିସକୁ ବି ଅଣାଯାଇ ଥିବା କହିଛନ୍ତି ନିରଞ୍ଜନ । ସେଠାକୁ ନିରଞ୍ଜନ ଯିବା ବେଳକୁ ଆଗରୁ ଶର୍ମିଷ୍ଠା, ଝୁନା, ଝୁନାର ସ୍ୱାମୀ ଓ ରଂଜନ ଥିଲେ । କମ୍ପ୍ୟୁଟର ଚଳାଉଥିବା ଜଣେ ବ୍ୟକ୍ତି ଓ ଶର୍ମିଷ୍ଠାର ଭାଉଜ ମଧ ଥିଲେ । ଅଫିସରେ ମାନସକୁ ମାଡ ମାରିଥିବା ମାନିଛନ୍ତି ନିରଞ୍ଜନ । ୮ ତାରିଖରେ ଶର୍ମିଷ୍ଠା ନିରଞ୍ଜନର ପ୍ରଶାନ୍ତି ବିହାର ଘରକୁ ଆସିଥିଲା । ଶର୍ମିଷ୍ଠାକୁ ୧୦ ହଜାର ଟଙ୍କା ଦେବା ସହ ଗାଡ଼ି କରାଇ ଦେଇଥିଲା ନିରଞ୍ଜନ । ସେହି ଗାଡ଼ିରେ ଯାଜପୁରର କାଳିଆପାଣି ଯାଇଥିଲା ଶର୍ମିଷ୍ଠା । ଆଜି ସମ୍ପୂର୍ଣ୍ଣ ଅଫିସ୍‌ରେ ଡେମୋ ଦେଖାଇଛନ୍ତି ନିରଞ୍ଜନ ଓ ଶର୍ମିଷ୍ଠା । ଅଫିସ୍ ପରେ ଫ୍ଲାଟରୁ ଶର୍ମିଷ୍ଠାର ଫୋନ୍ ଓ ନିରଞ୍ଜନର ଡାଏରୀ ଜବତ କରିଛନ୍ତି ତଦନ୍ତକାରୀ ଟିମ୍ ।

# ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଆଜୀବନ କାରାଦଣ୍ଡ



ଭୁବନେଶ୍ୱର, ୦୨/୦୪ (ନି.ପ୍ର): ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ତାଙ୍କ ଝିଅ ବବଲି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଛି । ଛତିଶଗଡର ରାୟଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ ଅଦାଲତ ଏହି ରାୟ ଦେଇଛନ୍ତି। ଏବେ ଅନୁପ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ଶୁଣିବାକୁ ମିଳୁଛି। ତେବେ ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ଅନୁପଙ୍କ ଡ୍ରାଇଭର ବର୍ଦ୍ଧନ ଟପୋ ନିର୍ଦ୍ଦୋଷରେ ଖଲାସ ହୋଇଛି। ସୂଚନାଯୋଗ୍ୟ, ଗତ ୨୦୧୬ ମସିହାରେ ଅନୁପ ବିବାହ କରିବାକୁ କହି କଳ୍ପନା ଏବଂ ତାଙ୍କ ଝିଅ ବବଲିକୁ ଝାରସୁଗୁଡା ଓ ଛତିଶଗଡ ସୀମାନ୍ତକୁ ନେଇଯାଇଥିଲେ। ରାସ୍ତାରେ କଳ୍ପନାଙ୍କୁ ଲୁହା ରଡ୍ ରେ ପିଟି ହତ୍ୟା କରିବା ପରେ ତାଙ୍କୁ ଓ ତାଙ୍କ ଝିଅକୁ ବୋଲେରୋ ଚଢାଇ ଦେଇଥିଲେ। ଛତିଶଗଡ଼ର ରାୟଗଡ଼ ଜିଲ୍ଲା ଚକ୍ରଧରନଗର ଥାନା ଅଂଚଳରେ ହୋଇଥିବା ଏହି ହତ୍ୟା ମାମଲାରେ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ଗତ ଫେବ୍ରୁଆରି ୨୦୨୦ରେ ଗିରଫ କରାଯାଇଥିଲା।

## ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, ୦୨/୦୪ (ନି.ପ୍ର): ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲା ସର୍ଗିପାଲି ଆରଏମ୍‌ସି ଇନ୍ସପେକ୍ଟର ବନମାଳୀ ନାଏକଙ୍କ ଘର, ଅଫିସ୍ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି । ଭିଜିଲାନ୍ସ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ଏହି ଚଢାଉରେ ପାଂଚ ଜଣ ଡିଏସପି, ୭ ଜଣ ଇନିସପେକ୍ଟର ଓ ଅନ୍ୟ କର୍ମଚାରୀ ମାନେ ସାମିଲ ଅଛନ୍ତି । ସୁନ୍ଦରଗଡ ଭିଜିଲାନ୍ସ ସ୍ପେଶାଲ ଜଜଙ୍କ ୱାରଂଟ ଅନୁସାରେ ଏହି ଚଢାଉ ଚାଲିଛି ।

## ଆରମ୍ଭ ହେଲା ସକାଳୁଆ ସ୍କୁଲ

ଭୁବନେଶ୍ୱର, ୦୨/୦୪ (ନି.ପ୍ର): ଗ୍ରୀଷ୍ମପ୍ରବାହକୁ ନଜର ରଖି ଶନିବାରଠୁ ଆରମ୍ଭ ହୋଇଛି ସକାଳୁଆ ସ୍କୁଲ। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ସକାଳ ୬.୩୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ସ୍କୁଲ ଯାଇଥିଲେ। ସେହିପରି ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ସକାଳ ୭ଟାରୁ୧୧.୩୦ ସ୍କୁଲ ଯାଇଛନ୍ତି। ସ୍କୁଲ ଛୁଟି ପରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଛି। ସାରା ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ବହୁ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି ।ଏହାକୁ ଆଖିରେ ରଖି ସ୍କୁଲ ପିଲାଙ୍କ ସମୟ ପରିବର୍ତନ ହୋଇଛି। ସକାଳ ୬.୩୦ ରୁ ୧୦.୩୦ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ କ୍ଲାସ ହେଉଥିବାବେଳେ ସକାଳ ୭ ରୁ ୧୧.୩୦ ରହିଛି ନବମରୁ ଦ୍ୱାଦଶ ପିଲାଙ୍କ ସ୍କୁଲ ସମୟ। ପିଲାମାନେ ଆସିବା ବେଳେ ସାଙ୍ଗରେ ପାଣି ବୋତଲ ଓ ଛତା ନେଇ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ସ୍କୁଲରେ ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛି ଗଣଶିକ୍ଷା ବିଭାଗ। ପାଠପଢ଼ା ▶▶ପୃଷ୍ଠା ୭

# ରାଜନୀତିର ହାଇଡ୍ରାମା : ବିଜୟୀ ହେଲେ ବିଦ୍ରୋହୀ ଗୋଷ୍ଠୀ

ଭୁବନେଶ୍ୱର, ୦୨/୦୪ (ନି.ପ୍ର): କଳ ବଳ କୌଶଳ ସବୁ ଫେଲ ମାରିଲା । ଛତ୍ରପୁର ବ୍ଲକ ଅଧକ୍ଷ ନାଟକରେ ଯବନୀକା ପଡିଲା । ପ୍ରଥମେ କରୋନାର ଆଳ ଦେଖାଇ, ନିର୍ବାଚନକୁ ଘୁଞ୍ଚାଇବାର କାରସାଦୀ ହୋଇଥିଲା ଆଉ ପରେ ନିର୍ବାଚିତ ସମିତି ସଭ୍ୟଙ୍କୁ ବନ୍ଦୀ କରି ରଖିବାର ଷଡଯନ୍ତ୍ର । ଏ ସବୁଥିରେ ପ୍ରଶାସନିକ କଳ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ । ସକାଳୁ ସକାଳୁ ହୋଟେଲ ବାଲକୋନୀରେ ଠିଆ ହୋଇ ଯେପରି ନିଜର ଅସହାୟତା ବ୍ୟକ୍ତ କରୁଥିଲେ, ତାହା ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନର ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛି । ବିଧାୟକ ଓ ବିଧାୟକଙ୍କ ବିରୋଧୀ ଗୋଷ୍ଠୀ ମଧ୍ୟରେ ଚାଲିଥିବା ଛକାପଞ୍ଝାରେ ପ୍ରତିପକ୍ଷ ବିଜୟ ଧ୍ୱଜା ଉଡାଇଛନ୍ତି । ତେବେ ଶନିବାର ନିର୍ବାଚନ ଥିଲା ହେଲେ ଶୁକ୍ରବାର ୧୨ ଜଣ ସମିତିସଭ୍ୟ ବୁଲିବାକୁ ବାଲୁଗାଁ ଯାଇଥିବାବେଳେ ହୋଟେଲ ଭିତରେ ଏମାନଙ୍କୁ ନଜରବନ୍ଦୀ କରି ରଖାଯାଇଥିବା ଅଭିଯୋଗ ହୋଇଥିଲା । ନିଜେ ଭିଡିଓ କରି ସମିତିସଭ୍ୟ ଏଭଳି ଅଭିଯୋଗ ଆଣିଥିଲେ । ସେମାନେ ଅଭିଯୋଗ କରିଥିଲେ ହାରିଯିବା ଭୟରେ ପୋଲିସ ପ୍ରଶାସନକୁ ଲଗାଇ ସେମାନଙ୍କୁ କଏଦ କରି ରଖାଯାଇଛି । ଏପରିକି ମୋବାଇଲ ଛଡାଇନେବା ସହ ଖାଇବାକୁ ଦେଇନଥିବା ଅଭିଯୋଗ ହୋଇଥିଲା । ତୁରନ୍ତ ଏମାନଙ୍କୁ ଉଦ୍ଧାର କରାନଗଲେ ହୋଟେଲ ଛାତରୁ ଡେଇଁ ପଡିବାକୁ ଧମକ ଦେଇଥିଲେ ଅଟକ ଥିବା ସମିତି ସଭ୍ୟ । କନକ ନ୍ୟୁଜରେ ଲଗାତର ଖବର ପ୍ରସାରଣ ପରେ ଅଟକ ସମିତି ସଭ୍ୟଙ୍କୁ ▶▶ପୃଷ୍ଠା ୭

# ନଜରରେ ଗୁଜରାଟ ନିର୍ବାଚନ, ସାବରମତିରେ କେଜ୍ରିୱାଲ



ଅହମଦାବାଦ, ୦୨/୦୪ (ନି.ପ୍ର): ପଞ୍ଜାବରେ କ୍ଷମତାଦଖଲ କରିଥିବା ଆମ୍ ଆଦମୀ ପାର୍ଟି(ଆପ) ଏବେଠାରୁ ଗୁଜରାଟ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଚଳିତ ବର୍ଷ ଶେଷ ଭାଗରେ ଗୁଜରାଟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଦୃଷ୍ଟିରେ ରଖି ଆଜି ଆପ୍‌ର ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ ଗୁଜରାଟର ସାବରମତି ପହଞ୍ଚିଛନ୍ତି। ତାଙ୍କ ସହ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ମଧ ଆଶ୍ରମରେ ପହଞ୍ଚି ଚରଖା ଚଳାଇଛନ୍ତି। ଉଭୟ ଦୁଇ ଦିନିଆ ଗୁଜରାଟ ଗସ୍ତରେ ଯାଉଛନ୍ତି। ଆଜି ପ୍ରଥମ ଦିନରେ ଉଭୟ ସାବମତିରେ ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ମହାତ୍ମା ଗାନ୍ଧିଙ୍କ ଆଶ୍ରମରେ ଥିବା ହୃଦୟ କୁଞ୍ଜରେ ଉଭୟ ନେତା ଚରଖା ବୁଲାଉଥିବା ଭିଡିଓ ସାମ୍ନାକୁ ଆସିଛି। ହୃଦୟ କୁଞ୍ଜରେ ମହାତ୍ମା ଗାନ୍ଧି ଓ ପତ୍ନୀ କସ୍ତୁରାବ ଗାନ୍ଧି ରହୁଥିଲେ। ଚରଖା ବୁଲାଇବା ପରେ କେଜ୍ରିୱାଲ ଓ ମାନ ଆଶ୍ରମରେ ଥିବା ମ୍ୟୁଜିୟମ ମଧ ବୁଲିଛନ୍ତି। ସ୍ୱାଧୀନତା ସଂଗ୍ରାମ ବେଳେ ସାବରମତି ଆଶ୍ରମ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ସ୍ଥାନରୁ ହିଁ ମହାତ୍ମା ଗାନ୍ଧି ବ୍ରିଟିଶ ଶାସନ ବିରୋଧରେ ଦାଣ୍ଡି ଯାତ୍ରା ଆରମ୍ଭ କରିଥିଲେ। ଆଜି କେଜ୍ରିୱାଲ ଏଠାରେ ପହଞ୍ଚି କହିଛନ୍ତି, "ଗାନ୍ଧିଜୀ ଜନ୍ମ ଗ୍ରହଣ କରିଥିବା ଦେଶରେ ମୁଁ ଜନ୍ମ ହେବା ମୋ ପାଇଁ ସୌଭାଗ୍ୟର ବିଷୟ। ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହେବା ପରେ ମୁଁ ପ୍ରଥମଥର ▶▶ପୃଷ୍ଠା ୭




# ପଣ୍ୟକାରବାର କ୍ଷେତ୍ରରେ ପାରାଦୀପ ବନ୍ଦରର ସର୍ବକାଳୀନ ରେକର୍ଡ




ପାରାଦୀପ,୨/୦୪ (ନି.ପ୍ର): ୨୦୨୧-୨୨ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୧୬.୧୩ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଏହାର ସମସ୍ତ ଶ୍ରେୟ ବନ୍ଦରର କର୍ମଚାରୀ, ଅଧିକାରୀ, ଷ୍ଟିଭେଡୋର୍ସ, ସିପିଙ୍ଗ ଏଜେଣ୍ଟସ୍, ଭାରତୀୟ ରେଲବାଇ,କଷ୍ଟମ ବିଭାଗ, ଓଡିଶା ରାଜ୍ୟ ସରକାର ତଥା ସର୍ବୋପରି କେନ୍ଦ୍ର ଜାହାଜ ଚଳାଚଳ ବିଭାଗର ମାନ୍ୟବର ମନ୍ତ୍ରୀ ଓ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହାରନାଦ । ଶୁକ୍ରବାର ଦିନ ପାରାଦୀପ ଜୟଦେବ ସଦନ ପରିସରରେ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ହୋଇଥିଲା ବାର୍ଷିକ ସାମ୍ବାଦିକ ସମ୍ମିଳନୀ । ଗଣମାଧ୍ୟମକୁ ସୂଚନା ଦେଇ ବନ୍ଦର ଅଧ୍ୟକ୍ଷ କହିଛନ୍ତି ଯେ, ଆଇରନ୍ ଓର୍ ପରିବହନ ଚଳିତ ବର୍ଷ ୯ଏମ୍.ଏମ୍.ଟି. କମ୍ ହୋଇଛି । କୋଷ୍ଟାଲ୍ ସିପିଙ୍ଗ ମାଧ୍ୟମରେ ୨୮ ମେଟ୍ରିକ୍ ଟନ୍ ପଣ୍ୟ କାରବାର ହୋଇଛି । କେବଳ ମାର୍ଚ୍ଚ ମାସରେ ପାରାଦୀପ ବନ୍ଦରରେ ୧୨.୩୧ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି । ପାରାଦୀପ ବନ୍ଦରରେ ନୂଆ ଆମଦାନୀ କୋଇଲା ଟର୍ମିନାଲ କାର୍ଯ୍ୟକ୍ଷମ ହୋଇଛି । ଆଗାମୀ ଦିନ ପଶ୍ଚିମ ଡକ୍ ନିର୍ମାଣ କାର୍ଯ୍ୟ ଶେଷ ହେବ, ଏହା ଶେଷ ହେବା ପରେ ୧୮ ମିଟର ବିଶିଷ୍ଟ ବୃହତ୍ତକାୟ ଜାହାଜ ଅନାୟସରେ ଯାଆ ଆସ କରିପାରିବ । ଏହା ଦ୍ୱାରା ପାରାଦୀପ ବନ୍ଦରର ପଣ୍ୟକାରବାର କ୍ଷମତା ଆହୁରି ବୃଦ୍ଧି ପାଇପାରିବ । ଯାନ୍ତ୍ରିକ କୋଇଲା ବୋଝେଇ ପ୍ଲାଣ୍ଟରେ ୨୦୧୮-୧୯ ମସିହାରେ ୫୬୯୮ଟି ରେକ୍ ବୋଝେଇ ଓ ଖଲାସ ହୋଇପାରିଥିବା ବେଳେ ଚଳିତ ବର୍ଷ ୭୧୫୬ଟି ରେକ୍‌ରେ ବୋଝେଇ ଓ ଖଲାସ କାର୍ଯ୍ୟ କରାଯାଇଛି । ଯାହାକି ୨୫ ପ୍ରତିଶତ ଅଭିବୃଦ୍ଧି ହୋଇଛି । ପୂର୍ବରୁ ଗୋଟିଏ ଜାହାଜ ଆସି ଯିବା ପାଇଁ ୬୪ ଘଣ୍ଟା ଲାଗୁଥିବା ବେଳେ ବର୍ତ୍ତମାନ ଏହା ୫୫ ଘଣ୍ଟାକୁ ଖସି ଆସିଛି । ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥ ୫୩ ଏବେ ୪ ଲେନ୍ ଥିବା ବେଳେ ଏହାକୁ ୮ ଲେନ୍‌ରେ ପରିଣତ କରିବାକୁ କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ବିଭାଗ ସହିତ ଆଲୋଚନା ସରିଛି, ଏହାର କାମ ଖୁବ୍ ଶୀଘ୍ର ଆରମ୍ଭ ହେବ । ଯାହା ଫଳରେ ଜାତୀୟ ରାଜପଥରୁ ଭିଡ କମିଯିବ । ଖୁବ୍ ଶୀଘ୍ର ପାରାଦୀପ ଉପକଣ୍ଠରେ ଟ୍ରକ୍ ଟର୍ମିନାଲ କାମ ଆରମ୍ଭ ହେବ, ଏହା ବିଶ୍ୱସ୍ତରୀୟ ଟ୍ରକ୍ ଟର୍ମିନାଲ ହେବ । ଜାତୀୟ ଜଳମାର୍ଗ ଯୋଜନା କାର୍ଯ୍ୟକାରୀ ହେଉଛି, ପ୍ରଥମ ପର୍ଯ୍ୟାୟରେ ପାରାଦୀପ-ପାଙ୍କପାଳ ମଧ୍ୟରେ ଏହା ହେବାର ଯୋଜନା ହୋଇଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ପାଙ୍କାପାଳ-ତାଳଚେର ମଧ୍ୟରେ କାର୍ଯ୍ୟକାରୀ ହେବ । ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ଅଧିନରେ ୧୦୦କୋଟି ଟଙ୍କା ବ୍ୟୟରେ ପାରାଦୀପ ମାଛଧରା ବନ୍ଦରକୁ ବିଶ୍ୱସ୍ତରୀୟରେ ପରିଣତ କରାଯିବାର କାର୍ଯ୍ୟ ପାରାଦୀପ ବନ୍ଦର ଦ୍ୱାରା ସମ୍ପାଦିତ ହେବ । ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ୯୩କୋଟି ଟଙ୍କା ବ୍ୟୟରେ ୪ଲାଇନ୍ ଫ୍ଲାଏ ଓଭର ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଜାରୀ ରହିଛି ଏବଂ ଏହା ଆଗାମୀ ଦିନରେ ପୂର୍ଣ୍ଣାଙ୍ଗ ହେବ । ଆଗାମୀ ୧୦ବର୍ଷକୁ ଆଖି ଆଗରେ ରଖି ପାରାଦୀପରେ ରିଫୁଏଲିଙ୍ଗ ଷ୍ଟେସନ୍ କାର୍ଯ୍ୟ ଆରମ୍ଭ ହେବାର ଯୋଜନା ରହିଛି । ପାରାଦୀପ ବନ୍ଦରକୁ ଭିତ୍ତିକରି ଦୁଇଗୋଟି ପିଲେଟ୍ ପ୍ଲାଣ୍ଟ କାର୍ଯ୍ୟ କରିବ । ଏଥି ସହିତ ଆସାମର ନୁମାଲିଗଡ ରିଫାଇନାରୀ ତାର କାମ ପାରାଦୀପରେ ଆରମ୍ଭ କରିଛି । ବନ୍ଦରାଂଚଳକୁ ସବୁଜ ବନ୍ଦର କରିବା ନିମନ୍ତେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟ ଜାରୀ ରହିଛି । ପାରିପାର୍ଶ୍ୱିକ ଉନ୍ନୟନ ନିମନ୍ତେ ପାରାଦୀପ ବନ୍ଦର ବହୁ ପଦକ୍ଷେପମାନ ଗ୍ରହଣ କରିଛି । ଶିକ୍ଷାକୁ ଗୁରୁତ୍ୱ ଦେଉଛି ପାରାଦୀପ ବନ୍ଦର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ଦେଇ ସେମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ବନ୍ଦର ପ୍ରୟାସ ଜାରୀ ରଖିଛି । ଏହି ସାମ୍ବାଦିକ ସମ୍ମିଳନୀରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷଙ୍କ ସମେତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ ।

# ପଲସା ସ୍ୱାସ୍ଥ୍ୟ ଉପକେନ୍ଦ୍ର କାୟାକଳ୍ପ ବିଜେତା

## ଡାକ୍ତର କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠତା ପାଇଁ ମିଳିଲା ସଫଳତା



ଖଇରା,୨/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ପଲସା ସ୍ୱାସ୍ଥ୍ୟ ଉପକେନ୍ଦ୍ର କାୟାକଳ୍ପ ବିଜେତା ହେବା ସହ କୁରୁଣ୍ଟା ଓ ଡଗରପଡା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ତୁଡିଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ସାନ୍ତ୍ୱନାମୂଳକ ପୁରସ୍କାରର ହକଦାର ହେବା ନେଇ ଚିଠି ପହଞ୍ଚିବା ପରେ ଖଇରା ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି । ବାଲେଶ୍ୱର ଜିଲାରେ ଖଇରା ବ୍ଲକର ୪ଟି କେନ୍ଦ୍ରକୁ ଏହି ସଫଳତା ମିଳିଥିବାରୁ ଏହା ଏହି କେନ୍ଦ୍ର ଗୁଡିକରେ କାର୍ଯ୍ୟରତ ଡାକ୍ତର, ଫାର୍ମଷିଷ୍ଟ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ,ସ୍ୱାସ୍ଥ୍ୟ ପରିଦର୍ଶିକା ଙ୍କ ମନୋବଳ ବୃଦ୍ଧି କରିଛି । ୩ମାସ ଧରି ରାଜ୍ୟ ଓ ଜିଲାରୁ ସରକାରୀ ସ୍ତରରେ ଗଠିତ ବିଭିନ୍ନ ଟିମ କାୟାକଳ୍ପ ନିର୍ଦ୍ଦେଶାମା ଆଧାରରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ମୁଲ୍ୟାୟନ କରିଥିଲେ । ଏବଂ ୩୦ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କ ପତ୍ର ସଂଖ୍ୟା ୪୮୯୦ରେ ଖଇରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଚିଠିରେ ପଲସାକୁ ବିଜେତା ଭାବେ ଘୋଷଣା କରାଯାଇଥିବା ବେଳେ ଅନ୍ୟ ୩ଟି କେନ୍ଦ୍ର ମଧ୍ୟ ପୁରସ୍କୃତ ହେବାର ସୌଭାଗ୍ୟ ଅର୍ଜନ କରିଛି । ତଦନୁଯାୟୀ ପଲସା ଉପକେନ୍ଦ୍ରକୁ ୧ଲକ୍ଷ,ତୁଡିଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ହଜାର ଏବଂ କୁରୁଣ୍ଟା ଏବଂ ଡଗରପଡା ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ୨୫ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରାଯାଇଛି । ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ରଙ୍କ ପ୍ରଚେଷ୍ଟା ଓ ପରିଚାଳନା ଯୋଗୁଁ ବାଲେଶ୍ୱର ଜିଲାରେ ଖଇରା ବ୍ଲକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିବା ନେଇ ଆସୁଥିବା ରୋଗୀ,ରୋଗୀ କଲ୍ୟାଣ ସମିତି ,ଗାଁ କଲ୍ୟାଣ ସମିତି,କାର୍ଯ୍ୟରତ କର୍ମଚାରୀ ମାନେ କହିଛନ୍ତି । ଏ ସମ୍ପର୍କରେ ଡା ମିଶ୍ରଙ୍କ ପ୍ରତିକ୍ରିୟା ନେବାରେ ଚଳିତ ବର୍ଷ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୁଡିକ କାୟାକଳ୍ପ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିଛି ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଭାଗ ନେଇ ପାରିନଥିଲା । ଆସନ୍ତା ବର୍ଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାଗ ନେବ ଏବଂ ନିଶ୍ଚିତ ପୁରସ୍କୃତ ହେବ ବୋଲି କହିଛନ୍ତି । ଏଭଳି ସଫଳତା ପାଇଁ ସେ ଡାକ୍ତର,ନର୍ସ ଓ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠତା କୁ ଦାୟି କରିଛନ୍ତି ।

# ସମ୍ବଲପୁର ରେଳ ମଣ୍ଡଳ ଦ୍ୱାରା ଗୋଟିଏ ଦିନରେ ସର୍ବୋଚ୍ଚ ମାଲ୍ ପରିବହନ

ସମ୍ବଲପୁର,୨/୦୪ (ନି.ପ୍ର): ସମ୍ବଲପୁର ରେଳ ମଣ୍ଡଳ ୩୧ ମାର୍ଚ୍ଚ ୨୦୨୨ରେ ଗୋଟିଏ ଦିନରେ ୩୪ ରେଳ ଅର୍ଥାତ୍ ୧୭୬୭ ୱାଗନ ମାଲ୍ ପରିବହନ କରି ମାଲ୍ ପରିବହନରେ ଏକ ମାଇଲ୍‌ଖୁଂଟ ସୃଷ୍ଟି କରିଛି । ମଣ୍ଡଳର ବିଭିନ୍ନ ଲୋଡିଂ ପଏଂଟରୁ ୦.୧୨୯ ଏମ୍‌ଟି ମାଲ୍ ପରିବହନ ହୋଇଅଛି ଯାହା ଗତବର୍ଷ ମାର୍ଚ୍ଚ ୩୧ ତାରିଖ ୨୦୨୧ର ଲୋଡିଂ ତୁଳନାରେ ପ୍ରାୟ ୪୭ ପ୍ରତିଶତ ଅଧିକ ଅଟେ । ଗୋଟିଏ ଦିନରେ ରାଜସ୍ୱ ହେଉଛି ୧୩.୯୧ କୋଟି ଟଙ୍କା । ଏହାସହିତ ମାର୍ଚ୍ଚ ୨୦୨୧ ମାସରେ ୧.୪୪ ଏମ୍.ଟି.ର ମାସିକ ସର୍ବାଧିକ ଲୋଡିଂ ମଧ ହାସଲ କରିଅଛି । ସାଂସ୍କୃତିକ ଆର୍ଥିକ ବର୍ଷ, ୨୦୨୧-୨୦୨୨ରେ ସମ୍ବଲପୁର ରେଳମଣ୍ଡଳ ୧୨.୮ ମିଲିୟନ ଟନ୍ ମାଲ୍ ପରିବହନ କରିଅଛି ଯାହା ଗତ ଆର୍ଥିକ ବର୍ଷର ଲୋଡିଂ ତୁଳନାରେ ୪୫% ଅଧିକ ଅଟେ । ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ପ୍ରଦୀପ କୁମାର ମଣ୍ଡଳର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ସମ୍ବଲପୁର ରେଳ ମଣ୍ଡଳ ଆଗାମୀ ଦିନରେ ମଧ ନୂତନ କୀର୍ତିମାନ ହାସଲ କରିବାକୁ ଉଦ୍ୟମ ଜାରି ରଖିବ ବୋଲି ସେ କହିଛନ୍ତି ।

# ବେକଟେଇ ଠାକୁରାଣୀ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ଖଇରା,୨/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ବେକଟେଇ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଦିନ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ୧୧ଜଣ ବ୍ରତୀଙ୍କ ଦ୍ୱାରା କଳସ ଅଣାଯାଇଥିଲା । ମୁଖ୍ୟ ଆଚାର୍ଯ୍ୟ ଦେବଦତ୍ତ ଶତପଥି ଓ ଗଙ୍ଗାଧର ତ୍ରିପାଠୀଙ୍କ ସମେତ ୧୪ଜଣ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ ଓ ମା ବେକଟେଇଙ୍କ ପୁଜାର୍ଚ୍ଚନା କରାଯାଇଥିଲା । ଆଖପାଖ ଗ୍ରାମରୁ ୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇ ଥିଲେ । ଯଜ୍ଞ କମିଟିର ସଭାପତି ଭାଗିରଥି ଦାସ,ଉପସଭାପତି ବିଜୟ କେତନ ନାୟକ,ସମ୍ପାଦକ ମାନସ ରଞ୍ଜନ ରାଉଳ, କୋଷାଧକ୍ଷ ଇନ୍ଦୁ ଭୁଷଣ ପ୍ରଧାନ, ସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ବୁଦ୍ଧିରାମ ବୁଗୁଡାଇ, ରାମଚନ୍ଦ୍ର ବେହେରା, ବାବାଜି ଚରଣ ମହାନ୍ତି, ଜିବନ ଦାସ, ଗୋବର୍ଦ୍ଧନ ମହାରଣା,ଭଗବାନ ସାହୁ, ଉପେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ବସ୍ତା ପ୍ରେସ କ୍ଲବରେ ଉତ୍କଳ ଦିବସ ପାଳିତ




ବସ୍ତା,୨/୦୪ (ନି.ପ୍ର): ଓଡ଼ିଶା ସ୍ୱତନ୍ତ୍ର ଭାଷାଭିତ୍ତିରେ ପ୍ରଦେଶ ଗଠନ ମାନ୍ୟତା ପାଇଥିବା ଅପ୍ରେଲ ୧ ର ଐତିହାସିକ ଦିନକୁ ସାରା ରାଜ୍ୟ ପାଳନ କରୁଥିବା ବେଳେ ଆଜିର ଦିନରେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ପାଇଁ ସମସ୍ତେ ଦାୟିତ୍ୱବାନ ହେବା ଉଚିତ ବୋଲି ବସ୍ତା ପ୍ରେସ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ଉତ୍କଳ ଦିବସ ପାଳନ ସମାରୋହରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ଶୁକ୍ରବାର ଅପରାହ୍ନରେ ପ୍ରେସ କ୍ଲବ ସଭାପତି ରାମଚନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଶ୍ୟାମାପ୍ରସାଦ ବେହେରା, ଅନୀଲକୁମାର ମହାନ୍ତି, ସତ୍ୟନାରାୟଣ ଗୁପ୍ତା, ଡ. ପ୍ରଦୀପକୁମାର ମିଶ୍ର, ଶିକ୍ଷାବିତ ଗଗନବିହାରୀ ଜେନା, ସୂର୍ଯ୍ୟନାରାୟଣ ମିଶ୍ର, ସାହିତ୍ୟିକ ଶିଶିରକୁମାର ରଥ, ଯୁବନେତା ସୁଧାଂଶୁ ଯେନା, ରବୀନ୍ଦ୍ର ଦାସ, ପ୍ରମୁଖ ଯୋଗଦେଇ ଓଡ଼ିଆଭାଷାକୁ ଏକ ସ୍ୱତନ୍ତ୍ରଭାଷାର ମାନ୍ୟତା ପାଇଁ ଉତ୍ସର୍ଗୀକୃତ ହୋଇଥିବା ମହାପୁରୁଷମାନଙ୍କ ସ୍ମୃତିଚାରଣ କରିଥିଲେ । ଏଥି ସହିତ ଓଡ଼ିଆ ଭାଷାକୁ ଧୀରେଧୀରେ ଆଜିର ଯୁବପୀଢ଼ି ଭୁଲିବାକୁ ବସି ପାଶ୍ଚାତ୍ୟଭାଷାକୁ ଆପଣେଇବା ଭବିଷ୍ୟତରେ ଓଡ଼ିଆଭାଷାକୁ ବିପଦ ବୋଲି ମତପ୍ରକାଶ ପାଇଥିଲା । ଏଥିପାଇଁ ସରକାରଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବି, ଶିକ୍ଷାବିତ ମାନେ ଯତ୍ନବାନ ହେବା ଜରୁରୀ । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାମ୍ବାଦିକ ସଂଜୟକୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଶାନ୍ତ ପ୍ରଧାନ ସଭା ପରିଚାଳନା କରିଥିଲେ । ସାମ୍ବାଦିକ ଦୀପକକୁମାର ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିବା ବେଳେ ଅନ୍ୟ ସାମ୍ବାଦିକଙ୍କ ମଧ୍ୟରେ ହରିଶଙ୍କର ପାଢ଼ୀ, ବିଷ୍ଣୁପଦ ପତି, ଦେବାଶିଷ ସେଠୀ, ଭରତ ଦାସ, ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବସ୍ତାର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ସାହିତ୍ୟିକଙ୍କ ମଧ୍ୟରେ ଶଙ୍କର କୁମାର କର, କୁମୁଦରଂଜନ ଗିରି, ଶିଶିର ପାଣି, ଶିଶିର ସାହୁ, ସରପଞ୍ଚ ଭବାନୀ ଯେନା, ଧୃତିସୁନ୍ଦର ପଣ୍ଡା, ନରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# କୋଶଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ଗଣ ଧାରଣା

ବଲାଙ୍ଗୀର ,୨/୦୪ (ନି.ପ୍ର): ଆଜି ବଲାଙ୍ଗିର ଜିଲ୍ଲାର ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ତରଫରୁ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଗଣଧାରଣା ଦିଆଯଇଥିବା ବେଳେ କୋସଲି କବି ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ଓ ଅନ୍ୟ ବରିଷ୍ଠ ବୁଦ୍ଧିଜୀବୀମାନେ ଧାରଣା ଦେଇ କୋସଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଦାବୀ କରିଥିଲେ । କୋସଲୀ ସାହିତ୍ୟିକମାନେ ଓଡିଶା ସରକାରଙ୍କ କୋସଲି ବିରୋଧୀ ନୀତିକୁ ସମାଲୋଚନା କରି ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଗଣଧାରଣାରେ କରାଯାଇଥିବା ମୁଖ୍ୟ ଦାବୀଗୁଡ଼ିକ ହେଲା କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ଦିଆଯାଉ, କୋସଲି ଭାଷାରେ ପ୍ରାଥମିକ ଶିକ୍ଷା ଦିଆଯାଉ, କୋସଲି ଭାଷାକୁ ଓଡିଶାର ଦ୍ୱିତୀୟ ସରକାରୀ ଭାଷା କରାଯାଉ, ପଶ୍ଚିମ ଓଡିଶାରେ କୋସଲ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରାଯାଉ ।

# ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ ଆଣିଲେ ମୃତକାଙ୍କ ବାପା

ବସ୍ତା,୨/୦୪ (ନି.ପ୍ର): ସିଂଲାଥାନା ଅନ୍ତର୍ଗତ ସାହାଡା ଗ୍ରାମରେ ଜନୈକା ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ତାଙ୍କ ଶୋଇବା ଘରୁ ଉଦ୍ଧାର ହୋଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ମୃତକା ଙ୍କ ବାପା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅଭିଯୋଗରୁ ପ୍ରକାଶ ଯେ, ସିଂଲାଥାନା ଅନ୍ତର୍ଗତ ସାର୍ଥା ଗ୍ରାମର ରବୀନ୍ଦ୍ର ଦଳାଇଙ୍କ ଝିଅ ସବିତା ସହିତ ସାହାଡା ଗ୍ରାମର ଅଧୀର ଚକ୍ରବର୍ତ୍ତୀଙ୍କ ପୁଅ ବୁଲା ଚକ୍ରବର୍ତ୍ତୀଙ୍କ ସହିତ ବୈଦିକ ରୀତିରେ ବିବାହ ହୋଇଥିଲା । ବିବାହ ପର ଠାରୁ ଶାଶୁଘର ଲୋକେ ବିଭିନ୍ନ ସମୟରେ ଅଧିକ ଯୌତୁକ ଦାବି କରି ସବିତାକୁ ନିର୍ଯ୍ୟାତନା ଦେଇ ଆସୁଥିଲେ । ଗୁରୁବାର ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ଏନେଇ ସବିତାଙ୍କ ପରିବାର ଲୋକଙ୍କୁ ଖବର ଦେବା ପରେ ଝିଅକୁ ସୁପରିକଳ୍ପିତ ହତ୍ୟା କରାଯାଇ ତାକୁ ଆତ୍ମହତ୍ୟା ରୂପ ଦିଆଯାଉଥିବା ନେଇ ମୃତକାଙ୍କ ପିତା ରବୀନ୍ଦ୍ର ଦଳାଇ ଥାନାରେ ଅଭିଯୋଗ କରିଥିଲେ । ଏନେଇ ପୁଲିସ ୮୧/୨୨ ନମ୍ବରର ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ଏମ୍.କେ.ସି. ହାଇସ୍କୁଲରେ ଓଡିଶା ଦିବସ ପାଳିତ



ମୟୂରଭଂଜ,୨/୦୪ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିପୁଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ବିଦ୍ୟାଳୟ ଇକୋ କ୍ଲବ୍ ତରଫରୁ ଓଡିଶା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବ୍ ଶିକ୍ଷକ ଅମିତାଭ ମିଶ୍ର ବକ୍ତବ୍ୟ ଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବିଭିନ୍ନ ମହାପୁରୁଷଙ୍କ ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ ମନୋଜ କୁମାର ପରିଡା ଅମୁଲ୍ୟ କୁମ୍ଭକାର, ରାଜୀବ ଲୋଚନ ଜେନା, ଉପେନ୍ଦ୍ରନାଥ ବେହେରା, ବୁଧୁରାମ ସିଂ ପ୍ରମୁଖ ଓଡିଶା ଦିବସ ପାଳନ ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ର ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମର ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା କର୍ମଚ୍ଚରୀ ଛାତ୍ର ଛାତ୍ରୀମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ ହେବା ସହ ବରପୁତ୍ରଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଳୀ ଜ୍ଞାପନ କରାଯାଇଥିଲା । ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ଭଙ୍ଗାଯିବ ନାହିଁ ଚନ୍ଦ୍ରଶେଖରଙ୍କ ଘର



ସମ୍ବଲପୁର ,୨/୦୪ (ନି.ପ୍ର): କମଲିବଜାର ଗାୟତ୍ରୀ ମନ୍ଦିର ନିକଟରେ ଥିବା ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ଘର ଭଙ୍ଗାଯିବ ନାହିଁ । ତାକୁ ଅଧିଗ୍ରହଣ କରି ଏକ ସ୍ମାରକୀ ଭାବେ ବିକଶିତ କରାଯିବ । ଏହି ଘରେ ମହାତ୍ମା ଗାନ୍ଧୀ ରାତ୍ର ରହଣି କରିଥିବାରୁ ସମଲେଇ ପ୍ରକଳ୍ପ ମଧ୍ୟରେ ଏହା ପର୍ଯ୍ୟଟନର ଅନ୍ୟତମ ଆକର୍ଷଣ ପାଲଟିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି । ଏ ସଂପର୍କରେ ‘ସମ୍ବାଦରେ ଖବର ପ୍ରକାଶ ପାଇବା ପରେ ଏହି ଗୃହକୁ ଏକ ସ୍ମାରକୀ ଭାବେ ବିକଶିତ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲ୍ଲାପାଳ ସେତେବେଳେ କହିଥିଲେ । ଏହାକୁ ଆଉ ଭଙ୍ଗା ନଯାଇ ଐତିହାସିକ ସ୍ମାରକୀ ଭାବେ ସଂରକ୍ଷିତ ରଖାଯିବ ବୋଲି ନିଶ୍ଚିତ କରିଛନ୍ତି । ତେବେ ଉକ୍ତ ଘରେ ରହୁଥିବା ଚନ୍ଦ୍ରଶେଖରଙ୍କ ଦାୟାଦ ମାନଙ୍କୁ ସମଲେଇ ଯୋଜନାର ବିସ୍ଥାପନ ନିୟମ ଅନୁଯାୟୀ ଘର ଛାଡ଼ିବାକୁ ହେବ । ସେମାନଙ୍କଠାରୁ ସରକାର ଏହି କୋଠାକୁ ଅଧିଗ୍ରହଣ କରିବା ପରେ ବିକଶିତ କରିବେ ବୋଲି ଶ୍ରୀ ପରିଡ଼ା ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ, ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଘୁନ୍‌ଘୁଟିପଡ଼ାବାସୀଙ୍କ ବିସ୍ଥାପନ ପ୍ରଶାସନ ପାଇଁ ସବୁଠୁ ବଡ଼ ଚାଲେଞ୍ଜ ଥିଲାବେଳେ ଏହି ସମସ୍ୟାର ସମାଧାନ ହେବାକୁ ଯାଉଛି । ଘୁନଘୁଟିପଡ଼ାବାସୀଙ୍କ ସମସ୍ୟା ଓ ଦାବି ସଂପର୍କରେ ଏକାଧିକ ରିପୋର୍ଟ ପ୍ରକାଶିତ ପାଇଥିଲା । ଏହାପରେ ସେମାନଙ୍କର ଏକ ପ୍ରମୁଖ ଦାବିକୁ ସରକାର ଇତିମଧ୍ୟରେ ଗ୍ରହଣ କରି ନେଇଛନ୍ତି । ଭଙ୍ଗାଯିବାକୁ ଥିବା ସେମାନଙ୍କ ଘର ବାବଦ କ୍ଷତିପୂରଣ ସହ ସେମାନଙ୍କୁ ଦିଆଯିବାକୁ ଥିବା ସରକାରୀ ଆବାସ ବାବଦ ଅର୍ଥ ଏକକାଳୀନ ପ୍ରଦାନ କରିବାକୁ ପଡ଼ାବାସୀ ଦାବି କରି ଆସୁଥିଲେ ଯାହା ରାଜ୍ୟ ସରକାର ମାନି ନେଇଛନ୍ତି । ବର୍ତ୍ତମାନ ପଡ଼ାର ବିସ୍ଥାପିତ ହେବାକୁ ଥିବା ପ୍ରତି ପରିବାରକୁ ସରକାର ପ୍ରଧାନମନ୍ତ୍ରୀ ଆବାସ ବାବଦ ଅର୍ଥ କିସ୍ତିରେ ପ୍ରଦାନ କରିବା ବଦଳରେ ଗୃହନିର୍ମାଣରେ ସୁବିଧା ପାଇଁ ଏକକାଳୀନ ପ୍ରଦାନ କରିବେ । ଏହି ରାଶି ପରିବାର ପିଛା ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି ।

# ଡ଼ଃ ଦୋଳ ଗୋବିନ୍ଦ ଶାସ୍ତ୍ରୀଙ୍କ ଜନ୍ମ ଶତବାର୍ଷିକ ସମାରୋହ

କେନ୍ଦ୍ରାପଡ଼ା,୨/୦୪ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ୍ ଡ଼ଃ ଦୋଳ ଗୋବିନ୍ଦ ଶାସ୍ତ୍ରୀଙ୍କ ଜନ୍ମ ଶତବାର୍ଷିକ ସମାରୋହ ତାଙ୍କ କର୍ମକ୍ଷେତ୍ର କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଡ଼ଃ ଦୋଳ ଗୋବିନ୍ଦ ଶାସ୍ତ୍ରୀ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଡ଼ଃ ବାସୁଦେବ ଦାସ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହା ବିଦ୍ୟାଳୟ ପରିଚାଳନା ସଭାପତି ଡ଼ଃ ବାସୁଦେବ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଶାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଡ଼ଃ ଇଂଞ୍ଜିନିୟର ପ୍ରଭାକର ସ୍ୱାଇଁ ମୁଖ୍ୟ ଅତିଥି, ବିଶିଷ୍ଟ ସନ୍ଥ ମହନ୍ତ ମହାରାଜ ସ୍ୱାମୀ ଶିବାନନ୍ଦ ଜୀ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ପ୍ରଶାସକ ଡ଼ଃ ଧରଣୀଧର ନାଥ, ଡ଼ଃ ଗୋବିନ୍ଦଚନ୍ଦ୍ର ନନ୍ଦ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଡ଼ଃ ଶାସ୍ତ୍ରୀଙ୍କ ସାହିତ୍ୟ ଓ ଶିକ୍ଷାକ୍ଷେତ୍ରକୁ ଅତୁଳନୀୟ ଅବଦାନ ସଂପର୍କରେ ଆଲୋଚନା କରିଥିଲେ । ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ କରିଥିବା ବେଳେ ଡ଼ଃ ସତ୍ୟ ଦାସ ପାରମ୍ଭିକ ସୂଚନା,ଲ ପ୍ରାଧାପକ ପ୍ରମୋଦ କୁମାର ଦାସ ଅତିଥି ପରିଚୟ ଓ ଅଧାପକ ରାଜକିଶୋର ନାଥ ଶର୍ମା ଧନ୍ୟବାଦ ପ୍ରଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାପକ ନନ୍ଦ କିଶୋର ପରିଡା, ଡ଼ଃ ସୁବାଷ ଚନ୍ଦ୍ର ମହାପାତ୍ର, ବ୍ରଜକିଶୋର ଦାସ, ଡ଼ଃ ବାସନ୍ତୀ ମହାନ୍ତିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇ ଥିଲା । ସମାରୋହର ଦ୍ୱିତୀୟ ଅଧିବେଶନରେ କବି ଆଦିକନ୍ଦ ରାଉଳ ଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠ ଉତ୍ସବରେ ଅଧାପିକା ଆରାଧନା ଦାଶ, ଶିକ୍ଷକ ଶୁଭ୍ରାଂଶୁ ଦାସ, କଳ୍ପନା ମଲିକ କବି ପ୍ରମୁଖ ଅତିଥି ମାନେ ବର୍ତମାନ ସାହିତ୍ୟର ଦିଗ ଓ ଦାବି ସଂପର୍କରେ ଆଲୋଚନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ରବିବାର, ୦୩ ଅପ୍ରେଲ, ୨୦୨୨

email : rabibarachayan2015@gmail.com

ରବିବାର ଚୟନ

ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


# ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୬୮

(ପୂର୍ବ ପ୍ରକାଶିତ ଉତ୍ତାରୁ...)

### ସମ୍ବଲପୁରରେ ଅବସ୍ଥାନ (୧୯୨୮-୧୯୩୧)

ତା୧୫-୭-୧୯୨୮ରେ ମୁଁ ସମ୍ବଲପୁରରେ ମୋ କାର୍ଯ୍ୟରେ ଯୋଗଦେଲି । ରାୟ ବାହାଦୂର ସତୀଶଚନ୍ଦ୍ର ମୁଖାର୍ଜୀ ଡେପୁଟି କମିଶନର ଥିଲେ । ତହିଁ ପରଦିନ ଶୁଣାଗଲା ଜନ୍‌ଷ୍ଟନ୍ ସାହେବ (J.Johnston. I.C.S) ଡେପୁଟି କମିଶନର ହୋଇ ଆସୁଅଛନ୍ତି । ଅପରାହ୍ନରେ ଜନ୍‌ଷ୍ଟନ୍ ସାହେବଙ୍କୁ ଭେଟିବାପାଇଁ ଆମ୍ଭେମାନେ - ଅଫିସର୍‌ମାନେ-ସମ୍ବଲପୁର ରୋଡ଼ ଷ୍ଟେସନ୍‌କୁ ଗଲୁଁ । ସାହେବ ଗାଡ଼ିରୁ ଓହ୍ଲାଇବା ସମୟରେ ଲକ୍ଷ୍ୟକଲି ତାଙ୍କ ଆସବାବ ମଧ୍ୟରେ ଗୋଟିଏ ମାତ୍ର ଚମଡ଼ାବାକ୍ସ ଓ ଖଣ୍ଡେ ପୁରାତନ ଆବରଣରେ ବନ୍ଧା ବିଛଣା । ସଙ୍ଗରେ ଜଣେ ଓଡ଼ିଆ ବେହେରା । ଜନ୍‌ଷ୍ଟନ୍ ସାହେବ ବାଲେଶ୍ୱରରେ କଲେକ୍ଟର ଥିଲେ । ତାଙ୍କ ସମ୍ବନ୍ଧରେ ଶୁଣାଗଲା- ସେଠାରେ କେତେକ ଅଞ୍ଚଳରେ ଦୁର୍ଭିକ୍ଷ ହୋଇଥିଲା ବୋଲି ସରକାରଙ୍କଠାରୁ ସେ ଲୋକଙ୍କ ସକାଶେ ସାହାଯ୍ୟ ଲୋଡ଼ିଥିଲେ । କିନ୍ତୁ ସରକାର ତାହା ଆଗ୍ରାହ୍ୟ କରିଥିଲେ । ତଥାପି ସେ ସେହି ଅଞ୍ଚଳରେ ଦୁର୍ଭିକ୍ଷ ପ୍ରଚାର କରିଥିଲେ ଓ ଏହି ଦୋଷରେ ତାଙ୍କୁ ତାଙ୍କ ପଦରୁ ବରଖାସ୍ତ କରାହୋଇଥିଲା । ପରେ ଅପିଲ୍ କରି ତାଙ୍କ ପଦ ପୁଣି ପାଇ ସମ୍ବଲପୁରକୁ ଡେପୁଟି କମିଶନର ହୋଇ ଆସିଥିଲେ ।

ସମ୍ବଲପୁର ଜିଲ୍ଲାରେ ବରପାଲି ଗୋଟିଏ ବିଶିଷ୍ଟ ଜମିଦାରୀ । ଏହା କବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ । ସେହି ସମୟରେ ଜମିଦାର ସୂର୍ଯ୍ୟୋଦୟ ସିଂହଙ୍କ ମୃତ୍ୟୁ ହୋଇଯାଇଥିଲା ଓ ତାଙ୍କର ପୁରୁଷ ଉତ୍ତରାଧିକାରୀ କେହି ନଥିବାରୁ ଜମିଦାରୀ ସରକାରଙ୍କ ତତ୍ତ୍ୱାବଧାନରେ (କୋର୍ଟ ଅଫ୍ ୱାର୍ଡ୍‌ସ) ରହିଥିଲା । ଜମିଦାରଙ୍କ ପରିବାରରେ ତାଙ୍କ ପତ୍ନୀ, ଗୋଟିଏ ଅବିବାହିତା ଭଉଣୀ, ବୃଦ୍ଧା ମାତା ଓ ଦୁଇଗୋଟି ଉପପତ୍ନୀ (ଭିତିରେଇ) ଭିନ୍ନ ଆଉ କେହି ନଥିଲେ । ଜମିଦାରୀ ତତ୍ତ୍ୱାବଧାନର ପ୍ରତ୍ୟକ୍ଷ ଭାରତ ଜଣେ ଡେପୁଟି କଲେକ୍ଟରଙ୍କ ହସ୍ତରେ ନ୍ୟସ୍ତଥାଏ । ଡେପୁଟି କଲେକ୍ଟର ଶ୍ରୀ ନାରାୟଣ ନନ୍ଦ ଏହି ଭାରପ୍ରାପ୍ତ ହୋଇଥିଲେ । ଜମିଦାରଙ୍କ ବୃଦ୍ଧମାତା ତାଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରିବାରୁ ଜନ୍‌ଷ୍ଟନ୍ ସାହେବ ମୋ ଉପରେ ସେହି ଭାର ଅର୍ପଣ କଲେ । କେତେକ ଦିନ ପରେ ଦେଖିଲି, ମୋ' ପ୍ରତି ସୁଦ୍ଧା ତାଙ୍କ ଅସନ୍ତୋଷ ଜାତହେଲା । ସ୍ୱର୍ଗତ ଜମିଦାରଙ୍କ ପତ୍ନୀ ଅତ୍ୟନ୍ତ ସରଳପ୍ରକୃତି ବିଶିଷ୍ଟା ଅଳ୍ପବୟସ୍କା ଯୁବତୀ । କନ୍ୟା ବିବାହଯୋଗ୍ୟା ହୋଇଥିଲେ ହେଁ ତାଙ୍କୁ ବିବାହ କରିଦେବାପାଇଁ ଯେତେ ପରାମର୍ଶ ଦେଲେ ମଧ କନ୍ୟାକୁ ଛାଡ଼ିବା ମାତାଙ୍କ ମନକୁ ଆସେନାହିଁ । ତାଙ୍କ ଏକମାତ୍ର ଇଚ୍ଛା, ସେ ଜମିଦାରୀ ଭାର ଗ୍ରହଣ କରିବେ । ସମ୍ବଲପୁରର ପଞ୍ଚମ ରାଜା ବଳିୟାର ସିଂହ ୧୫୮୨ ଖ୍ରୀଷ୍ଟାବ୍ଦରେ ତାଙ୍କ କନିଷ୍ଠପୁତ୍ର ବିକ୍ରମ ସିଂହଙ୍କୁ ବରପାଲି ଇଲାକା ଭରଣପୋଷଣ ସକାଶେ ଦେଇଥିଲେ । ଉତ୍ତରାଧିକାରୀ ଅଭାବରେ ତାଙ୍କ ବଂଶ ବର୍ତ୍ତମାନ ଲୁପ୍ତ । ମୁଁ କିଛିଦିନ ଚଳାଇଲା ପରେ ମୋ ହସ୍ତରୁ ଏହା ନିଆଯାଇ ଅନ୍ୟ ଜଣେ ଡେପୁଟି କଲେକ୍ଟରଙ୍କ ହସ୍ତରେ ଅର୍ପିତ ହେଲା । କିଛିଦିନ ଉତ୍ତାରେ ଜମିଦାରଙ୍କ ବିଧବା ପତ୍ନୀଙ୍କ ଅକାଳ ମୃତ୍ୟୁ ହେଲା । କେହି କେହି କହିଲେ ସେ ଆତ୍ମହତ୍ୟା କରିଥିଲେ । ବୃଦ୍ଧା ମାତା ମଧ ଇହଧାମ ତ୍ୟାଗକଲେ । ବୌଦର ରାଜପରିବାରର ଗୌରୀକୁମାର ଦେଓଙ୍କ ସହିତ ଜମିଦାରଙ୍କ ଭଗିନୀଙ୍କ ବିବାହ ହେଲା । ଗୌରୀକୁମାର ଦେଓ ତାଙ୍କ ସହିତ ବରପାଲିରେ ରହିଥିଲେ । କିନ୍ତୁ ସେ ଦିନେ ରାତ୍ରିରେ ଗୃହତ୍ୟାଗ କଲେ । ସେ ଫେରିଲେ ନାହିଁ । ତପ୍ରେ ଭଗିନୀ ବରପାଲି ତ୍ୟାଗକରି ଇତସ୍ତତଃ ଭ୍ରମଣକଲେ ଓ ପରିଶେଷରେ ପୁରୀରେ ଗୋଟିଏ ଘର କ୍ରୟକରି ସେଠାରେ ରହୁଥିବା ସମୟରେ ସେଠାରେ ତାଙ୍କ ମୃତ୍ୟୁ ହେଲା । ଏହି ପ୍ରକାରେ ଜମିଦାର ବଂଶ ଲୁପ୍ତ ହେଲା । ଜମିଦାରୀ ଦାବି କରି ପାଟଣା ମହାରାଜା, ସୋନପୁର ମହାରାଜା, ଝାରସୁଗୁଡ଼ା ମାଫିଦାର ଶ୍ରୀ ହରିବଂଶ ସିଂହ ଓ ଆଉ କେତେ ବ୍ୟକ୍ତି ମୋକଦ୍ଦମା କଲେ । ସେହି ମୋକଦ୍ଦମାରେ ସମ୍ବଲପୁରର ସବଜଜ୍‌ଙ୍କ ଅଦାଲତରେ ସୋନପୁର ମହାରାଜା ଜମିଦାରୀ ପ୍ରାପ୍ତ ହୋଇଥିଲେ । ୧୯୬୦ ମସିହାରେ ଅପିଲ୍‌ରେ ଓଡ଼ିଶା ହାଇକୋର୍ଟ ଝାରସୁଗୁଡ଼ା ମାଫିଦାର ଶ୍ରୀ ହରିବଂଶ ସିଂହଙ୍କ ପକ୍ଷରେ ଦାବି ମୀମାଂସା କଲେ । ଏହା ବିରୁଦ୍ଧରେ ସୋନପୁର ମହାରାଜାଙ୍କ ଅପିଲ ସୁପ୍ରିମକୋର୍ଟରେ ହୋଇଥିଲା । ତାହା ପକ୍ଷମାନଙ୍କ ଆପୋଷ ମୀମାଂସାନୁସାରେ ନିଷ୍ପତ୍ତି ହୋଇଅଛି । ଏହି ଅନୁସାରେ ଜମିଦାରୀ ସୋନପୁର ମହାରାଜା ଛଅପଣ, ହରିବଂଶ ସିଂହ ଛଅପଣ ଓ ବରପାଲିରେ ଥିବା ଜଣେ ଅଂଶୀଦାର ଚାରିପଣ ଗ୍ରହଣ କରିଅଛନ୍ତି ।

୧୯୨୮ ମସିହା ଡିସେମ୍ବର ମାସରେ ଅପର ଜମିଦାରୀ ଘେସ୍‌ର ଜମିଦାର ରଘୁନାଥ ସିଂହଙ୍କ ପରଲୋକ ପ୍ରାପ୍ତିହେଲା ଓ ତାଙ୍କ ଏକମାତ୍ର ପୁତ୍ର ଯୋଗେନ୍ଦ୍ର ସିଂହ ନାବାଳକ ଥିବାରୁ ତାହା ମଧ କୋର୍ଟ ଅଫ୍ ୱାର୍ଡ୍‌ସ୍ ଅଧୀନରେ ରହିଲା ଏବଂ ତହିଁର ତତ୍ତ୍ୱାବଧାନର ଭାର ମୋ ଉପରେ ଅର୍ପିତ ହେଲା । ଘେସ୍ ଗୋଟିଏ କ୍ଷୁଦ୍ର ଜମିଦାରୀ । ଆୟପ୍ରାୟ ଆଠହଜାର ଟଙ୍କା ମଧରେ । ଜମିଦାର ପରିବାର ମଧରେ ତାଙ୍କ ତିନି ସ୍ତ୍ରୀ, ବୃଦ୍ଧ ମାତା, ନାବାଳକ ପୁତ୍ର । ଗୋଟିଏ କନ୍ୟା ବିବାହିତା; କିନ୍ତୁ ମସ୍ତିଷ୍କ ବିକୃତି ଯୋଗୁଁ ପିତ୍ରାଳୟରେ ରହିଥିଲେ । ଜମିଦାର ରଘୁନାଥ ସିଂହ କେତେକ ଋଣ କରିଯାଇଥିଲେ । ଏହି ଋଣ ପରିଶୋଧ ସକାଶେ ଜମିଦାର ପରିବାରର ବ୍ୟୟସଂକୋଚ ଏକମାତ୍ର ଉପାୟ । ହେଇଥିଲା । ପରିବାରର ଭରଣପୋଷଣ ସକାଶେ ନିଜ ଚାଷଜମି ଉପରେ ନିର୍ଭର କରିବାକୁ ହୋଇଥିଲା । ନାବାଳକ ଜମିଦାର ପିତାଙ୍କ ମୃତ୍ୟୁ ସମୟରେ ବରଗଡ଼ ହାଇସ୍କୁଲରେ ଅଧୟନ କରୁଥିଲେ । ତାଙ୍କ ମାତା ଓ ପିତାମହୀ ପାଠ ବନ୍ଦକରି ତାଙ୍କୁ ଘରେ ରଖିବା ପାଇଁ ପ୍ରସ୍ତାବରେ ମୁଁ ବାଧା ଦେଲି ଓ ସେ ମେଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପର୍ଯ୍ୟନ୍ତ ସ୍କୁଲରେ ରହିଲେ । ଜମିଦାରୀ ପ୍ରାପ୍ତି ଉତ୍ତାରେ ସେ ଉତ୍ତମରୂପେ ଜମିଦାରୀ ପରିଚାଳନାଦ୍ୱାରା, ନିଜ ଅବସ୍ଥା ସ୍ୱଚ୍ଛଳ କରିପାରିଥିଲେ ଓ ଇଂରେଜ ସରକାରଙ୍କ ଦ୍ୱାରା 'ରାୟ ସାହେବ' ଉପାଧିରେ ସମ୍ମାନିତ ହୋଇଥିଲେ ।

ସମ୍ବଲପୁରରେ ମୁଁ ଡେପୁଟି କଲେକ୍ଟର ହୋଇ ୧୯୨୮ ମସିହା ଜୁଲାଇରୁ ୧୯୩୧ ମସିହା ଜୁନ୍‌ମାସ ପର୍ଯ୍ୟନ୍ତ ରହିଲି । ମୁଁ ପାଟଣା ଷ୍ଟେଟ୍ ଅଧିବାସୀ; କିନ୍ତୁ ବର୍ତ୍ତମାନ ମୁଁ ସମ୍ବଲପୁରରେ ଚିରସ୍ଥାୟୀ ଅଧିବାସୀ ହୋଇ ରହିବା ପାଇଁ ଚେଷ୍ଟାରେ ରହିବାକୁ ଲାଗିଲି । ସେହି ସମୟରେ ଗଡ଼ଜାତବାସୀଙ୍କ ଜୀବନ ଯେଉଁ ପ୍ରଣାଳୀରେ ନିୟନ୍ତ୍ରିତ ହେଉଥିଲା ସେହି ବିଷୟ ଭାବନା କରି ଏତେ ଦୀର୍ଘକାଳ ଇଂରେଜ ଶାସିତ ଅଞ୍ଚଳରେ ରହି ପୁଣି ଗଡ଼ଜାତକୁ ଫେରିଯିବା ଯେ କେଡ଼େ କଷ୍ଟକର ତାହା ହୃଦୟଙ୍ଗମ କରୁଥିଲି । ମୁଁ ନିଜେ ସମ୍ବଲପୁରରେ ବିବାହ କରି ଏଠାରେ ପରିଚିତ ହୋଇଯାଇଥିଲି । ଜ୍ୟେଷ୍ଠା କନ୍ୟା ମନୋରମାର ଓ ଦ୍ୱିତୀୟ କନ୍ୟା ତିଲୋତ୍ତମାର ବିବାହ ସମ୍ବଲପୁର ସହରରେ ହୋଇଯାଇଥିଲା । ତୃତୀୟା କନ୍ୟା ଅନୁପମାର ବିବାହ ମଧ ୧୯୨୯ ମସିହା କାର୍ତ୍ତିକ ମାସରେ ଏହିଠାରେ ସମ୍ପନ୍ନ ହେଲା । ଅପ୍ରାପ୍ତବୟସ୍କ ଥିଲେ ମଧ ପୁତ୍ର ସତ୍ୟଗୋପାଳର ବିବାହ ସକାଶେ ସେହି ସମୟରେ ପ୍ରଥାନୁସାରେ ପାତ୍ରୀ ସ୍ଥିର କରି ନିର୍ବନ୍ଧ କରିପକାଇଲି । ଇତି ପୂର୍ବେ ସମ୍ବଲପୁର ସହରର କ୍ରାଫୋର୍ଡ ପାର୍କ ନିକଟରେ ୧୯୧୭ ମସିହାରେ ଖଣ୍ଡେ ନଜୁଲ (ଖାସମାହାଲ) ଜମି ନେଇ ତାହା ଉପରେ ଗୋଟିଏ ଛୋଟ କୋଠାଘର ନିର୍ମାଣ କରିଥିଲି । କିନ୍ତୁ ତାହା ବନ୍ଧୁବାନ୍ଧବଙ୍କ ଆବାସରୁ ଦୂରରେ ଓ ଚତୁର୍ଦ୍ଦିଗରେ ବିଦେଶୀୟଙ୍କ ବାସସ୍ଥାନ ଥିବା ଓ ଅନେକ ସମୟରେ ମୋତେ ପରିବାର ଛାଡ଼ି ଅନ୍ୟତ୍ର ବହୁଦିନ ପର୍ଯ୍ୟନ୍ତ ଯାଇ ରହିବାକୁ ହେଉଥିବାରୁ ବନ୍ଧୁବାନ୍ଧବଙ୍କ ନିକଟରେ ରହିବା ନିତାନ୍ତ ଆବଶ୍ୟକ ବୋଧକରି ସହର ମଧରେ ଅନ୍ୟ ଗୋଟିଏ ଗୃହ ନିର୍ମାଣ ପାଇଁ ଆୟୋଜନ କରିବାକୁ ଲାଗିଲି । (କ୍ରମଶଃ)

# ପର୍ଦ୍ଦା ପଛର କଥା

**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।**



ଭାଗ- ୪୨

## ॥ ପ୍ରେମକୁ ନେଇ ॥

ଚଳଚ୍ଚିତ୍ରଟିର କାହାଣୀ ନିର୍ବାଚନ ପରେ ପ୍ରକୃତ ଟେନ୍‌ସନ୍ ଟାଇଟିଲ୍ ବା ଶୀର୍ଷକକୁ ନେଇ । ପ୍ରାୟତଃ ପ୍ରେମ କିମ୍ୱା ପ୍ରେମ ସଂପର୍କୀତ ଶବ୍ଦକୁ ନେଇ କିଛି କିଛି ଚିନ୍ତା କରାଯାଏ ଅଥବା ସଂସାର, ଜୀବନକୁ ନେଇ ଶୀର୍ଷକ ପାଇଁ ଘଣ୍ଟାଚକଟା ଚାଲେ । ଆଗରୁ କହିଛି ଶୀର୍ଷକ ନିର୍ଣ୍ଣୟ କରିବା ମୋ ପକ୍ଷରେ କଷ୍ଟକର ବ୍ୟାପାର ।

'ପ୍ରେମରୋଗୀ'ର ସଫଳତା ପରେ ପ୍ରଯୋଜକ ନାରାୟଣ ନାୟକ ଚିନ୍ତା କଲେ ସେଇ ପ୍ରେମକୁ ନେଇ ଅନ୍ୟ କିଛି ରୋଚକ ଶୀର୍ଷକ ଦିଆଯିବ । ପ୍ରଥମେ ଟାଇଟିଲ୍ ପରେ କାହାଣୀ । ଇଏ ବଡ଼ ବିଚିତ୍ର କଥା । ତଥାପି ଟାଇଟିଲ୍ ଖୋଜା ଚାଲିଲା । ତେବେ ଏଥରକ ପ୍ରେମରୋଗୀର ଟେକ୍ନିସିଆନ୍ କଳାକାରଙ୍କୁ ଆଉ ରିପିଟ୍ କରିବାକୁ ଚାହୁଁନଥିଲେ ପ୍ରଯୋଜକ କେବଳ ମତେ ଛାଡ଼ି । ଏଥରକ ନିର୍ଦ୍ଦେଶକ ଭାବରେ ଚଣ୍ଡୀ ପରିଜାଙ୍କୁ ନେବାଲାଗି ମନସ୍ଥ କରାଗଲା । କାହାଣୀ ପ୍ରସ୍ତୁତ ହେଲା । ମୁଁ କଟକ ଗଲି ଚଣ୍ଡୀ ବାବୁଙ୍କ ସହ ଯୋଗାଯୋଗ ତଥା ସ୍କ୍ରିପ୍ଟ ପ୍ରସ୍ତୁତ ପାଇଁ । ଯଦିଓ 'ପ୍ରେମରୋଗୀ'ର ସଂଗୀତ ଖୁବ୍ ଭଲଥିଲା, ତଥାପି ପ୍ରଯୋଜକ ନିର୍ଣ୍ଣୟ କଲେ ପ୍ରଶାନ୍ତ ପାଢ଼ୀଙ୍କ ବଦଳରେ ପ୍ରେମାନନ୍ଦଙ୍କୁ ନେବାପାଁ । କାରଣ ପ୍ରଯୋଜକ ଭାବରେ ବ୍ୟାଣ୍ଡପାର୍ଟିରେ ଗୀତ ନବାଜିଲେ ହିଟ୍ ସାବ୍ୟସ୍ତ ହୁଏନା । କେବଳ 'ପ୍ରେମରୋଗୀ'ର ପ୍ରଯୋଜକ ନୁହଁନ୍ତି ଅଧିକାଂଶ ପ୍ରଯୋଜକ ମାନଙ୍କର ଏଭଳି ଏକ ବଦ୍ଧମୂଳ ଧାରଣା ରହିଆସିଛି । ମୁଁ କିନ୍ତୁ ଏହା ସହିତ ଏକମତ ହୋଇପାରେନା । ତେବେ ସେ ଯାହାହେଉ ଚଣ୍ଡୀ ପରିଜାଙ୍କ କଟକସ୍ଥିତ ବାସଭବନକୁ ମୁଁ ମୋ ମାରୁତି କାର୍‌ରେ ଦୁଇଥର ଗଲି । କାହାଣୀ ଆଲୋଚନା ହେଲା । ଚଣ୍ଡୀବାବୁ ହୁଏତ ମୋ ବଦଳରେ ଅନ୍ୟଜଣେ ଲେଖକଙ୍କୁ ନେବାକୁ ଚାହୁଁଥିଲେ । କିନ୍ତୁ ପ୍ରଯୋଜକ ମତେ ଚାହୁଁଥିଲେ । ତେବେ କାହାଣୀ ଆଗେଇବା ପୂର୍ବରୁ ନାରାୟଣ ବାବୁ ସେ ପ୍ରୋଜେକ୍ଟରୁ ଓହରିଗଲେ । ବୋଧହୁଏ ଡାଇରେକ୍ଟରଙ୍କ ସହ କମ୍ଫର୍ଟେବଲ୍ ଅନୁଭବ କରିପାରିଲେ ନାହିଁ । ସେ ପ୍ରୋଜେକ୍ଟଟି ସେଇଟି ଅଧା ପନ୍ତରିଆ ଭାବରେ ପଡ଼ି ରହିଲା । ପ୍ରେମାନନ୍ଦ କିଛି ଗୀତର ଟ୍ୟୁନ୍ ଆରମ୍ଭ କରିଦେଇଥିଲେ । ଚଣ୍ଡୀବାବୁଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ମୋଠୁ ଦୂରେଇଗଲା । ଚଣ୍ଡୀବାବୁ ଜଣେ ଅଭିଜ୍ଞ ନିର୍ଦ୍ଦେଶକ ଓ ବୈଷୟିକ ଜ୍ଞାନ ଢ଼େର୍ । ମୋ କ୍ୟାରିୟର ଭିତରେ ଏମିତି ଅନେକ ଥର ଘଟିଛି । ବରିଷ୍ଠରୁ ଆରମ୍ଭ କରି କନିଷ୍ଠ, ପୁରାତନରୁ ନବୀନ ସବୁ ନିର୍ଦ୍ଦେଶକଙ୍କ ପାଖରେ ମୁଁ ପ୍ରାୟତଃ କାମ କରିବାର ସୁଯୋଗ ପାଇଛି ମାତ୍ର କେଇଜଣଙ୍କୁ ଛାଡ଼ି । ଚଣ୍ଡୀବାବୁଙ୍କ ପରି ନିର୍ଦ୍ଦେଶକ ବନ୍ଧୁ ସଞ୍ଜୟ ନାୟକଙ୍କ ସହ ଦୁଇଦୁଇଥର କାର୍ଯ୍ୟ କରିବାର ସୁଯୋଗ ପାଇଁ ମଧ ଫଳବତୀ ହୋଇ ପାରିନଥିଲା । ଥରେ ଜଣେ ପ୍ରଯୋଜକଙ୍କ ଅନୁରୋଧରେ ଗୀତ ଲେଖିବା ପାଇଁ ସଞ୍ଜୟ ନାୟକ ମତେ ନିମନ୍ତ୍ରଣ କଲେ । ମଳୟ ମିଶ୍ରଙ୍କ ସଂଗୀତ ନିର୍ଦ୍ଦେଶନାରେ କାର୍ଯ୍ୟ ଚାଲିଥାଏ । ମୋର ମଳୟ ବାବୁଙ୍କ ସହ 'ବାହୁଡ଼ିବେ ମୋ ଜଗା ବଳିଆ' ଚଳଚ୍ଚିତ୍ରରେ ଭଲ ଯୋଡ଼ି ଜମିଥାଏ । ଚଳଚ୍ଚିତ୍ରଟିରେ ମୁଁ ଗୋଟିଏ ଗୀତ ଲେଖିଥିଲି । ମାତ୍ର କୌଣସି କାରଣରୁ ସଂଗୀତ ସ୍ତରରେ ହିଁ ଚଳଚ୍ଚିତ୍ରଟି ଅଟକି ଯାଇଥିଲା । ଅନ୍ୟ ଏକ ସମୟରେ ସଂଜୟ ନାୟକ ଭୁବନେଶ୍ୱରର ଜଣେ ପ୍ରଯୋଜକଙ୍କ ଚଳଚ୍ଚିତ୍ର ନିର୍ମାଣ ପାଇଁ ଚୁକ୍ତିବଦ୍ଧ ହେଲେ ଓ ମୋତେ ଏହାର ସଂଳାପ ଲେଖିବାକୁ କହିଲେ । ମାତ୍ର ସେ ଚଳଚ୍ଚିତ୍ରଟି ମଧ ହୋଇ ପାରିଲା ନାହିଁ । ଏହାକୁ ଏକ ସଂଯୋଗ ବୋଲି କୁହାଯାଇ ପାରେ ।

'ପ୍ରେମରୋଗୀ'ର ପ୍ରଯୋଜକ ନାରାୟଣ ନାୟକ, ବନ୍ଧୁ ସନ୍ତୋଷ ଭୂୟାଁ ଓ ମୁଁ ବସି ସ୍ଥିର କଲୁ ସୁଧାକର ବସନ୍ତଙ୍କୁ ନିର୍ଦ୍ଦେଶକ ଭାବରେ ନେବୁ । 'ମିତରେ ମିତ' ପରେ ସୁଧାକରଙ୍କ ହାତରେ ନିର୍ଦ୍ଦେଶନା ପାଇଁ ସୁଯୋଗ ଆସି ନଥାଏ । ସୁଧାକର ତତ୍‌କ୍ଷଣାତ୍ କାହାଣୀଟିଏ ଶୁଣାଇଲେ, କାହଣୀଟି ଭଲ ଲାଗିଲା । ତେଲୁଗୁ ଚଳଚ୍ଚିତ୍ରର କାହାଣୀ । ଟାଇଟିଲ୍ ଫାଇନାଲ୍ ହୋଇଗଲା । 'ପ୍ରେମ ଅଢ଼େଇ ଅକ୍ଷର' କାହାଣୀଟି ବେଶ୍ ରୋଚକ ଥିଲା । ବାବୁସାନ୍ ନାୟକ ଭାବରେ ଚୁକ୍ତିବଦ୍ଧ ହେଲେ । ନବାଗତ ନାୟିକା ଚୟନ ନିମନ୍ତେ ପ୍ରୟାସ ଜାରି ରହିଥିଲା । ଇଭେଣ୍ଟ ମ୍ୟାନେଜର ମୁନା ମୋବାଇଲରେ ବାଲେଶ୍ୱରର ଝିଅ ରିୟାଙ୍କ ଫଟୋ ଦେଖାଇଲେ । ଆମ ସମସ୍ତଙ୍କୁ ଭଲ ଲାଗିଲା । ରିୟାଙ୍କୁ ଫାଇନାଲ୍ କରାଗଲା । ରିୟାଙ୍କର ପୂର୍ବରୁ ଅଭିନୟର କୌଣସି ଅଭିଜ୍ଞତା ନଥିଲା । ମାତ୍ର ନିର୍ଦ୍ଦେଶକ ସୁଧାକର ସବୁ ପ୍ରକାର ରିସ୍କ ନେବାକୁ ପ୍ରସ୍ତୁତ ଥିଲେ । ଚମତ୍କାର ପ୍ରେମ କାହାଣୀ । ଫ୍ୟାମିଲି ସେଣ୍ଟିମେଣ୍ଟ ବି ଖୁନ୍ଦାଖୁନ୍ଦି ହୋଇ କାହାଣୀରେ ଥିଲା । ବିଜୟ ମହାନ୍ତି, ମିହିର ଦାସ ଓ ଓଲିଉଡ୍‌ର ପ୍ରାୟ ଡଜନେ ସରିକି ପ୍ରତିଷ୍ଠିତ କଳାକାରଙ୍କୁ ନେଇ ଚଳଚ୍ଚିତ୍ରଟି ପ୍ରସ୍ତୁତ ହୋଇଥିଲା । ସନ୍ତୋଷ ଭୂୟାଁଙ୍କ ସହିତ ମୁଁ ମଧ ଏକ ଅତିଥି ଚରିତ୍ରରେ ଅଭିନୟ କରିଥିଲି । ତେଲୁଗୁ ଚଳଚ୍ଚିତ୍ରର ରିମେକ୍ କହିଲେ ଅତ୍ୟୁକ୍ତି ହେବନାହିଁ । କେବଳ ଆମ ସଂସ୍କୃତିକୁ ଲକ୍ଷ୍ୟ କରି କିଛି ପରିବର୍ତ୍ତନ କରାଯାଇଥିଲା ।

ଏହି ଚଳଚ୍ଚିତ୍ରଟିର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ମଳୟ ମିଶ୍ର । ମୂଳ ଚଳଚ୍ଚିତ୍ରର ଗୋଟିଏ ଗୀତର ଟ୍ରାକ୍‌କୁ ଅବଶ୍ୟ ପରବର୍ତ୍ତୀ ସମୟରେ ସଂଯୋଜିତ କରାଯାଇଥିଲା । କାହାଣୀ ଭିନ୍ନ ଧରଣର ପ୍ରେମକୁ ନେଇ ଆଧାରିତ ଥିଲା । ବାବୁସାନ୍‌ଙ୍କ ପୂର୍ବର ହାଲ୍‌କା ଫୁଲ୍‌କା ଚରିତ୍ର ବଦଳରେ ଡ୍ରାମାଧର୍ମୀ ଅଭିନୟ ଦେଖିବାକୁ ମିଳିଥିଲା । ରିୟା ନବାଗତ ଭାବରେ ଭଲ ଅଭିନୟ କରିଥିଲେ । ରାକ୍ଷୀ, ରିୟାଙ୍କ ପାଇଁ ଭଏସ୍ ଡବିଂ କରିଥିଲେ ଯାହାକି ରିୟାଙ୍କ ଅଭିନୟକୁ ଅନେକାଂଶରେ ଜୀବନ୍ତ କରିଥିଲା । ଚଳଚ୍ଚିତ୍ରଟି ଏକ ବ୍ୟୟବହୁଳ ଚଳଚ୍ଚିତ୍ର ଭାବରେ ପରିଗଣିତ ହୋଇଥିଲା । ୨୦୧୦ ମସିହା ଅକ୍ଟୋବର ୧୦ ତାରିଖରେ ମୁକ୍ତିଲାଭ କରି ହିଟ୍ ସାବ୍ୟସ୍ତ ହୋଇଥିଲା । (କ୍ରମଶଃ)

# ଆମ ସମୟର କବିତା.....

## ॥ ନିଃସଂଗ ପଥିକ ॥

### ରତ୍ନାକର ରାଉତ



ଅଂଧ ମମତାରେ କାହିଁକି
ଛନ୍ଦୁଛ ମୋର ପାଦ,
ସ୍ନେହର ବଂଧନୀରେ କାହିଁକି
ବେଢ଼ାଇ ଧରୁଛ ମୋର ଗଳା ?

ମୁଁ ଜାଣେ, ଶାବକମାନେ ଉଡ଼ିଯିବେ
ଅନନ୍ତ ଆକାଶର ଅଂଗନରେ ଦିନେ
ନିଜ ନିଜର ପଥ ଖୋଜିଖୋଜି,
ତୁମେ କେବେ ହଠାତ୍
ଅନ୍ତର୍ଦ୍ଧାନ ହୋଇଯିବ
ଅପରାହ୍ନର ଏକ ନିଷ୍ଠୁର ଛାଇ ଭଳି ।

ଫୁଲର ଫସଲକୁ ଗ୍ରାସ କରିଯିବ
ଅଦିନ କୁହୁଡ଼ି ।
କମନୀୟ ଉଲ୍ଲାସରେ ଲାଗିଯିବ
ବିରହର ଘୁଣପୋକ,
ଉଦାସ ଆଖିରୁ ହଜି ସାରିଥିବ
ଅଯୁତ ଯୁଗର କାହାଣୀ,
ମୁଖଚନ୍ଦ୍ରକୁ ଢାଙ୍କିଥିବ
ବିଷାଦର କଳାବାଦଲ ।

ସେତେବେଳେ ସ୍ୱପ୍ନର ସୌଦାଗର
ଜୀବନର ବେଳାଭୂମିରୁ
ଆଉ ସାଉଁଟିବନି ବଂଚିବାର
କୁନି କୁନି ଉପଲଖଣ୍ଡ,
ସେ ପାଲଟିଯିବ ଏକ ନିଃସଂଗ ପଦାତିକ ।

ନା ଥିବ ରାଜାର ସାମ୍ରାଜ୍ୟ,
ନା ଗଦଦନ୍ତ ପଲଙ୍କ,
ରାଜ ଅନ୍ତଃପୁରର ଐଶ୍ୱର୍ଯ୍ୟ,
କୁଟିଳ କୁନ୍ତଳା କାମକେଳି
କଳଙ୍କ ରାସରଂଗ ।
ରାଜପ୍ରସାଦ ଶୂନ୍ୟ, ଅନ୍ତଃପୁରଶୂନ୍ୟ,
ଚତୁଃପାର୍ଶ୍ୱରେ
ଉଜ୍ଜ୍ୱଳ ଆଲୋକର ରୋଷଣୀ ଭିତରେ
ଯେପରି ସୂଚୀଭେଦ୍ୟ ଅଂଧକାରର ରାଜତ୍ୱ,
ନିର୍ଜନ, ନିସ୍ୱନ ଶ୍ମଶାନର
ନିଥର ନୀରବତା ।

ବିଶାଳ ସାମ୍ରାଜ୍ୟର ଅଧିପତି
କାଳର କରାଳ ବୁକୁରେ
ସବୁକିଛି ହଜେଇ ଦେଇ
ଉତ୍ତପ୍ତ ସାହାର ବୁକୁରେ
ନିଃସଂଗ ପଥିକ, ଏକୁଟିଆ...
ବିବଶ ପଥଚାରୀ ।

ତଥାପି ସେ ହସୁଛି, ବିମର୍ଷ ହସ ନୁହେଁ
ପ୍ରଳାପ କରୁଛି, ପାଗଳର ପ୍ରଳାପ ନହେଁ,
ସତ୍ୟର ଅନୁସନ୍ଧିତ୍ସା କରୁକରୁ
ପ୍ରାପ୍ତିର ଆନନ୍ଦରେ ଅଧୀର,
ଜିଜୀବିଶାରୁ ଜୀଇଁବାର ଇଚ୍ଛା
ଏକୁଟିଆ ଫେରିଯିବାର ସ୍ପର୍ଦ୍ଧାରେ
ଉଦ୍‌ବେଳିତ,
ଉଚ୍ଚାଟିତ ଓ ଆଲୋଡନର
ଅତିଶୟତାରେ ଉତ୍‌ଫୁଲିତ ।

ସେ ଖୋଜି ପାଇଛି ସେହି
ଚିରୁଡ଼ାଏ ସତ୍ୟ,
ସଭିଏଁ ଆସି ନଥିଲେ ସାଥିରେ,
ଆସିଥିଲେ ଏକା ଏକା,
ଫେରିବେ ଏକା ଏକା

ମୁଁ ଥିଲି, ଥିବି,
ଆସୁଥିବି, ଫେରୁଥିବି
ପୁଣି ଆସୁଥିବି ଫେରି ଏଠାକୁ,
ସେ ମୋ ଭିତରେ ବାରମ୍ବାର
ଆତ୍ମ ପ୍ରକାଶ କରୁଥିବ
ଏବଂ ଅନୁଭବ କରୁଥିବ ମୁଁ ଅଛି ।
ସେ ଏମିତି ଆସୁଥିବ ଏକାକୀ
ଓ ଫେରୁଥିବ ନିଃସଂଗ ହୋଇ
ଏକୁଟିଆ, ଏକାନ୍ତରେ ଏକଲା ।


ପ୍ଲଟ ନଂ-୭୬୭ (ପି)
ଜୟଦୁର୍ଗା ନଗର, ଲକ୍ଷ୍ମୀସାଗର
ଭୁବନେଶ୍ୱର-୬


## ॥ ଯୁଦ୍ଧ ବୋଲି ଶବ୍ଦଟିଏ ॥

### ସତ୍ୟରଂଜନ ପ୍ରହରାଜ



ଉନବିଂଶ ଶତାବ୍ଦୀରେ ଜନ୍ମ ମୋର
ଯୁଦ୍ଧ କହିଲେ ବୁଝେ ମୁଁ
ଏକ ଯୁକ୍ତାକ୍ଷର, ଏକ କାହାଣୀ
ଏକ କଳ୍ପଚିତ୍ର, ଏକ ପୁରାଣ
ଏକ ଭଗ୍ନ ମନ୍ଦିର ?

ମୁଁ ଶୁଣିଥିଲି ଇଏ
ଶୀତଳ ଯୁଦ୍ଧର ସମୟ
ସୀମାରେ ଆଲୋଚନା
ଅସ୍ତ୍ର ବରତି ଓ ଚୁକ୍ତିନାମା
ଆଜି ତ୍ରିରଂଗା ମୋର କବଚ
ଦିଗନ୍ତର ଆରପାଖେ ସୀମା
ପଛରେ ଦୁନ୍ଦୁଭିର ଶବ୍ଦ
ଓ ନିଆଁର ଚିତ୍କାର ?

ଯୁଦ୍ଧ ପରି ଏକତରଫା ପ୍ରେମରେ
ସବୁକିଛି ପାଉଁଶ ହେବାରେ ପ୍ରାପ୍ତି
ସବୁକିଛି ଜାଳି ଜଳିବାରେ ଶାନ୍ତି ?

ମଶାଣିରେ ଘର ତୋଳୁଥିବା ଲୋକ
ଗାଉଥାଏ ଉନବିଂଶର ଗୀତ
ଅବିକଳ ମୋ ସ୍ୱର
ଅବିକଳ କଇଁ କଇଁ କାନ୍ଦ
ଯୁଦ୍ଧ ସତରେ ହୁଏ ବୋଲି
କେବେ ବୁଝିପାରି ନ ଥିବା
ସେ ଏକ ଅଥୟ ପାଗଳ ?

ଏବେ ଏବେ ସରିଯିବ ଯୁଗଟିଏ ବୋଧେ
ସମୁଦ୍ରର ଶୋଷ ମେଣ୍ଟିବାକୁ
ବଳି ପଡିଯିବ ମାଟି
ମାଟି ଖୋଳି ଖୋଳି
ନଇଁ ଆସିବ ଆକାଶ
ତଥାପି ଖଣ୍ଡିଆ କାନକୁ ପାରି
ପବନର ସୁସୁରିରେ ଶୁଣିବ ତ
ଦରପୋଡା ଜଂଗଲର ଉହାଡରୁ
ଶୁଭୁଥିବ କୁଆଁ କୁଆଁ ରାବ
ଓ ଆଉ ଏକ ଯୁଦ୍ଧ ପାଇଁ
ମୁଣ୍ଡ ଟେକୁଥିବ ଦଦରା ପାହାଡ ସନ୍ଧିରୁ
ଏକ ନିର୍ବୋଧ କଅଁଳ ସକାଳ ?


ଏରୋଡ୍ରୋମ୍‌ଏରିଆ,
ଭୁବନେଶ୍ୱର-୭୫୧୦୨୦
ମୋ:୯୬୫୮୪୧୩୫୩୪


## ॥ ମିଳନ ବଂଶୀ ॥

### ମନୋଜ ପଟ୍ଟନାୟକ



ମିଳନର ବଂଶୀ ବାଜିଲେ ସଜନୀ,
ପୁଲକି ଉଠକି ତୁମେ !
ବୟସର ଧୂନ୍ ଶୁଣିଲେ ସଜନୀ,
ଚମକି ଉଠକି ତୁମେ !।

ସନର ମେଳା ଜମିଲେ ଆଖିରେ
ସବୁ ତ ସୁନ୍ଦର ଦିଶେ
ଅଜାଣତେ ମନ ମହକି ଉଠିଲେ
ମହମହ ସବୁ ବାସେ,
ହୃଦୟର ଡାକ ଛୁଇଁଲେ ସଜନୀ,
ଥମକି ଯାଅକି ତୁମେ !।

ମିଳନର ବଂଶୀ .....
ପୀରତିର ଡୋରି ଲାଗିଲେ ଜୀବନେ
ଲଗାମ୍ ନଥାଏ କିଛି
କେବେକାର ଏଇ ପୁରୁଣା ଖେଳରେ
ମଣିଷ ରହିଚି ବଂଚି,
ଭଲପାଇବାର ଏମିତି ବାଟରୁ
ବାହୁଡ଼ି ଯାଅନି ତୁମେ ।
ମିଳନର ବଂଶୀ ......


ଆଶ୍ରୟ
ପ୍ଲଟ୍ ନଂ-ଡି/୯୯, ସେକ୍ଟର--୭
ମର୍କତନଗର, କଟକ-୭୫୩୦୧୪
ମୋ-୯୪୩୭୩୮୬୦୦୩


## ॥ ଯୁଦ୍ଧ ॥

### ସୁରେନ୍ଦ୍ର ପାଣିଗ୍ରାହୀ



ଏଠି କେତେବେଳେ ଶିକାରି ହୁଏ ଶିକାର ତ
ଆଉ କେବେ ଶିକାର ବି ବନିଯାଏ
ପୋଖତ ଶିକାରୀ ।

ଜିତିବା ହାରିବାର ଛକା ପନ୍‌ଝାରେ
କିଏ କେତେ ମୁଂଡ ନେଲା
ଗଣିବାକୁ ବା ତର କାହିଁ
ଖାଲି କୂଟ, କପଟ, ମିଥ୍ୟାଚାରର
ବାଘ ବକିରି ଖେଳ ।

କେହି କଣ ଜିତଂତି ସତରେ !

ଧ୍ୱଂସର ପାଉଁଶ ଗଦା ଭିତରେ
ଦିକ୍ ଦିକ୍ ଜଳୁଥିବା ନିଆଁକୁ
ନିରେଖି ଆକାଶକୁ, ଉଦାସ ଆଖିରେ
ଅନେଇ ବସିଥାଏ ଅନାଥ ଶୈଶବ ।
ଆଉ କିଛି ଦୂରରେ ଇଡ଼ି ଯାଇଥିବା
ସ୍ୱପ୍ନମାନଂକୁ ଆବୋରି ପୋଡ଼ା ମାଟି କାମୁଡ଼ି
ପଡ଼ିଥାଏ ଭଂଗା ଖେଳନାଟେ ।


ସା. ପୋ-ବରି,
ସିମୁଳିଆ, ବାଲେଶ୍ୱର ।
ମୋ -୯୪୩୭୨୮୨୯୮୪


## ॥ କେହି କଣ ଏମିତି କହିପାରେ ॥

### ଦେବଯାନୀ ତ୍ରିପାଠୀ



ସେ ମୋ ପାଦ ଦେଖିଲେ ଛାତିରେ ଜାକି ଧରି
କେତେ ଆଦର କଲେ
ଆଃ କି କୋମଳ
ସତେକି ସମୁଦ୍ର କୋଳରେ ଦୁଇଟି ଶାମୁକା
ଏଇଠି ଆରମ୍ଭ ଏଇଠାରେ ହିଁ ଶେଷ ଏ ଜୀବନ
ଏହାପରେ କଣ ଅଛି ଭାବିପାରେ ନାହିଁ
ମୁଁ ଲଜ୍ଜାରେ ମୁହଁ ଲୁଚେଲି ତାଙ୍କ କଥାରେ
କେହି କଣ ଏମିତି କହିପାରେ ସତରେ !!

ମୋ ବେକ ମୂଳ କଳା ଯାଇ ତାଙ୍କୁ
ସତେ ଅବା ବାଟ ଭୁଲେଇଲା
ଏ କଳା ଯାଇ ନୁହେଁ ଯେ
ମୋ ଅବାଧ ହୃଦୟର ଏକ ଅସମ୍ପୂର୍ଣ ଇଚ୍ଛା
ଛୁଇଁ ଦେଲେ କାଳେ ଲାଗିଯିବ ନିଆଁ ସହରରେ,
ଓଠରେ ଥିଲା ତାଙ୍କ ଦୁଷ୍ଟ ହସ ଧାରେ
ଆହୁରି ଆହୁରି ଲଜ୍ଜାରେ ମୁଁ ଶାଙ୍କୁଡି ଗଲି
ସତେକି ମୁଁ ନଦୀ
ତରଳି ବହି ଯିବି
ବହି ଗଲେ ବାନ୍ଧିବ ମତେ !?
ମୁଁ ଯେ କେବଳ 'ତୁମର' ବୋଲି
କହି ପାରିବ କି ବାରେ ?
ପଚାରି ଥାନ୍ତି ଯେ ସ୍ୱର ଛନ୍ଦି ହେଲା
ଆଃ ଲଜ୍ଜା....
ସେଇ ତ ମତେ ବାରଣ କଲା
ମୋ ଓଠ, ଗାଲ କେଶ ...
ସବୁ ଅଙ୍ଗ ମୋର,
ସତେ ଅବା ତାଙ୍କୁ ବାଟ ଭୁଲାଏ,
ଉଦଭ୍ରାନ୍ତ କରେ
ସେ ମତେ କବିର କଳ୍ପନା କହନ୍ତି
ମୁଁ ତାଙ୍କ କବିତା କେବଳ
ନା କବିତାର ଏକ ନାୟିକା ମାତ୍ର...
ଆଜି ମଧ ମୁଁ ବୁଝିପାରେ ନାହିଁ... !!


୨୬୩୦, ହାଲନ ଷ୍ଟ୍ରିଟ
ଆଇଡାହୋ ଫଲ୍ସ, ଆଇଡାହୋ
ଯୁକ୍ତ ରାଷ୍ଟ୍ର ଆମେରିକା

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୩ ଅପ୍ରେଲ, ୨୦୨୨

ପୃଷ୍ଠା ୪ ରବିବାର ଚିତ୍ରଜ୍ଞ ସାପ୍ତାହିକ କ୍ରୋଡ଼ପତ୍ର

## ପ୍ରେମରେ ପ୍ରେମରେ ଗୀତି ....(୪୦)



■ ବିପିନ ମହାନ୍ତି

### ।। କହିଦେବ କହୁକହୁ ।।

ସବାରି ଉଠିବ ତୁମରି ଦୁଆରୁ
ମୋ' ଦୁଆରୁ ମୋର ଶବ,
ରାମ ନାମ ମୋର ଦୁଆରୁ ତୁମର
ହୁଳହୁଳି ଶୁଭୁଥିବ ।

ତୁମ ବଧୂବେଶ ମୋର ଅବସୋସ
ଏ ଜୀବନେ ଲେଖା ନାହିଁ,
ତୁମ ଖୁସି ପାଇଁ ବିଦାୟ ରଜନୀ
ସଜଡ଼ା ହେଲାଣି ଜୁଇ,
କେମିତି କହିବି ପ୍ରାଣ ପ୍ରିୟା ମୋର
ଆଉ କା'ର ବଧୂ ହେବ ।

କାନ୍ଦିବନି ତୁମ ଶାଶୂ ଘରେ କେବେ
ପୁରୁଣା ସ୍ମୃତିକୁ ଝୁରି,
ଧୂଳିଖେଳ ଭାବି ଭୁଲିଯିବ ସବୁ
ଆମରି ପ୍ରେମକୁ ଗୋରୀ,
ଅଧାଲେଖା ଆମ ପ୍ରେମର କାହାଣୀ
ପୁଣି ନୂଆ ଲେଖିଯିବ ।

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧




# ପୌରାଣିକ ପୃଷ୍ଠଭୂମିରେ ବେନିସାଗର

**ଶ୍ରୀକୃଷ୍ଣ ସାମଲ**

ଓଡିଶାର ଉତ୍ତର ପଶ୍ଚିମ ସୀମା ଅନ୍ତର୍ଗତ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ଅବସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କ ପୀଠ ଦେଶରୁ ମାତ୍ର ତିନି ରି କିଲୋମିଟର ଅତିକ୍ରମ କରି ଗଲେ ଦୃଷ୍ଟିଗୋଚରକୁ ଆସେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବିଶାଳ ଶାଳ ଜଙ୍ଗଲ ଅଭ୍ୟନ୍ତରରେ ଏକ ଘନନୀଳ ଜଳରାଶି ପରିବେଷ୍ଟିତ ବିଶାଳ ପୁଷ୍କରିଣୀ "ବେନିସାଗର" । ଏହି ପୁଷ୍କରିଣୀର ନାମାନୁସାରେ ସେହି ଅଞ୍ଚଳର ନାମକରଣ ବି ବେନି ସାଗର ନାମରେ ସର୍ବଜନ ବିଦିତ । ଐତିହାସିକ ପୃଷ୍ଠଭୂମି ଅନୁଯାୟୀ ସେଠାରେ ବେଣୁ ନାମକ ଜଣେ ରାଜା ରାଜତ୍ୱ କରୁଥିଲେ ଓ ସେ ସେହି ବିରାଟ ପୁଷ୍କରିଣୀ ଖନନ କରିଥିଲେ । ତାଙ୍କରି ନାମାନୁସାରେ ସେହି ବିଶାଳ ପୁଷ୍କରିଣୀର ନାମ ବେନିସାଗର ରଖା ଯାଇଛି । ହେଲେ ପୌରାଣିକ ପୃଷ୍ଠଭୂମିରେ ଏହି ସ୍ଥାନର ମହତ୍ତ୍ୱ ଅଲଗା । ଯାହାହେଉ ଏହି ମହତ୍ତ୍ୱକୁ ଗୁରୁତ୍ୱାରୋପ କରି ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଏହାକୁ ହାତକୁ ନେଇ ଏହାର ଗବେଷଣା ଓ ଖନନ କାର୍ଯ୍ୟ କଲାପରେ ସ୍ପଷ୍ଟ ଜଣାପଡିଲା ଯେ ଏହି ସ୍ଥାନର ପରମ୍ପରା ଓ ପୌରାଣିକ ପୃଷ୍ଠଭୂମି ପ୍ରାୟ ବିରାଟଗଡ ଖିଚିଂର ପରମ୍ପରା ଓ ପୌରାଣିକ ପୃଷ୍ଠଭୂମି ସହ ସମାନ । କାରଣ ଏଠାରେ ଲୋକଲୋଚନକୁ ଆସୁଥିବା ଶିବଲିଙ୍ଗ, ପ୍ରସ୍ତର ମୂର୍ତ୍ତି, ମାଟି ତଳୁ ମିଳୁଥିବା ବିଭିନ୍ନ ସାମଗ୍ରୀ ପ୍ରାୟ ବିରାଟଗଡ ଖୀଚିଂରୁ ମିଳୁଥିବା ସାମଗ୍ରୀ ସହିତ ସମାନ । ଏଣୁ ମନେ ହୁଏ ଏହା ପୁରାଣ ଯୁଗରେ ବିରାଟ ରାଜାଙ୍କର ପ୍ରତ୍ୟକ୍ଷ ଶାସନାଧୀନ ଥିଲା ଏବଂ ବେନିସାଗର ସେହି ପୁରାଣ ଯୁଗର ସ୍ୱାକ୍ଷର ବହନ କରି ସେହି ଦିନ ପାଖକୁ ଏଠାରେ ପ୍ରସିଦ୍ଧଲାଭ କରି ଲୋକଲୋଚନକୁ ଆସିଛି । ଏହାର ସତ୍ୟତା ଉପରେ ସୁନିଶ୍ଚିତ ହେବାକୁ ହେଲେ ଆମକୁ ଜନଶୃତିର ବିଶ୍ୱାସ ବଳୟ ଭିତରକୁ ପଶିବାକୁ ହେବ । ଯାହାର ସ୍ପଷ୍ଟ ଚିତ୍ର ଏହିପରି ।

ଏକଦା ଅଜ୍ଞାତବାସ ବେଳେ ଦ୍ରୌପଦୀ ଏହି ରମଣୀୟ ସ୍ଥାନକୁ ପ୍ରମୋଦ ବିହାର କରିବାକୁ ଆସିଥିଲେ ଓ ଏଠାକାର ଏହି ଫେନୀଳ ସ୍ନିଗ୍ଧ ଜଳରାଶି ବିମଣ୍ଡିତ ଏହି ବିଶାଳ ପୁଷ୍କରିଣୀକୁ ଅବଲୋକନ କରି ଏଠାରେ ସ୍ନାନ ତର୍ପଣ କରିବାକୁ ଲୋଭ ସମ୍ବରଣ କରିପାରିଲେ ନାହିଁ । ସେ ନିଜର କେଶଗୁଚ୍ଛକୁ ମସ୍ତକ ଉପରେ ଗୁଡାଇ ଅତି ବିମୋହିତ ହୋଇ ସ୍ନାନତର୍ପଣ କରୁଥିଲା ବେଳେ ହଠାତ୍ ମସ୍ତକ ଉପରେ ଥିବା କେଶଗୁଚ୍ଛ ମୁକୁଳା ହୋଇଯିବାରୁ ତାହା ସମ୍ପୂର୍ଣ୍ଣ ଜଳସ୍ପର୍ଶ କରିବା ପୂର୍ବରୁ ସମ୍ଭାଳି ନେଇଥିଲେ ଦ୍ରୌପଦୀ । ତାଙ୍କର କୁରୁସଭାସ୍ଥଳର ଶପଥ ମନେ ପଡିଗଲା । ସତରେ ପତିବ୍ରତା ଓ ପବିତ୍ରତା ଥିବା ସତୀ ନାରୀର ଶପଥ କେବେ ବିଫଳ ହୁଏନି । ତାଙ୍କ ନିମନ୍ତେ ଏହା ବ୍ୟତିକ୍ରମ ଅବା ହୁଅନ୍ତା କିପରି ? ଯାହାହେଉ ଏଠାରୁ ପ୍ରତ୍ୟାବର୍ତ୍ତନ ପରେ ଦ୍ରୌପଦୀ ପାଇଁ ସବୁ ଅଘଟଣ ଘଟିବା ଆରମ୍ଭ ହୋଇଗଲା । ବିରାଟ ରାଜାଙ୍କ ରାଣୀ ସୁଦେଷ୍ଣାଙ୍କ ସହୋଦର ପ୍ରବଳ ପରାକ୍ରମୀ କୀଚକଙ୍କ ଲୋଲୁପ ଦୃଷ୍ଟିରେ ପଡିଲେ ଦ୍ରୌପଦୀ । "କୀଚକର ବାହୁ ବଳରେ ବିରାଟ ରାଜ୍ୟ" ନୀତିରେ ଏଥିରେ ତାଙ୍କୁ କେହି କ୍ଷାନ୍ତ କରି ପାରିଲେ ନାହିଁ । ଏମିତି କି ନିଜର ଭଉଣୀ ସୁଦେଷ୍ଣା ବି ଦ୍ରୌପଦୀଙ୍କୁ ଏଥିପାଇଁ ପ୍ରବର୍ତ୍ତାଇବାକୁ ପଛାଇଲେ ନାହିଁ । କଥା ପ୍ରଥମ ପାଣ୍ଡବଙ୍କ ନିକଟରେ ଉପସ୍ଥାପନ କଲେ ପା'ଳି । ସେତେବଳେ ପଞ୍ଚ ପାଣ୍ଡବ ଦ୍ରୌପଦୀ ଛଦ୍ମବେଶରେ ଥାନ୍ତି । ଯୁଧିଷ୍ଠିର ଏହା ଶୁଣି ଦ୍ରୌପଦୀଙ୍କୁ ଦ୍ୱିତୀୟ ପାଣ୍ଡବ ଭୀମଙ୍କ ନିକଟରେ ଫେରାଦ ହେବା ପାଇଁ ସୂଚନା ଦେଲେ । ତାହା ହିଁ ହେଲା । ଦ୍ୱିତୀୟ ପାଣ୍ଡବ ଭୀମ ଦ୍ରୌପଦୀଙ୍କୁ ଇଙ୍ଗିତ ଦେଲେ ଯେ "ନିଶାର୍ଦ୍ଧରେ ତୁମେ ତାଙ୍କୁ ରଙ୍ଗଶାଳାରେ ପ୍ରଣୟ ପାଇଁ ଆମନ୍ତ୍ରଣ ଜଣାଇ ଦିଅ" । ଆଶ୍ଚର୍ଯ୍ୟ ହେଲେ ଦ୍ରୌପଦୀ । ହେଲେ ଦ୍ୱିତୀୟ ପାଣ୍ଡବ ଭୀମ ଦ୍ରୌପଦୀଙ୍କ ସଂଶୟ ଦୂର କରି ସବୁ କହିଗଲେ । ସେତେବେଳକୁ ମା' କୀଚେଶ୍ୱରୀଙ୍କ ଅପାର କରୁଣାରୁ ମହାପ୍ରତାପଶାଳୀ ହୋଇସାରିଥାଏ କୀଚକ । ହେଲେ ନାରୀପ୍ରତି ଭ୍ରଷ୍ଟାରୀ ହେବାରୁ ଏ କ୍ଷେତ୍ରରେ ମା' କିଚେଶ୍ୱରଙ୍କ କରୁଣା କୀଚକ ପ୍ରତି ଊଣା ହୋଇଗଲା । ରଙ୍ଗଶାଳାରେ କୀଚକର ନିଧନ ପରେ ଭୀମ ଆଣି ଆଞ୍ଜୁଳାଏ ରକ୍ତ ଦ୍ରୌପଦୀଙ୍କୁ ଦେବାରୁ ଦ୍ରୌପଦୀ ବେଣୀ ବନ୍ଧନ କଲେ । ହେଲେ ଭୀମ ଦ୍ରୌପଦୀଙ୍କୁ ଶେଷ ଶପଥ ପାଇଁ ସତର୍କ ରହିବାକୁ ସୂଚନା ଦେଲେ । ଏଠାରେ ଅବତାରଣା କରାଯାଇ ପାରେ ଯେ କୀଚକଙ୍କ ନାମାନୁସାରେ କୀଚକେଶ୍ୱରୀଙ୍କ ନାମ ସର୍ବଜନ ବିଦିତ ହୋଇଥିଲେ ମଧ୍ୟ ମା' ପୁଅର ଦୁଷ୍କର୍ମକୁ କେବେ ହେଲେ କ୍ଷମା ଦିଏ ନାହିଁ ।

ଅଜ୍ଞାତବାସ ସମୟସୀମା ଅତିକ୍ରାନ୍ତ ହେଲାପରେ ସବୁସତ୍ୟ ପଦାକୁ ଆସିଲା । ଏଣୁ ସେଦିନ ସେଠାକାର ଯେଉଁ ବିଶାଳ ପୁଷ୍କରିଣୀରେ ଦ୍ରୌପଦୀ ସ୍ନାନତର୍ପଣ କରିଥିଲେ ତାର ନାମ ରଖାଗଲା "ବେଣୀ ସାଗର" । ଏକଦା ସେହି ଅଞ୍ଚଳ ଓଡିଆ ଭାଷାଭାଷୀ ଅଞ୍ଚଳ ଥିଲା ଓ କାଳକ୍ରମେ ଏହା ଅବିଭକ୍ତ ବିହାର ସହିତ ମିଶି ଏବେ ଝାଡଖଣ୍ଡ ରାଜ୍ୟରେ ଅଛି । ଏଠାକାର ଜନସାଧାରଣ ଏବେ ହିନ୍ଦୀ ଉପରେ ଗୁରୁତ୍ୱ ଦେଉଥିବାରୁ ଏହାର ନାମ ବେଣୀ ସାଗର ବଦଳରେ ବେନି ସାଗର ହୋଇଯାଇଛି । ଅତୀତରେ ବଡ ବଡ ପୁଷ୍କରିଣୀ ସବୁ ରାଜାମହାରାଜା ଓ ବଦାନ୍ୟ ବ୍ୟକ୍ତିମାନେ ଖନନ କରୁଥିଲେ ଓ ସେସବୁକୁ ସାଗର କୁହାଯାଉଥିଲା ଓ ସେମାନଙ୍କ ନାମାନୁସାରେ ପୁଷ୍କରିଣୀର ନାମକରଣ କରାଯାଉଥିଲା । ଜନଶୃତି ଅନୁଯାୟୀ ଏହି ପୁଷ୍କରିଣୀର ନାମ ବିରାଟ ସାଗର ଥିଲା ଓ ଦ୍ରୌପଦୀଙ୍କ ସ୍ନାନ ପରେ ଏହି ପୁଷ୍କରିଣୀର ନାମ ବେଣୀ ସାଗର ରଖାଯାଇଛି । ଯାହା ହେଉ ଏଠାକାର ଜନଉପଜାତି ବାଥୁଡି ଓ ଭୂୟାଁ ସମ୍ପ୍ରଦାୟର ଲୋକମାନେ ଶୈଭ ଆରାଧନା କରୁଥିଲା ବେଳେ ବିରାଟଗଡ ଖିଚିଂରେ ସେହି ଜନଉପଜାତି ସମ୍ପ୍ରଦାୟର ଲୋକମାନେ ଉଭୟ ଶୈବ ଓ ଶାକ୍ତ ଆରାଧନା କରୁଥିଲେ । ଏଣୁ ବିରାଟଗଡ ଖୀଚିଂ ଓ ବେନିସାଗର ମଧ୍ୟରେ କ୍ଷୀରନୀରର ସାମଞ୍ଜସ୍ୟ ରହିଛି ।

ଶ୍ରୀକୃଷ୍ଣ ନିବାସ, କରଞ୍ଜିଆ, ମୟୂରଭଞ୍ଜ
ମୋ-୯୪୩୭୩୨୦୬୭୯



# ରାଜନୀତି

ଧାରାବାହିକ ଉପନ୍ୟାସ

**ସୃଷ୍ଟିଧର ପରିଡା**

♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ) ୯୪୩୭୦୬୩୭୦୫



ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭାଗ-୨୯
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସମୟ ଯେତିକି ଯେତିକି ଆଗକୁ ଗଡିଗଡି ଯାଉଥିଲା ରଶ୍ମୀ ସହ ସମ୍ପର୍କରେ କେମିତି ଗୋଟେ ନିବିଡତା ବଢିବଢି ଯାଉଥିଲା, ସେ କଥା ଅନୁଭବ କରୁଥିଲା ଅଭିଷେକ । ରଶ୍ମୀ ବି ଖୁବ୍ ଭଲ ଲାଗୁଥିଲା ଅଭିଷେକକୁ । ଅଭିଷେକ ଭାବୁଥିଲା ରଶ୍ମୀକୁ ନେଇ ସ୍ୱପ୍ନ ଦେଖାଯାଇ ପାରିବ । ହୁଏତ ସେଇ ହିଁ ହୋଇପାରିବ ତା'ର ଉପଯୁକ୍ତ ଜୀବନସାଥୀ । ତେବେ ଏତେ ମିଳାମିଶା ସତ୍ତ୍ୱେ ଏକଥା କେବେ ବି ରଶ୍ମୀକୁ ଜାଣିବାକୁ ଦେଇନଥିଲା ଅଭିଷେକ । ଅପେକ୍ଷା କରିଥିଲା କୋଉଦିନ ରଶ୍ମୀ ତା' ଆଡୁ ଅନୁଭବ କରିବ ତା'ର ଏ ନୀରବ ଭଲ ପାଇବା ଏବଂ ଚାହିଁବ ତା'ର ସହଯୋଗ ।

ସମାଜସେବା କରିବା ଭିତରେ ବେଶ୍ ପ୍ରତିଷ୍ଠିତ ଲୋକଙ୍କ ସହ ସମ୍ପର୍କ ବଢୁଥିଲା ବି ରଶ୍ମୀରେଖାର । ଦିନକୁ ଦିନ ଅଧିକ ବ୍ୟସ୍ତତା ତାକୁ ଆଚ୍ଛନ୍ନ କରି ରଖେ । ସଭା ସମିତିରେ ଯୋଗ ଦେବାଠୁଁ ଆରମ୍ଭ କରି ନିଜ ଅନୁଷ୍ଠାନ ପାଇଁ ଅନୁଦାନ ରାଶି ଯୋଗାଡ କରିବାରେ ରାତିଦିନ ଏକ କରିଦିଏ ରଶ୍ମୀ । ପ୍ରଥମେ ପ୍ରଥମେ ସ୍କୁଟି ଧରି ନିଜ 'ସ୍ୱପ୍ନ' ପାଇଁ ସ୍ୱପ୍ନ ସାଉଁଟୁଥିବା ରଶ୍ମୀ ଯୋଉଦିନ ଦଶ ଲକ୍ଷ ଟଙ୍କାର ଇନୋଭାକୁ ସୋରୁମ୍‌ରୁ ଆଣିଲା, ସେଦିନ ହତବମ୍ଭ ହୋଇଯାଇଥିଲା ଅଭିଷେକ । ହଠାତ୍ ଏତେ ଟଙ୍କାର ଗାଡି ? କୋଉଠୁ ଆଣିଲା ରଶ୍ମୀ ଏତେଗୁଡାଏ ଟଙ୍କା ?

ରଶ୍ମୀକୁ ପଚାରିବାରେ ରଶ୍ମୀ ହସିହସି କହିଥିଲା, ବିଜୟବାବୁ ତାଙ୍କ ତରଫରୁ ଏଇଟା ଗିଫ୍ଟ ଦେଇଛନ୍ତି ।

ଏ ବିଜୟବାବୁଟି ପୁଣି କିଏ ?- ପଚାରିଥିଲା ଅଭିଷେକ ।

- ମନ୍ତ୍ରୀ ବିଜୟାନନ୍ଦ... ବିଜୟାନନ୍ଦ ପଟ୍ଟନାୟକ ।

ବିଜୟାନନ୍ଦଙ୍କ ନାଁ ଶୁଣୁଶୁଣୁ ଚମକି ପଡିଥିଲା ଅଭିଷେକ ।

: ହଠାତ୍ ମନ୍ତ୍ରୀ ବିଜୟାନନ୍ଦଙ୍କର ତମ ପ୍ରତି ଏ ଅନୁକମ୍ପା କାହିଁକି ?

: ହଠାତ୍ କଣ ? ବିଜୟ ବାବୁ ବହୁ ଆଗରୁ ଆମ 'ସ୍ୱପ୍ନ' ସହ ଜଡିତ । ତେବେ ତାଙ୍କ ନାଁ କେବେ ଆଗକୁ ଆସୁ ସେ ଚାହାନ୍ତିନି । ତାଙ୍କର ସହଯୋଗ ନଥିଲେ ମୋ ଭଳି ଗୋଟେ ଝିଅ କଣ କେବେ ତା ସ୍ୱପ୍ନକୁ ସାକାର କରିବାରେ ସଫଳ ହୋଇଥାନ୍ତା ? ଏବେ ତ ସମାଜସେବା, ସଂସ୍କୃତି, ପରମ୍ପରା ସବୁକିଛି ରାଜନୀତି ମୁହାଁ । ରାଜନୀତିର ପୃଷ୍ଠପୋଷକତା ନଥିଲେ କିଛି ହିଁ କରିବା ସମ୍ଭବ ନୁହଁ ।

: ତା' ମାନେ.......

: ଆପଣ ଏତେ ମାନେ ଖୋଜନ୍ତୁନି ସାର୍ । ଆପଣ 'ସ୍ୱପ୍ନ' ସହ ଜଡିତ ହେବାର ବହୁ ଆଗରୁ ବିଜୟବାବୁ ଏଥିରେ ଜଡିତ । ସିଏ କେବଳ ଆମ ଅନୁଷ୍ଠାନର ଉପଦେଷ୍ଟା ନୁହନ୍ତି ବରଂ ସିଏ ମୋର ଭାଇ ବନ୍ଧୁ ସଖା ଠାରୁ ବି ଅଧିକ । ତାଙ୍କ ସହ କୌଣସି ସମ୍ପର୍କ ନଥାଇ ବି ସେ ମୋ ପାଇଁ ଯାହା କରିଛନ୍ତି ତାହା ଆଉ କେହି କରିବେନି । ନହେଲେ ରାଜ୍ୟରେ ଏତେ ଏତେ ଅନୁଷ୍ଠାନ ଥାଉ ଥାଉ 'ସ୍ୱପ୍ନ' ଏତେ ସବୁ ପ୍ରୋଜେକ୍ଟ ପାଇବାରେ ସଫଳ ହୁଅନ୍ତା କିପରି ? ଗଣା ହୁଅନ୍ତା ପ୍ରମୁଖ ଅନୁଷ୍ଠାନ ଭାବରେ ?

: 'ସ୍ୱପ୍ନ' ତାହେଲେ ମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କ ଦୟାର ସ୍ୱପ୍ନ ?

: ଦୟାର କାହିଁକି ହେବ ? ସିଏ ଏ ହାତରେ ସାହାଯ୍ୟ ଦେଇଛନ୍ତି ଆଉ ମୁଁ ସେ ହାତରେ ସାହାଯ୍ୟ ଫେରେଇଛି । କିଛି ବାକି ନାହିଁ । ସବୁବେଳେ ଇନ୍‌ପୁଟ୍ ଆଉଟ୍‌ପୁଟ୍‌ରେ ବାଲାନ୍‌ସ ।

: ତାଙ୍କୁ ବା କି ସାହାଯ୍ୟ ଫେରେଇ ପାରିବାର କ୍ଷମତା ରଖିଛି 'ସ୍ୱପ୍ନ' ?

: ନହେଲେ ମନ୍ତ୍ରୀ ବିଜୟବାବୁଙ୍କ ପରି ଲୋକ ଖାଲିଟାରେ ସାହାଯ୍ୟ କରନ୍ତେ 'ସ୍ୱପ୍ନ'କୁ ? ଆରେ ବାବା, ଯେତେଥର ବିଜୟ ବାବୁଙ୍କୁ ଘେରିଛନ୍ତି ବିରୋଧି ଦଳର ନେତାମାନେ, ସବୁଥର ଏଇ 'ସ୍ୱପ୍ନ' ହିଁ ଢାଲ ହୋଇ ଛିଡା ହୋଇଛି ବିରୋଧିଙ୍କ ସାମ୍ନାରେ । 'ସ୍ୱପ୍ନ' ଏମିତି ଗୋଟେ ଗୋଟେ ସମସ୍ୟା ବୋଲି ଦେଇଛି ବିରୋଧିଙ୍କ ମୁଣ୍ଡରେ ଯେ ସେମାନେ ବିଜୟବାବୁଙ୍କ ସମ୍ମାନରେ ସାମାନ୍ୟ ଆଞ୍ଚ ବି ଆଣିବାକୁ ସକ୍ଷମ ହୋଇନାହାନ୍ତି ।

କିଛି ବୁଝି ପାରୁନଥିଲା ଅଭିଷେକ ।

: ଆପଣଙ୍କର ତ ରାଜନୀତିରେ ରୁଚି ଥିଲା, ନିଶ୍ଚୟ ମନେଥିବ ସେଇ ସମୟର କଥା, ଯେତେବେଳେ ବିଜୟବାବୁଙ୍କୁ ଜମି ସ୍କାଣ୍ଡାଲରେ ଜଡିତ କରିଥିଲେ ବିରୋଧିଦଳ । ସେତିକିବେଳେ 'ସ୍ୱପ୍ନ' ହିଁ ତାଙ୍କୁ କରିଥିଲା ସାହାଯ୍ୟ । ବିରୋଧିଦଳର ନେତା ସବ୍ୟସାଚୀ ରାଉତ ଯିଏ ତାଙ୍କୁ ସ୍କାଣ୍ଡାଲ କରିବାର ନେତୃତ୍ୱ ନେଉଥିଲେ ତାଙ୍କ ପୁଅ ଜ୍ୟୋତିଷ୍କରର ଅବୈଧ ସନ୍ତାନକୁ ନ୍ୟାୟ ଦେବାର ଦାୟିତ୍ୱ ନେଇଥିଲା 'ସ୍ୱପ୍ନ' । ଲୋକଙ୍କର ଦୃଷ୍ଟି ବିଜୟବାବୁଙ୍କ ଉପରୁ ହଟିଥିଲା ଆଉ ନିବଦ୍ଧ ହୋଇଥିଲା ସେଇ ଅବୈଧ ଶିଶୁ ସନ୍ତାନ ଓ ତା'ର ମା'କୁ ନ୍ୟାୟ ଦେବାର ପ୍ରସଙ୍ଗ । ଅଦାଲତରେ ଡିଏନ୍‌ଏ ଟେଷ୍ଟ ହେବା ଯାଏ ବି କଥା ଯାଇଥିଲା । ବେଶ୍ ନିନ୍ଦିତ ହୋଇଥିଲେ ଜ୍ୟୋତିଷ୍କର ଆଉ ବିରୋଧିଦଳ ନେତା ସବ୍ୟସାଚୀ ରାଉତ ।

: ତା' ମାନେ ତମେ କଣ ପୂର୍ବରୁ ଜାଣିଥିଲ 'ସ୍ୱପ୍ନ'ରେ ଥିବା ସେ ପିଲାଟି ଜ୍ୟୋତିଷ୍କରର ଅବୈଧ ସନ୍ତାନ ?

: ହଁ । ସେସବୁ ଖବର ରଖିବା ଅତି ଆବଶ୍ୟକ । ସେଇମାନେ ହିଁ ଆମ 'ସ୍ୱପ୍ନ' ଭଳି ସଂସ୍ଥାମାନଙ୍କ ପାଇଁ ଗୋଟେ ଗୋଟେ ମୂଲ୍ୟବାନ ଧାତୁ ।

ରଶ୍ମୀର କଥା କାହାଣୀ ପରି ଲାଗୁଥିଲା ଅଭିଷେକକୁ । ସମାଜସେବା ନାଁରେ ବ୍ଲାକମେଲ୍ କରିବାର ଅଦ୍ଭୁତ ପରିକଳ୍ପନା । କାହାଠୁ ଏସବୁ ଶିଖିଲା ରଶ୍ମୀ ? ଏସବୁ କଣ ସମାଜସେବା ? ନା ସମାଜସେବା ନାଁରେ ରାଜନୀତି ? ସମାଜସେବା ପାଇଁ ରାଜନୀତି ନାଁ ରାଜନୀତି ପାଇଁ ସମାଜସେବା, ଭାବି ପାରୁନଥିଲା ଅଭିଷେକ ।

କେବଳ ବିରୋଧୀ ଦଳ ନେତା ସବ୍ୟସାଚୀ ରାଉତର ପୁଅ ଜ୍ୟୋତିଷ୍କର ନୁହେଁ ବରଂ ଶାସକ ଦଳର କିଛି ନେତାଙ୍କ ମୁଣ୍ଡରେ ଝୁଲୁଥିଲା ଚରିତ୍ରହୀନତାର ଖଣ୍ଡା । ଯାହାର ହିସାବ ସ୍ୱପ୍ନର ଗୁପ୍ତ ଫାଇଲ୍‌ରେ ବନ୍ଦୀ । ରଶ୍ମୀ କହୁଥିଲା, ଏମିତି କିଛି ନକଲି ଫାଇଲ୍ ବି ତିଆରି କରିବାକୁ ପଡେ, ଯାହା ରାଜନୀତି କରୁଥିବା ଲୋକଙ୍କ ପାଇଁ ଜରୁରୀ । ଶାସକ ଦଳର ମନ୍ତ୍ରୀ ଯାମିନୀକାନ୍ତଙ୍କ ବୋହୂକୁ ଯୌତୁକ ନିର୍ଯ୍ୟାତନା ଘଟଣା ବି ସେମିତି । ନିଜ ଅକ୍ଷମତା ଲୁଚେଇବାକୁ ଯାଇ ବୋହୂଟି ବିରୋଧୀଦଳ ନେତାଙ୍କ ହାତର କଣ୍ଢେଇ ହୋଇଗଲା । କିଛି ଶାସକଦଳର ନେତା ବି ସାମିଲ୍ ହୋଇଗଲେ, ଯେଉଁମାନେ ଭାବୁଥିଲେ ଯାମିନିକାନ୍ତ ତାଙ୍କ ରାସ୍ତାର କଣ୍ଟା, ବିଶେଷ କରି ମନ୍ତ୍ରୀ ବିଜୟାନନ୍ଦ । ଘଟଣା ଏମିତି ମୋଡରେ ପହଞ୍ଚିଲା ଯେ ଯାମିନୀକାନ୍ତ ରାଜନୀତିର ପଶାପାଲିରେ ଗୋଟେ ଅଚଳ ଗୋଟି ହୋଇଗଲେ । ଏଥିରେ ବେଶ୍ ଲାଭବାନ୍ ହୋଇଥିଲା 'ସ୍ୱପ୍ନ' । ବିରୋଧୀ ଓ ଶାସକ, ଦୁଇପଟୁ ଆଦାୟ ହୋଇଥିଲା ଅର୍ଥ, 'ସ୍ୱପ୍ନ' ପାଇଁ ଅର୍ଥ । ଏମିତି କିଛି ଘଟଣାକୁ ଅଭିଷେକ ସାମ୍ନାରେ ଥୋଇ ଦେଇଥିଲା ରଶ୍ମୀ, ଯୋଉଥିରୁ ବାହାରି ପାରୁନଥିଲା ଅଭିଷେକ । ରଶ୍ମୀର ଚାରିକଡେ ରାଜନୀତିର ଚକ୍ରବ୍ୟୂହ ! 'ସ୍ୱପ୍ନ' ଗୋଟେ ମାଧ୍ୟମ ମାତ୍ର !! ସମାଜସେବାକୁ ଢାଲ କରି ରଶ୍ମୀ ନିଜ ଚାରିକଡେ ତିଆରି କରିଛି ରାଜନୀତିର ବଳୟ !!!

ହଜମ କରିପାରୁନଥିଲା ଅଭିଷେକ । ବିଜୟାନନ୍ଦ କଣ ଏମିତି ସମସ୍ତଙ୍କୁ ନଚେଇ ପାରନ୍ତି ତାଙ୍କ ଇସାରାରେ ? ମନେମନେ ଭାବୁଥିଲା ଅଭିଷେକ । ରଶ୍ମୀ ଜାଣେନାହିଁ ବିଜୟାନନ୍ଦଙ୍କୁ ସେ କେତେମାତ୍ରାରେ ଜାଣେ । ସାନଟି ବେଳୁ ସେ ତାଙ୍କୁ ଦେଖିଦେଖି ଆସିଛି । କେବଳ ତାଙ୍କରି ଯୋଗୁ ତା' ବାପା ମା' ଉଭୟଙ୍କର ରାଜନୀତିରେ ସଂପୃକ୍ତିକୁ ଘୃଣା କରେ ଅଭିଷେକ । ଲୋକଟି ଜମା ଭଲ ଲାଗେନାହିଁ ତାକୁ । ଖାସ୍ ତାରି ପାଇଁ ସିଏ ଆଜି ବାହାରି ଆସିଛି ଘରୁ । କେବଳ ତାରି ଯୋଗୁ ସିଏ ଆଜି ଯାଉନାହିଁ ଘରକୁ । ବାପାମା' କାହାରି ସହିତ ସମ୍ପର୍କ ରଖିନାହିଁ । ସିଏ ଜାଣେ ରାଜନୀତିର ମୋହରୁ ମୁକ୍ତି ପାଇବା ଏତେ ସହଜ ନୁହେଁ ଏବଂ ରାଜନୀତିରେ ସମ୍ପର୍କର ଅର୍ଥ ହିଁ ବଦଳିଯାଏ ।

ତେବେ ରଶ୍ମୀକୁ ସତର୍କ କରେଇଦେବାକୁ ଇଚ୍ଛା ହେଲା ଅଭିଷେକର । କାରଣ ବିଜୟାନନ୍ଦର ଅସଲ ସ୍ୱରୂପ ଏତେ ସହଜରେ କାହାକୁ ଦିଶିବ ନାହିଁ । ସେ କହିଥିଲା, ବିଜୟାନନ୍ଦଙ୍କ ଭଳି ନେତା ମାନେ ସୁବିଧାବାଦୀ । ସେମାନେ ସ୍ୱାର୍ଥ ପାଇଁ ଯେକୌଣସି ସ୍ତରକୁ ଯାଇ ପାରନ୍ତି । ସେମାନେ ସବୁକୁ ତଉଲନ୍ତି ରାଜନୀତିର ନିକିତିରେ । ଭ୍ରଷ୍ଟାଚାରୀ ଦୁର୍ନୀତିଗ୍ରସ୍ତ ନେତାଙ୍କ ସହ 'ସ୍ୱପ୍ନ' ଭଳି ଅନୁଷ୍ଠାନ ଆଉ ତୁମ ପରି ସମାଜସେବୀ ସଂଶ୍ଳିଷ୍ଟ ରହିଲେ ସାଧାରଣ ଜନତା ଏହାକୁ ଭଲ ଦୃଷ୍ଟିରେ ନେବେ ନାହିଁ ।

ରଶ୍ମୀ ଠୋ-ଠୋ ହୋଇ ହସିଥିଲା ଅଭିଷେକର କଥାରେ । କହିଥିଲା, ଆପଣ କୋଉ ଯୁଗରେ ଅଛନ୍ତି ସାର୍ ? ଏବେ ତ ଜଣେ ମନ୍ତ୍ରୀ କି ପଦସ୍ଥ ଅଧିକାରୀଙ୍କ ନାଁ ଉପଦେଷ୍ଟା ମଣ୍ଡଳୀରେ ନରହିଲେ ଆମପରି ଏ ସାଧାରଣ ଅନୁଷ୍ଠାନମାନେ ତିଷ୍ଠିପାରିବେ ନାହିଁ । ନେତାମାନେ ସୁବିଧାବାଦୀ, ଏକଥା କିଏ ନଜାଣେ ? ତେବେ ସୁବିଧାବାଦରୁ ଫାଇଦା ଉଠେଇବା ହିଁ ଆମ ଭଳି ଅନୁଷ୍ଠାନମାନଙ୍କର କାମ । ଏ ହାତରେ ଦିଅ, ସେ ହାତରେ ନିଅ । ଯେତେ ଯାହା କୁହନ୍ତୁ ସାର୍, ଅର୍ଥ ହିଁ ସବୁର ପ୍ରଥମ ଆବଶ୍ୟକତା । କିଏ ମୁକ୍ତି ପାଇଛି ଅର୍ଥ କବଳରୁ ? ଅର୍ଥ ନହେଲେ ଏ 'ସ୍ୱପ୍ନ'ର ସ୍ୱପ୍ନ ପୂରଣ ହେବ କେମିତି ?

ରଶ୍ମିରେଖାର କଥା ଶୁଣି ଅଭିଷେକର ମନେ ପଡିଥିଲେ ଦାର୍ଶନିକ କାର୍ଲମାର୍କସ୍ । କାର୍ଲମାର୍କସ୍ କହିଥିଲେ - ଦୁର୍ନୀତି ଓ ବେଶ୍ୟାବୃତ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଉଭୟେ ପରସ୍ପରର ପରିପୂରକ । ଦୁର୍ନୀତି ଓ ବେଶ୍ୟା ବୃତ୍ତି ଦୁଇଟି ଯାକ ସମାଜ ପାଇଁ କ୍ଷତିକାରକ । ବେଶ୍ୟା ବୃତ୍ତିରେ ଯେଉଁଭଳି ନୈତିକ ଚରିତ୍ର ନଷ୍ଟ ହୋଇଥାଏ, ଠିକ୍ ସେହିପରି ଦୁର୍ନୀତି ଭ୍ରଷ୍ଟାଚାର ଦ୍ୱାରା ବି ନୈତିକ ଚରିତ୍ର ନଷ୍ଟ ହୋଇଥାଏ । ଯେପରି ରାତିର ବେଶ୍ୟା ସକାଳୁ ସ୍ୱଚ୍ଛ ନିର୍ମଳ, ଦୁର୍ନୀତିଗ୍ରସ୍ତ ନେତାମାନେ ବି ବହୁ ଦୁର୍ନୀତି ସ୍କାମ କରିବା ସତ୍ତ୍ୱେ 'ସ୍ୱପ୍ନ' ପରି ଅନୁଷ୍ଠାନମାନଙ୍କର ପୃଷ୍ଠପୋଷକ ସାଜି ଦିନର ଆଲୋକରେ ମିଷ୍ଟର କ୍ଲିନ ବନି ଯାଆନ୍ତି ।

ସ୍ୱପ୍ନ ଭାଂଗି ଭାଂଗି ଯାଉଥିଲା ଅଭିଷେକର । ତାକୁ ଲାଗୁଥିଲା ରଶ୍ମୀରେଖାର ହାତ ଖସି ଯାଉଛି ତା' ହାତମୁଠାରୁ । ତା' ସାମ୍ନାରେ ଠିଆ ହୋଇଥିଲେ ବି ରଶ୍ମୀ ଲାଗୁଛି ଦୂର ଆକାଶର ଗୋଟେ ଦିକ୍‌ଦିକ୍ ଜଳୁଥିବା ତାରା । ଯୋଉ ରଶ୍ମୀର ସମାଜସେବା ପ୍ରତି ଆଗ୍ରହ ତାକୁ ତା'ର ନିକଟବର୍ତ୍ତୀ କରିଥିଲା ଆଜି ସେହି ରଶ୍ମୀ ତାକୁ ଲାଗୁଛି ଅଜଣା, ଅଚିହ୍ନା !

ମଣିଷ କେତେ ଶୀଘ୍ର ବଦଳିଯାଏ ସତରେ ? କେତେ ଶୀଘ୍ର ପଛ କରିଦିଏ ନିଜ ଆଦର୍ଶ, ନିଜ ନୀତିକୁ ? ସ୍ୱାର୍ଥ ପାଇଁ ଆପଣେଇ ନିଏ ସହଜ ରାସ୍ତା, ଯୋଉଥିରେ ମାଟିରେ ମିଶିଯାଏ ତାର ନୈତିକତା ? ନହେଲେ ମାତ୍ର କେତେଟା ଟଙ୍କା ଅନୁଦାନ ପାଇବା ପାଇଁ ରଶ୍ମି ପରି ଦାମିକ ଝିଅଟେ ବିକି ଦେଇଥାନ୍ତା ନିଜକୁ ?

ରଶ୍ମୀ ତାକୁ ଆଉ ସାଧାରଣ କି ଅସାଧାରଣ ଝିଅ ପରି ଲାଗୁନଥିଲା । ଲାଗୁଥିଲା ରହସ୍ୟମୟୀ, ବେଶ୍ ଶକ୍ତିଶାଳୀ ବି । ନିରବରେ ସେଠାରୁ ଚାଲିଆସିବା ସମୟରେ ତା'ର ମନେପଡୁଥିଲା ଚାଣକ୍ୟଙ୍କର ଉକ୍ତି । କୂଟନୀତିଜ୍ଞ ଚାଣକ୍ୟ କହିଥିଲେ- ଏ ପୃଥିବୀର ସବୁଠାରୁ ଶକ୍ତିଶାଳୀ ହେଉଛି ନାରୀର ଯୌବନ ଆଉ ତାର ସୌନ୍ଦର୍ଯ୍ୟ । ଯେକୌଣସି ନାରୀ ଏହି ଶକ୍ତିକୁ ବିନିଯୋଗ କରି ଅସମ୍ଭବକୁ ସମ୍ଭବ କରିପାରେ । ଏହି ଶକ୍ତିବଳରେ ସେ ସମଗ୍ର ପୃଥିବୀକୁ ଧ୍ୱଂସ କରିପାରେ ପୁଣି ସୁନ୍ଦର ବି କରିପାରେ ।

ସେ କଳ୍ପନା ଚକ୍ଷୁରେ ଦେଖୁଥିଲା ରଶ୍ମୀ ସହ ବିଜୟାନନ୍ଦଙ୍କ ସମ୍ପର୍କ ।

ଟିକେ ଆଗରୁ ଯୋଉ ରଶ୍ମି ପ୍ରତି ତା' ମନରେ ଥିଲା ଭଲପାଇବା, ସମ୍ମାନବୋଧ, ମାତ୍ର କେଇଟା ମିନିଟ୍ ବ୍ୟବଧାନରେ ସେଇ ରଶ୍ମୀ ପ୍ରତି ଘୃଣାରେ ଭରି ଯାଇଥିଲା ତାର ମନ । ତାକୁ କିଛି କହିବାକୁ ଇଚ୍ଛା ହେଲାନି ଅଭିଷେକର । ତାକୁ ଲାଗୁଥିଲା ସମସ୍ତେ ଯେମିତି ଗୋଟିଏ ଲାଉର ମଞ୍ଜି । ସମସ୍ତେ ସମସ୍ତଙ୍କ ସ୍ୱାର୍ଥ ହାସଲ ପାଇଁ ବାଛି ନେବାକୁ ପଛେଇ ନାହାନ୍ତି ସେମାନଙ୍କର ରାସ୍ତା । ସେ ସେଇଠୁ ପଛ କରିଦେଲା ରଶ୍ମୀକୁ । ଗୋଟେ ପ୍ରକାର ଅଶ୍ୱସ୍ତି ତାକୁ ଆଚ୍ଛନ୍ନ କରିଦେଲା ଯେମିତି । ତାକୁ ଲାଗିଲା ସେ ଯେମିତି ଆଉ କାହା ଉପରେ ଭରସା କରିପାରିବନି । ବ୍ରହ୍ମ ସତ୍ୟ, ଜଗତ୍ ମିଥ୍ୟା ।

ସମସ୍ତେ ଚାଲନ୍ତୁ ସେମାନଙ୍କ ରାସ୍ତାରେ । ସେ କିନ୍ତୁ ଆଉ କାହା ପାଦ ସହ ପାଦ ମିଳେଇ ଚାଲିବାର ଅପଚେଷ୍ଟା କରିବନି । ଏତେଦିନ ଯାଏ ଯୋଉମାନେ ତାକୁ ଭଲ ଲାଗିଲେ ସିଏ ସେମାନଙ୍କ ସହ ଯୋଡି ହୋଇ ଚାଲିବାର ଚେଷ୍ଟା କରିଥିଲା । କିନ୍ତୁ ସବୁଥର ସାମ୍ନା କରିଥିଲା ଗୋଟେ ବିଫଳତା । ସବୁଥର ସମସ୍ତଙ୍କର ମୁଖା ଫିଟିଥିଲା, ଆଉ ସେଇ ମୁଖାତଳୁ ଅଭିଷେକ ଆବିଷ୍କାର କରିଥିଲା ଗୋଟେ ଗୋଟେ ଭୟଙ୍କର ବାସ୍ତବତା । ଏହା କଣ ଈଶ୍ୱରଙ୍କ ଲୀଳା ନା ମଣିଷ ଯାହା ଚାହୁଁଛି ତାହା ଘଟେଇ ପାରୁଛି ନିର୍ବିବାଦରେ ? ଈଶ୍ୱର କଣ ଯଦୁବଂଶ ନିଧନ କଲାପରି ସମସ୍ତଙ୍କ ଭିତରେ ଏମିତି ଭୟଙ୍କର କପଟତା ଭର୍ତ୍ତି କରି ଧ୍ୱଂସର ଲୀଳା ରଚନା କରୁଛନ୍ତି ? ଯେମିତି ନଚଉଛନ୍ତି ଆମେ ସେମିତି ନାଚୁଛେ ?

ତା' ଭାବନା ଭିତରକୁ ଈଶ୍ୱର ଆସିବା ମାତ୍ରେ ଜଗନ୍ନାଥଙ୍କର ଚକାଆଖି ଦିଶିଯାଉଥିଲା ଅଭିଷେକକୁ । ସେଇଠି ଯେମିତି ଆରମ୍ଭ ଓ ଶେଷ ବିନ୍ଦୁ ଏକାଠି । ତା' କାନରେ ପ୍ରତିଧ୍ୱନିତ ହେଉଥିଲା ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ..........
(ସମାପ୍ତ)

# * ଡିବିରି *

ଅଣୁ ଗଳ୍ପ



**ଘନଶ୍ୟାମ ପଲେଇ**

ଛୋଟ ଗାଁଟିଏ । ନୂଆଣିଆ ନଡା ଛପରର କେଇଟା ଘରକୁ ନେଇ ଗାଁ । ସଞ୍ଜ ହେଉ ହେଉ କାଳି ବିଲେଇ ପରି ଅନ୍ଧାର ନେଶିହୁଏ ଘରର କାନ୍ଥ ବାଡରେ । ରାତି ଯେତେ ଯେତେ ବଢେ ଝିଙ୍କାରୀସବୁ ରାହା ଧରନ୍ତି । ପେଚା ସବୁ କୁହୁାନ୍ତି ଗଛଡାଳରେ ବସି ।

ନା ଆଉ ନୁହଁ, ଘରେ ଅନ୍ଧାର ଥିବ ଯେ ଡରିବ । ଡିବରି ସିନା କଳା ଅନ୍ଧାରକୁ ଦୂର କରିବାକୁ ଥିଲା ଅକ୍ଷମ । ନା ଥିବ କଳାଧୂଆଁ, ନା ଥିବ ପ୍ରତିଦିନ ସଳିତା ସଜାଡ଼ି ତେଲ ଭରିବା କାମ । ଘର ମଝି ବାଉଁଶ ଦଣ୍ଡାରେ ରସୁଣପେନ୍ଥା ସହ ଝୁଲୁଥିଲା ବିଜୁଳି ବଲଟିଏ । ଅନ୍ଧାରକୁ ଚିରି ଆଲୋକିତ ରଶ୍ମି ଛିଟିକି ପଡୁଥିଲା ଘର ସାରା । ସରୁତାରରେ ଖୁଣ୍ଟରୁ ଆସିଥିଲା ଘରକୁ ଲାଇନ୍ । ମକରା କେତେବେଳଠୁଁ ନିରଖେଇଛି ପାରା ଆଖିରେ ବିଜୁଳି ବଲକୁ ।

ବିଜୁଳି ବତିଟା ତ ! କୋଉ ନୂଆ କଥା ? ବିଜୁଳି ବଲ ଜଳିବା କ'ଣ ନୂଆ ? ଘଣ୍ଟା ଘଣ୍ଟା ଧରି କାହିଁକି ନିରିଖେଇ ଦେଖୁବ ଜଣେ ? ବଡ ଆଶ୍ଚର୍ଯ୍ୟ ଲାଗେ । ନୂଆ ବାହା ହେଇ ଆସିଲା ଦିନରୁ ଲକ୍ଷ୍ୟ କରୁଥିଲା ମାଳତୀ । ଆଜକୁ ବର୍ଷେ ହେଲା ବାହାଘରର । ବିବାହ ବାର୍ଷିକୀ ଆଜି । ପଚାରିଲା- ହେଇଟି ଶୁଣଚ ! ଆଜି ଆମର ବିବାହ ବାର୍ଷିକୀ । ତମେ କ'ଣ ବିଜୁଳି ବଲଟାକୁ ଆଁ କିନା ଚାହିଁଚ ବା । କେକ୍ କାଟିବାକୁ ନା ଗିଫ୍ଟ ମାଗୁଛି ଯେ ? ସ୍ନେହରେ ଟିକିଏ କ୍ଷୀରି ରାନ୍ଧିଥିଲି ଖାଇବା ଆସ ମିଶି ।

ମାଳତୀ କଥାରେ ଚମକି ପଡିଲା ମକରା । ସଜାଡ଼ି ହେଉ ହେଉ କହିଲା- ନାଇଁ କିଛି କଥା ନାଇଁ ?

କ୍ଷୀରି ବାଢୁ ବାଢୁ ପୁଣି ପଚାରିଲା ମାଳତୀ - ଠିକ୍ ଯେ, ବିଜୁଳି ବତିର ରହସ୍ୟଟା ବୁଝି ପାରିଲି ନି ଏଯାଏଁ ।

ମକରା - ସାଧାରଣ ପାଇଁ ଏହା ଖାଲି ବିଜୁଳି ବତିଟେ, ଆମ ମାନଙ୍କ ଏହା ଆଶାର ଆଲୋକ । ଗାଁ ଉନ୍ନତିର ମୂଳଦୁଆ ।

ବାହା ହେଇ ଆସିନଥିଲୁ । ଢେର ବର୍ଷ ପୂର୍ବେ ଗାଁକୁ ଆସିଥିଲା ଲାଇନ୍ । ବର୍ଷ ଦି'ଟା ଜଳିଛି କି ନା ଟ୍ରାନ୍ସଫର୍ମର ଜଳିଗଲା । ଗାଁବାଲା ଇଲେକ୍ଟ୍ରି ଅଫିସରେ ଯେତେ ଅଭିଯୋଗ କଲେ କିଛି ନାଇଁ ଫଳ । ଆଜି କାଲି କହି ମାସ ବର୍ଷ ଗଡିଲା । ଯୋଉ ଅନ୍ଧାରକୁ ସେଇ ଅନ୍ଧାର । ସେଇ ଡିବିରି ଜୀବନ । କେହି ଶୁଣିବାକୁ ନାହିଁ ।

ଦିନେ ଗାଡିଟିଏ ପହଞ୍ଚିଲା ଗାଁରେ । ଗାଡି ଉପରେ ସିଡି ଥିଲା ବନ୍ଧା । ଦି' ଜଣ ବାବୁ ଓହ୍ଲେଇଲେ ରେଜିଷ୍ଟର ଧରି । ଗାଁବାଲାଙ୍କୁ ଡକେଇ କହିଲେ - ଭାଇ ମାନେ, ଆମେ ଦୁଃଖିତ । ବହୁ ବର୍ଷ ରହିଲ ଅନ୍ଧାରରେ । ଏଣିକି ଆଉ ନୁହଁ । ଟ୍ରାନ୍ସଫର୍ମର ଲାଗିବ ନୂଆ । ପୁରୁଣା ତାର ବି ହଟିବ । ଆପଣ ମାନଙ୍କ ସାହାଯ୍ୟ ଲୋଡା । ତମ ଭିତରୁ କିଏ କିଏ ଖୁଣ୍ଟ ଚଢି ପାର ।

ମକାରା ସେତେବଳକୁ ପନ୍ଦର ବର୍ଷର ଭେଣ୍ଡିଆ । ମାଙ୍କଡ଼ ବେଗରେ ଚଢୁଥିଲା ଗଛ । ହୁଁଟା ମାରି ଆଗେଇ ଆସିଲା । ତା' ପରି ଆଉ କିଛି ଭେଣ୍ଡିଆ ବାହାରିଲେ । ଗାଁ ଲୋକ ମିଶି ଖୁଲି ଦେଲେ ଟ୍ରାନ୍ସଫର୍ମର ସହ ସବୁ ତାର । ଟ୍ରକରେ ଲୋଡ କରି ପଠେଇ ଦେଲେ ଖୁସିରେ ଖୁସିରେ ।

ଦିନ ପରେ ଦିନ ଗଡିଚାଲିଲା । ନା ଲାଗିଲା ଟ୍ରାନ୍ସଫର୍ମର ନା ତାର । ସ୍ୱପ୍ନ ସ୍ୱପ୍ନରେ ରହିଲା । ଗାଁ ଲୋକ ମିଶି ପହଞ୍ଚିଲେ ଇଲେକ୍ଟ୍ରି ଅଫିସରେ । ଗାଁ ବାଲାଙ୍କ କଥା ଶୁଣି ସେଠାରେ ସଭିଏଁ ହେଲେ ଚକିତ ।

ସରଳ ବିଶ୍ୱାସୀ ଗାଁଲୋକଙ୍କୁ ଦିନରେ ଡିବିରି ଦେଖେଇ ଠକି ନେଲେ ଚୋର । ଠକି ନେଲେ ଟ୍ରାନ୍ସଫର୍ମର ସହ ତାର । ଟ୍ରାନ୍ସଫର୍ମର ସହ ତାର ବି ଗଲା । ଆଁଟା କରି ମୁଁହ ଚାହାଁଚାହିଁ ହେଲେ ସଭିଏଁ ।

ବର୍ଷେ ହେବ ଆସିଛି ବିପିଏଲ କୋଟାରେ ଲାଇନ୍ । ସବୁବେଳ ମନରେ ଡର । ଠକି ଦେବେନି ତ କେହି । ଦିନରେ କେହି ଦେଖେଇବେନି ତ ଡିବିରି ? ଅଜାଣତରେ ଲୁହ ଦି' ଟପା ଖସି ଆସିଲା ଆଖିରୁ ।

ମାଳତୀ ସବୁ ଶୁଣି କହିଲା --- ଚୋରକୁ ମାନକରି କିଛି ଲାଭ ନାହିଁ । ଗାଁ ଜୀବନ ତ ସେଇ ରସାତଳକୁ । ଯୋଉ ଦରିଦ୍ରକୁ ସେଇ ଦରିଦ୍ର । ଆଜିବି ବହୁ ପଛରେ ଅନେକ ଗାଁ । ଡିବିରି ପରି ଆଲୁଅ କମ୍ ତା'ଠୁ ବେଶୀ ଅସଫଳତାର କଳା ଧୂଆଁ । ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ଯୋଜନା ଉପରେ ଯୋଜନା ହେଲେ ଗାଁର ଉନ୍ନତି କେବଳ ଧୂଆଁବାଣ ।

♥ ଗାଁ: ବଡ ଆମୁଁଣି, ପୋ: ହାଣ୍ଡିଭଙ୍ଗା, ଭାୟା: ଝୁମ୍ପୁରା, ଜିଲ୍ଲା: କେନ୍ଦୁଝର-୭୫୮୦୩୧
ମୋ:୯୪୩୭୭୧୮୫୦୦

## ବହି ଆଲୋଚନା



ଡ. ମମତା ପ୍ରିୟଦର୍ଶିନୀ ସାହୁ

# କଳ୍ପନା ଓ ବାସ୍ତବତାର କାକତାଳିକ କୋହରାଗ : କବି ମମତା ଦାଶଙ୍କ ' ମାୟାନ୍ଧକାର'

ନିୟତି ପୀଡିତ, ଦୁଃଖ, ଯନ୍ତ୍ରଣାଗ୍ରସ୍ତ ଜୀବନକୁ ଭୋଗ କରି, ସହ୍ୟ କରି, ଅତିକ୍ରମ କରିବାର ପ୍ରୟାସରେ ମଗ୍ନ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସ୍ୱନାମଧନ୍ୟା କବି ମମତା ଦାଶ ।

ଆଲୋକିତ ଆକାଶ ଅପେକ୍ଷା; ବେଶୀ ଅନ୍ଧକାରମୟ ଆକାଶକୁ ଅନୁଭବିଛନ୍ତି । ଭିନ୍ନ ଦୃଷ୍ଟିରେ ସୃଷ୍ଟିକୁ ଦେଖିବାର ଏ ପ୍ରୟାସ କବିଙ୍କର ଅନନ୍ୟ ନିଶ୍ଚୟ । ଚାରିଗୋଟି ଗଳ୍ପ ସଂକଳନ, ଗୋଟିଏ ଉପନ୍ୟାସ, ଗୋଟିଏ ସମାଲୋଚନା ପୁସ୍ତକ, ପନ୍ଦରଟି ଅନୁବାଦ ପୁସ୍ତକ ଓ ଗୋଟିଏ ଇଂରାଜୀ ସଂକଳନ ତାଙ୍କୁ ଆଣି ଦେଇଛି ବିପୁଳ ଯଶ ଓ ଖ୍ୟାତି । ବହୁ ଉଚ୍ଚକୋଟୀର ପୁରସ୍କାର ଏବଂ ବିଭିନ୍ନ ପତ୍ରପତ୍ରିକା ଓ ଲେଖକ ସାମୁଖ୍ୟ ପକ୍ଷରୁ ସମ୍ମାନିତ ହୋଇ ଓଡିଆ ସାହିତ୍ୟର ବାଣୀଭଣ୍ଡାରକୁ ସେ କରିଛନ୍ତି ଗୌରବାନ୍ୱିତ ।

'ମାୟାନ୍ଧକାର' ହେଉଛି ତାଙ୍କର ଅଷ୍ଟମ କବିତା ସଂକଳନ । ଏହା ପୂର୍ବରୁ ପ୍ରକାଶିତ ପ୍ରକାଶିତ ସାତୋଟି କବିତା ସଂକଳନ ବିପୁଳ ପାଠକୀୟ ସ୍ୱୀକୃତି ଲାଭ କରିଛି । ତାଙ୍କ କବିତାଗୁଡିକ ମୁଖ୍ୟତଃ ଏକ ସଚେତନ, ସମ୍ବେଦନଶୀଳ ମଣିଷର ଆତ୍ମ - ଅନ୍ୱେଷଣର ଅଭିଜ୍ଞତା । ତତ୍ ସଙ୍ଗେ ସଙ୍ଗେ ଏଗୁଡିକର ଅନ୍ତଃସ୍ୱର ଗଭୀର, ଗମ୍ଭୀର ପୁଣି କେବେ ଏକ ରହସ୍ୟମୟ ପ୍ରେମିକ ସତ୍ତା ସହିତ ମିଳନ, ବିଚ୍ଛେଦ, ମାନଅଭିମାନର ମଧୁର ରସରେ ରସାଣିତ ।

ଜୀବନ ଯୁଦ୍ଧରେ ଲହୁଲୁହାଣ କବିସତ୍ତା ପରିଚୟ ଖୋଜୁଥିବା ବେଳେ ସୃଷ୍ଟି ହୋଇଛି ସଂକଳନସ୍ଥ ପ୍ରଥମ କବିତା 'କ'ଣ ଦରକାର ଥିଲା ?' ଜୀବନର ପ୍ରେମ ପ୍ରତାରଣାକୁ କେତେ ରଂଗ ରାଗରେ ସଜେଇ ସାରା ଆୟୁଷକୁ ପରିଣତ କରିଦେଉଛି କବିତାରେ । କୋଟି ବଞ୍ଚିତ ମଣିଷ ପାଇଁ ଏକା ଏକା ବିଷ ପାନ କରି ବାଣ୍ଟି ଚାଲିଛି ଅମୃତ ।

ଏକଲା ମଣିଷର ଦୁଃଖ ଭୋଗ ହିଁ ହୋଇଛି ତାର ଐଶ୍ୱର୍ଯ୍ୟ । ପାର୍ଥିବ ଭୋଗ ତାକୁ ସ୍ୱର୍ଶ କରି ପାରିନାହିଁ । ବିଷାଦଗ୍ରସ୍ତ ଆତ୍ମା ନେଇ ଆପଣାକୁ ଜାଣିବାରେ ମଗ୍ନ କବି ମମତା ଦାଶ ଲେଖନ୍ତି -

'ଅନାମ, ଅଧାମ ଷ୍ଟେସନ
ବାହାରେ ଚାଲୁ ଚାଲୁ ସିନା
ପହଞ୍ଚିଗଲି ମୋର ନାମଫଳକ
ଥିବା ଘର ଆଗରେ, କଲିଂବେଲ୍ ଟିପିଲି,
ସେ ଘରୁ ଯିଏ ବାହାରି ଆସିଲା,
ତାକୁ 'ନିଜେ' ବୋଲି ଭାବିବାକୁ
ବାଧ୍ୟ ହେଲି ସିନା !'
( କବିତା : କ'ଣ ଦରକାର ଥିଲା ? )

ପ୍ରଫେସର୍ ଆଦିକନ୍ଦ ସାହୁଙ୍କ ମତରେ 'ବୌଦ୍ଧିକ ଜୀବନରେ ଜଣେ ଅଧିକ ସୃଜନଶୀଳ ମନ ନେଇ ବଞ୍ଚେ । ଈଶ୍ୱର ଉପଲବ୍ଧି ପ୍ରତି ଉନ୍ମୁଖ ହୁଏ । ପ୍ରକୃତି ପ୍ରାଣ ହୁଏ । ବୌଦ୍ଧିକ ଜୀବନ ଜଣକୁ ଜୀବନ ଭୋଗର ତୁଙ୍ଗିମା ଦାନ କରେ ।' ( ସାହୁ, ପ୍ରଫେସର ଆଦିକନ୍ଦ, 'ମୋ ମନ ପସନ୍ଦର କବି ଓ ଅନ୍ୟାନ୍ୟ ନିବନ୍ଧ' ପୃଷ୍ଠା- ୬୧) । କବି ଆତ୍ମା ଅଜସ୍ର ଯାତନା ସହ୍ୟ କରି ନିଜ ଭିତରେ ପାଇଛି ଦୈବୀ ସତ୍ତାର ଗଭୀର ଆସ୍ଥା । ବୌଦ୍ଧିକତାର ସ୍ୱର୍ଶ ପାଇ ପାଇଛି ଅଧିକ ସୃଜନଶୀଳତା ।

'କ'ଣ ଦରକାର ଥିଲା ମୋ ଭଳି ଜଣେ
ନିରୋଳା ମଣିଷକୁ
ଏମିତି ଘୁରାଇବା, ଚମକାଇବା,
ଏତେ ସରି କରିବା, ପୁଣି ଜଣେ ଯୋଗୀର
କେନ୍ଦେରା ଗୀତରେ ଖଞ୍ଜି ଦେବା ନାଆଁ ଗାଆଁ
ପରିଚୟ ତା' ର !'
(କବିତା : କ' ଣ ଦରକାର ଥିଲା ? )

'ସେ ଦିନର ଖରା' ଭିତରେ ନିଜସ୍ୱ ପୂର୍ବ ସ୍ମୃତି ସାଉଁଟିବାରେ ବ୍ୟସ୍ତ କବିମନ ଶୈଶବୀୟ ଭାବାନୁଭାବକୁ ଦର୍ଶେଇଦେବାକୁ ଯାଇ ଲେଖିଛନ୍ତି-

'ଅଣାୟଉମୁଁ ଦୌଡୁଥାଏ ଏଣେତେଣେ
ସେ ଦିନର ଖରା ଭିତରେ ।
ଫ୍ରକର ଅଣ୍ଟିରେ ଧରିଥାଏ
ସୋରିଷ ତେଲ ମିଶା ମୁଢି ଗଣ୍ଡାଏ
ଚଂଗଣୀ ପାପୁଲିରେ ମୋର କେବେ
ବିଜୁଳି ଚିକ୍ ଚିକ୍ ତ କେବେ ଛଟପଟ
ଗୋଟିଏ କଙ୍କି ।'
(କବିତା: ସେ ଦିନର ଖରା)

ପ୍ରେମ ହିଁ ବସ୍ତୁତଃ ଆମକୁ ଜୀବନପ୍ରିୟତା ଶିଖେଇଛି । ରୋଲୋମେଙ୍କ ପରି ଜଣେ ସମାଲୋଚକ ଯଥାର୍ଥରେ କହିଛନ୍ତି-

"LOVELINESS EXERCISES A PULL UPON US ; WE ARE DRAWN TO LIFE BY LOVE ."

ଆଲୋଚ୍ୟ ସଂକଳନର 'ତମେ ଯଦି ଅନୁଭବ କର 'କବିତାରେ କବି ମମତା ପ୍ରେମିକ ମନୋଭାବ ନେଇ ଅତ୍ୟନ୍ତ ଶ୍ରଦ୍ଧା ଓ ସୌଜନ୍ୟବୋଧର କଥା ଲେଖିଛନ୍ତି ।

'ତମେ ଯଦି ଅନୁଭବ କର
ସେଇ କଥାଟି, ଅନୁଭବ କର ଯଦି ତମେ
ତମେ ଯଦି ତମ ଶରୀର ତୂଣୀରରୁ
ଶରଟିଏ ନିକ୍ଷେପିବ, ସେଇ ଅଚଳାୟତନକୁ,
ମୋର ତରଳ ଦେହ ସେଠାରୁ ନିଶ୍ଚେ
ବହିଆସିବ ଧାରଧାର ।'
(ତମେ ଯଦି ଅନୁଭବ କର )

ଆହୁରି ବି କବି ବିଭୋରପଣରେ ଉଚ୍ଚାରଣ କରନ୍ତି :

'ମୁଁ ମିନିଟକରେ ପାଞ୍ଚ କିଲୋମିଟର
ଦୌଡିଯାଇ ପହଞ୍ଚିଯାନ୍ତି ପରା ତମ ପାଖରେ
ବିଶ୍ୱାସ କର,
ତମେ ଯଦି ଅନୁଭବ କର ।'
(ତମେ ଯଦି ଅନୁଭବ କର )

ବାସ୍ତବିକ ଜୀବନରେ ପ୍ରେମର ମାହାତ୍ମ୍ୟ ଦ୍ୱିଗୁଣିତ କରିଦିଏ ଜୀବନ ବଞ୍ଚିବାର ମୋହକୁ । ଏ ଭାବର ଚମତ୍କାରୀ ପଣକୁ କବି ମମତା ମର୍ମେ ମର୍ମେ ଉପଲବ୍ଧି କରି ଗଢିତୋଳିଛନ୍ତି ଏ କବିତାର ଭାବ ବଳୟ ।

ସର୍ବମୋଟ ବୟାଳିଶ ଗୋଟି କବିତାର ସମ୍ମିଳନରେ ସୃଷ୍ଟ ଏ ସଂକଳନ ର ପ୍ରତ୍ୟେକ କବିତା ମଣିଷର ଅନ୍ତଃସ୍ଥଳର ବିଶ୍ଳେଷଣ କରି ମାନବିକ ମର୍ଯ୍ୟାଦା ପ୍ରତିଷ୍ଠା ପାଇଁ ବେଶ୍ ସଚେତନ । ତମାମ୍ କାରିଗରୀ ତଥା ତାଙ୍କର କବିତ୍ୱର ମାଧୁର୍ଯ୍ୟ ଏଥିରେ ଉଦ୍ଭାସିତ । ଜୀବନର କ୍ଷୋଭ, ଜ୍ୱାଳା ଭାବରେ ବିବେଚିତ ସଂକଳନସ୍ଥ ଏକ କବିତା ହେଉଛି 'ମାୟାନ୍ଧକାର', ଯାହାକୁ ନେଇ ଏ ପୁସ୍ତକ ହୋଇଛି ନାମିତ ।

ଚତୁର୍ଦିଗରେ ନାନା ବିଡମ୍ବନା ଓ ବ୍ୟତିକ୍ରମର ଦଂଶନରେ ନିୟତ ମ୍ରିୟମାଣ କବିପ୍ରାଣ ଖଣ୍ଡ ବିଖଣ୍ଡିତ ସ୍ୱପ୍ନମାନଙ୍କୁ ନେଇ ତଥାପି ବଞ୍ଚିଚାଲିଛନ୍ତି ଜୀବନ । ଅବିରତ ସଂଘର୍ଷ କରି ଖୋଜିଛଚାଲିଛନ୍ତି ଶାନ୍ତିମୟ ନୂତନ ପୃଥିବୀ ।

'ଏତେ ଅନ୍ଧାର କାହିଁକି
କାହିଁକି ଶବ୍ଦ ଦିଶୁନାହିଁ, ମୁହଁ ଦିଶୁନାହିଁ,
ଲକ୍ଷ୍ୟ ଦିଶୁ ନାହିଁ, ଦିଶୁ ନାହିଁ ସୀମା,
ଚଟାଣ, କାନ୍ଥ ?
ମୁଁ ନିଶ୍ୱାସ ବାରି ବାରି ତାକୁ
ଅଣ୍ଡାଳୁଛି ।' (କବିତା : ମାୟାନ୍ଧକାର)

ଦୀର୍ଘ ପୀଡା ଯନ୍ତ୍ରଣାର ଯାତନା ଭୂମିକୁ ଅତିକ୍ରମ କଲାବେଳେ ସମସ୍ତ ଅପ୍ରତ୍ୟାଶିତ ଚଳଣିର ସମାବେଶରେ ସେ ନୟାନ୍ତ ଓ ଘର୍ମାକ୍ତ ।

'ସୁଡଙ୍ଗ ଅସରନ୍ତି
ଓଜନିଆ ଅନ୍ଧାର ଚାପିଦେଉଛି
ମନ, ଦେହ, ଆତ୍ମା, ବୁଝାମଣା,
ଅବବୋଧ ଉପରେ ।
ଆତତାୟୀ ଅନ୍ଧକାର,
ପୈଶାଚିକ ତା'ର କାରବାର,
ଆଃ ! କିମିତି ପ୍ରବେଶ କଲା
ଏ ଅନ୍ଧାର ଆମ ଭିତରେ,
କହ ତ, କହ ।' (କବିତା : ମାୟାନ୍ଧକାର )






କବିଙ୍କ ସ୍ୱୀୟ ପ୍ରାଜ୍ଞିକ କାବ୍ୟାନୁଭୂତିର ଅନ୍ୟତମ ଚଟୁଳ ଚିନ୍ତନ ହେଉଛି କବିତା 'କାନୁଛାଇ'।

ପ୍ରଚଣ୍ଡ ପିପାସାରେ ଆତୁର କବିସତ୍ତା
ରହସ୍ୟମୟ ଆବରଣତଳୁ
ଅଣ୍ଡାଳିଛନ୍ତି ସଂପର୍କର ସୂତାଖିଅ ।
'ତମେ ମତେ କ'ଣ ଦେଇପାରିବ ଆଜି ?
ଚୁମ୍ବନସିକ୍ତ ମୋର ଅତୀତ,
ପୁଷ୍ପ ଜର୍ଜରିତ ଏକ ନିବୁଜ ଆଲିଙ୍ଗନ ?
ନା, ମୁଁ ଜାଣେ ତୁମେ ଏବେ
ଅତିକ୍ରମିତ ଯାଇଛ ଦେହ ତତ୍ତ୍ୱ,
ଏକଥା କହିଛ ତମେ,
ନିଶ୍ଚୟ କହିଛ ।' (କବିତା : କାନୁଛାଇ )

ଆଲୋଚ୍ୟ ସଂକଳନରେ କବି ନିଜସ୍ୱ ବିଚାରସିଦ୍ଧ ଚେତନା ଜଗତର ସମସ୍ତ ସୌନ୍ଦର୍ଯ୍ୟ ସଂସ୍ଥାପନରେ ହୋଇଛନ୍ତି ବିଶେଷ ଯତ୍ନବାନ୍ ।

ଜୀବନ ପାଇଁ ଉଜ୍ଜାପିଛନ୍ତି ଆପଣାର ଦୃଢ ଅଙ୍ଗୀକାର । ସଂଘର୍ଷଶୀଳ ନାରୀ ଜୀବନର ନାନା ଜଟିଳତା, ଶୋଷଣକଷଣ , କ୍ଷୁଧା, ତାଡନାର ବିଶ୍ଳେଷଣ ପୂର୍ବକ ଭେଟି ଦେଇଛନ୍ତି କବିତାର ଗୁଚ୍ଛ 'ମାୟାନ୍ଧକାର'।

ରୋମାଣ୍ଟିକ ରିଅଲିଜମ୍ (ROMANTIC REALISM)ର ଏକ ପ୍ରବାହ ଦେଇ ଗତିଶୀଳ ଏ ସଂକଳନଟି କବି ମମତା ଦାଶଙ୍କୁ ମାନବିକ ଉଚ୍ଛ୍ୱାସର ସ୍ୱଚ୍ଛନ୍ଦ ପ୍ରବକ୍ତା ଭାବରେ ନିର୍ଣ୍ଣିତ ରୂପେ ଗୌରବ ପ୍ରଦାନ କରିବ, ଏଥିରେ କୌଣସି ଦ୍ୱିଧା ନାହିଁ ।

ଓଡିଆ ଅଧ୍ୟାପିକା, ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍, ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ, ବାଲିଶଙ୍କରା, ସୁନ୍ଦରଗଡ ।
ମୋ : ୯୩୩୭୦୬୭୧୮୬

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୪



ଉମାକାନ୍ତ ରାଉତ(ଅରୂପ)
ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ : ୯୪୩୭୨୬୭୧୨୫

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖିରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।

ପଞ୍ଚ ମୁରୁଜରେ ଚିତ୍ରିତ ଚଉଁରା
ଜହ୍ନ ପାଇଁ ଜହ୍ନି ଓଷା
ଗ୍ରାମ୍ୟ କୁମାରୀଙ୍କ ସଂଗୀତ ମୂର୍ଚ୍ଛନା
ନବ ପଲ୍ଲବିନୀ ଆଶା ।୩୧ ।

ନଈ ପଠାପରେ କାଶତଣ୍ଡୀ ବାସ
ପାଳମୁଣ୍ଡ ତେଣ୍ଡା ସଜ
ବାର ବଣୁଆର ମଶାଣି ଭୂଇଁରେ
ବାବନା ଭୂତର ଖୋଜ ।୩୨ ।

ବିଲହୁଡ଼ା ପରେ ଲୁଗାକାନି ପାରି
ଚଷା ଝିଅ ଗାଏ ଗୀତ
ଆମ୍ବ ବଗିଚାର ବଉଳ ବେଣୀରୁ
ମହୁମାଛିର ସଂଗୀତ ।୩୩ ।

ଗହିର ବିଲରୁ ଭାସି ଭାସି ଆସେ
ଶୃଗାଳର ହୁକେ ରଡ଼ି
ମାମୁଁ ଘର ଗାଆଁ ତୋଟା ଗହଳରୁ
ପିକ କୁହୁକ ହେଙ୍ଗୁଡ଼ି ।୩୪ ।

ଝଙ୍କା ବରଗଛ ଗହଳ ଛାଇରେ
ବାଟୋଇ ନିଦେଇ ଯାଏ
ପବନ ବଜାଏ ନଦୀଆ କୀର୍ତ୍ତନ
ଗାଇଆଳ ଗୀତ ଗାଏ ।୩୫ ।

ଦେବଦାରୁ ଗଛ ପତ୍ର କଣାରେ
ସୂର୍ଯ୍ୟ ଓହ୍ଲାଇ ଆସେ
କ୍ଳାନ୍ତ ଶରୀର ଲୋଟାଇ ଦେବାକୁ
ମାଟିର ଦେହରେ ମିଶେ ।୩୬ ।

ନାଳି ସଡ଼କର ଅନ୍ତିମ ମୁଣ୍ଡରେ
ପାହାଡ଼ଟା ଶୋଇଥାଏ
ବାଟ ହୁଡ଼ିଗଲେ ଆମ ଗାଁ ମେଘ
ସେଇଠୁ ଫେରେଇଦିଏ ।୩୭ ।

ଭାରି ଦୁଷ୍ଟ ଆମ ଗାଆଁର ପବନ
ଫୁଲଭରା ତାର ଆଖି
ଚୁମ୍ବନ ଠାରୁ ଆହୁରି ଉଷୁମ
ଆମ ଗାଁ ଭିଜାମାଟି ।୩୭ ।

ବେଳେବେଳେ ଲାଗେ ଆମ ଗାଆଁ ନଈ
ଶକତ ମିଛେଇ ଏକା
ବାଟ ଭାଙ୍ଗି ମୁହଁ ମୋଡ଼ି ଚାଲିଯାଏ
ଜମା କହେନାହିଁ କଥା ।୩୮ ।

ଆଉ କେତେବେଳେ ଏମିତି ପ୍ରଗଳ୍ଭା
କୁଆଡ଼େ ଭସେଇ ନିଏ
ଜଗତରେ ସତେ ଏକୋଇ ଫୁଲେଇ
ତା'ପରି ଆଉକେ ନୁହେଁ ।୩୯ ।

ଆମ ଗାଆଁ ବିଲ ସୋରିଷ କିଆରି
କଅଁଳ ଉଷୁମ ଖରା
ସବୁ ମହୁମାଛି ମଧୁର ଗୁଂଜନ
ସରାଗ ସେଥିରେ ଭରା ।୪୦ ।

# ଓଡ଼ିଶାର ଅଙ୍ଗଚ୍ଛେଦନ : ବଙ୍ଗ ପ୍ରଦେଶରେ ମେଦିନୀପୁର ଜିଲ୍ଲାର ମିଶ୍ରଣ



ଡ. ଶ୍ରୀକାନ୍ତ ଚରଣ ପାତ୍ର

ଉତ୍କଳ ସମ୍ରାଟ ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱକାଳରୁ (ଖ୍ରୀ:୧୦୭୮- ଖ୍ରୀ:୧୧୪୭) ଓଡ଼ିଶାର ସୀମା ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗୋଦାବରୀ ନଦି ଯାଏଁ ବ୍ୟାପି ରହିଥିବାବେଳେ କପିଳେନ୍ଦ୍ର ଦେବଙ୍କ ଶାସନ କାଳରେ ତାହା ଦକ୍ଷିଣରେ କାବେରୀ ନଦୀଯାଏଁ ବିସ୍ତୃତ ଲାଭ କରିଥିଲା ।

ମହମ୍ମଦ ଘୋରୀ ଖ୍ରୀ:୧୧୯୨ରେ ଦିଲ୍ଲୀ ଓ ଆଜମିର ଅଧିକାର କରି ନିଜର ବିଶ୍ୱସ୍ତ ସେନାପତି କୁତବୁଦ୍ଦିନଙ୍କୁ ବିଦିତ ରାଜ୍ୟର ଶାସନ ଓ ଭାରତରେ ଅଧିକ ଅଂଚଳ ନିଜ ସାମ୍ରାଜ୍ୟଭୁକ୍ତ କରିବାପାଇଁ ଅଧିକାର ଦେଇ ସ୍ୱଦେଶକୁ ଫେରିଗଲେ ଓ କୁତବୁଦ୍ଦିନ ମାତ୍ର ଗୋଟିଏ ବର୍ଷ ଅର୍ଥାତ ଖ୍ରୀ: ୧୧୯୩ ସୁଦ୍ଧା ଉତ୍ତର ଭାରତର ଅନେକ ରାଜ୍ୟ ଅଧିକାର କରି ଉତ୍କଳର ଉତ୍ତର ସୀମାନ୍ତରେ ଉପସ୍ଥିତ ହେଲେ । ମାତ୍ର, ଓଡ଼ିଶାର ଶକ୍ତିଶାଳୀ ସୈନ୍ୟବାହିନୀ ଭୟରେ ଉତ୍କଳ ଆକ୍ରମଣର ସାହସ କରି ନଥିଲେ ।

ମାତ୍ର, ଷୋଡ଼ଶ ଶତାବ୍ଦୀ ବେଳକୁ ପରିସ୍ଥିତି ବଦଳିଗଲାଣି । ଓଡ଼ିଶାର ଶାସକ ଗୋଷ୍ଠୀଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ ପ୍ରବଳ ହେବାରୁ ଉତ୍ତର ଦିଗରୁ ଶତ୍ରୁମାନେ ଘନଘନ ଓଡ଼ିଶା ଆକ୍ରମଣ କରୁଥାନ୍ତି । ଖ୍ରୀ: ୧୫୬୮ରେ ବଙ୍ଗର ଶାସକ ସୁଲେମାନ କରରାଣୀ ଓଡ଼ିଶା ଆକ୍ରମଣ କରୁବାରୁ ଓଡ଼ିଶାର ରାଜା ମୁକୁନ୍ଦବେ (ଖ୍ରୀ:୧୫୫୯-୧୫୬୮) ତାଙ୍କର ପ୍ରତିରୋଧରେ ବ୍ୟସ୍ତ ଥିବାବେଳେ ସାରଙ୍ଗଗଡ଼ର ଅଧ୍ୟକ୍ଷ ରାମଚନ୍ଦ୍ର ଭଂଜ ନିଜକୁ ଓଡ଼ିଶାର ରାଜାବୋଲି ଘୋଷଣା କଲେ । ବ୍ୟତିବ୍ୟସ୍ତ ହୋଇ ମୁକୁନ୍ଦଦେବ ସୁଲେମାନ କରରାଣୀଙ୍କ ସହିତ ସନ୍ଧି କରି ରାଜଧାନୀକୁ ଫେରୁଥିବାବେଳେ ପଥ ମଧ୍ୟରେ ଭଦ୍ରକର ଧାମନଗର ନିକଟବର୍ତ୍ତୀ ଗୋହିରା ଟିକିରୀଠାରେ ରାମଚନ୍ଦ୍ର ଭଂଜଙ୍କ ସହିତ ସାକ୍ଷାତ ହେବାରୁ ରାମଚନ୍ଦ୍ର ଭଂଜ ନିଜକୁ ଓଡ଼ିଶାର ରାଜା ବୋଲି ଘୋଷଣା କଲେ ସତ, ମାତ୍ର ସେହଦିନ ଠିକ୍ ସେହି ସ୍ଥାନରେ କରରାଣୀଙ୍କ ପୁତ୍ର ବାଇଜିତ୍‌ଙ୍କ ଦ୍ୱାରା ରାମଚନ୍ଦ୍ର ନିହତ ହେଲେ ଓ ଓଡ଼ିଶାର ସୌଭାଗ୍ୟ ରବି ଅସ୍ତମିତ ହୋଇଗଲେ । ସେଇ ଦିନଠୁଁ ଓଡ଼ିଶାର ବଙ୍ଗଳାର ଶାସକ ଆଫଗାନମାନଙ୍କ ଅଧୀନସ୍ଥ ହେଲା । ମାତ୍ର, ଅଳ୍ପଦିନ ପରେ ଖ୍ରୀ: ୧୫୯୨ରେ ଉତ୍କଳ ମୋଗଲମାନଙ୍କ ଅଧୀନସ୍ଥ ହୋଇ ବଙ୍ଗ ପ୍ରଦେଶରେ ରହିଲା ।

ବିଦେଶୀ ଶାସନ କାଳରେ ଓଡ଼ିଶାର ପ୍ରଭୂତ କ୍ଷତି ସାଧିତ ହେଲା । ସେତିକି ବେଳେ ଓଡ଼ିଶାର ମେଦିନୀପୁର ଜିଲ୍ଲାକୁ ଖଣ୍ଡ ଖଣ୍ଡ କରି ବଙ୍ଗଳା ସହିତ ମିଶାଇ ଦେବା ସହିତ ସେଠାରେ ଓଡ଼ିଆ ଭାଷା ଓ ସଂସ୍କୃତିର ବିଲୋପ ପାଇଁ ପର୍ଯ୍ୟାୟକ୍ରମେ ଚକ୍ରାନ୍ତ କରାଗଲା । ରାଜସ୍ୱ ଆଦାୟର ସୁବିଧା ହେବାର ଆଳ ଦେଖାଇ ମୁର୍ଶିଦ କୁଲି ଖାଁଙ୍କ ଶାସନ କାଳରେ ଖ୍ରୀ: ୧୭୦୬ରେ ପ୍ରଥମେ ମେଦିନୀପୁର ଜିଲ୍ଲାର ଉତ୍ତରାଂଶର ବିସ୍ତୃତ ଅଂଚଳକୁ ବଙ୍ଗଳା ସହିତ ମିଶାଇ ଦିଆଗଲା । ପୁଣି, ମହମ୍ମଦ ତର୍କୀଖାଁ ଶାସକ କାଳରେ ସେଇ କାରଣ ଦର୍ଶାଇ ମେଦିନୀପୁର ଜିଲ୍ଲାର ଅବଶିଷ୍ଟ ଅଂଚଳକୁ ବଙ୍ଗଳା ସହିତ ମିଶାଇ ଦିଆଗଲା ।

ସମୟ ବିତିଗଲା । ପୁନରାୟ ଓଡ଼ିଶାର ଅଙ୍ଗଛେଦନ କରାଗଲା । ବଙ୍ଗର ନବାବ ଆଲିବର୍ଦ୍ଦି ଖାଁ ମରହଟ୍ଟା ମାନଙ୍କ ଆକ୍ରମଣରେ ବ୍ୟତିବ୍ୟସ୍ତ ହୋଇ ସେମାନଙ୍କ ସହିତ ସନ୍ଧି କଲେ । ସର୍ତ୍ତ ଅନୁଯାୟୀ ଓଡ଼ିଶାର ଦକ୍ଷିଣ ସୀମାରୁ ସୁବର୍ଣ୍ଣରେଖା ନଦୀର ଦକ୍ଷିଣ ସୀମାଯାଏଁ ମରହଟ୍ଟା ମାନଙ୍କୁ ଛାଡ଼ିଦେଲେ । ଅର୍ଥାତ ପୂର୍ବଭଳି ସଂପୂର୍ଣ୍ଣ ମେଦିନୀପୁର ଜିଲ୍ଲା ବଙ୍ଗଳାର ଅନ୍ତର୍ଭୁକ୍ତ ହୋଇ ରହିଲା । ୧୭୫୨ ଖ୍ରୀ: ପଲାସୀ ଯୁଦ୍ଧରେ ଇଂରେଜମାନେ ବଙ୍ଗଦେଶକୁ ଅଧିକାରୁ କରିବାରୁ ମେଦିନୀପୁର ଜିଲ୍ଲା ତାଙ୍କର ଅଧୀନସ୍ଥ ହେଲା । ଖ୍ରୀ: ୧୮୦୩ରେ ସୁବର୍ଣ୍ଣରେଖା ନଦୀର ଦକ୍ଷିଣକୁ ଥିବା ଓଡ଼ିଶାର ଅବଶିଷ୍ଟ ଅଂଶ ଇଂରେଜମାନଙ୍କ ଶାସନାଧୀନ ହେଲା । ଫଳରେ ସମଗ୍ର ଓଡ଼ିଶା ତାଙ୍କ ଶାସନାଧୀନ ହେଲା । ସତରେର ଏକ ସାହସୀ ଓ ବୀର ଜାତିର ଭାଗ୍ୟର କି ବିପର୍ଯ୍ୟୟ !

ଇଂରେଜ ଶାସନ କାଳରେ ସୁବର୍ଣ୍ଣରେଖା ନଦୀର ଦକ୍ଷିଣରେ ଥିବା ଅନେକ ପ୍ରଗଣା ବଙ୍ଗଳା ଶାସନାଧୀନ ହୋଇ ରହିଲା । ଏଇଭଳି ସୀମାରେ ବାରମ୍ବାର ଅଦଳ ବଦଳ ହେଉଥିଲା । ଏହାପରେ ଆରମ୍ଭ ହେଲା ମେଦିନୀପୁର ଜିଲ୍ଲାରେ ଓଡ଼ିଆଭାଷା ବିଲୋପ ଓ ବଙ୍ଗଳା ଭାଷାର ପ୍ରଚଳନର ଚକ୍ରାନ୍ତ । ସେଯାଏଁ ମେଦିନୀପୁର ଜିଲ୍ଲାର ଅଧିବାସୀମାନଙ୍କର କଥିତ ଓ ଲିଖିତ ଭାଷା ଥିଲା ଓଡ଼ିଆ । ଓଡ଼ିଆ ଅବଧାନ ମାନେ ବାଲେଶ୍ୱର ଓ କଟକ ଜିଲ୍ଲାରୁ ଯାଇ ମେଦିନୀପୁର ଜିଲ୍ଲାର ବିଭିନ୍ନ ଗ୍ରାମରେ ଚାଟଶାଳୀ ମାଧ୍ୟମରେ ପିଲାଙ୍କୁ 'ଓଡ଼ିଆ' ଭାଷା ଶିଖାଉଥିଲେ । ଖ୍ରୀ: ୧୮୭୦ରେ ହିଜିଲିକୁ ମେଦିନୀପୁର ଜିଲ୍ଲାରେ ଅନ୍ତର୍ଭୁକ୍ତ କରାଗଲା ଓ ତାହା ଏକ ଖାଂଟି ଓଡ଼ିଆ ଅଂଚଳ ହୋଇଥିଲେ ବି ସେଠାରେ ଇଂରେଜମାନେ ସରକାରୀ କାର୍ଯ୍ୟ ବଙ୍ଗଳା ଭାଷାରେ ଚଳାଇଲେ ଓ ସରକାରୀ ବିଦ୍ୟାଳୟ ମାନଙ୍କରେ ବଙ୍ଗଳା ଭାଷାରେ ଶିକ୍ଷାଦାନ କଲେ । ସେତେବେଳେ ମେଦିନୀପୁର ଜିଲ୍ଲାର ସାଧାରଣ ଲୋକ ଓ ଜମିଦାରମାନେ ଓଡ଼ିଆ ଭାଷାରେ କଥା ହେବା ସହିତ ସମସ୍ତ କାଗଜପତ୍ର ଓଡ଼ିଆରେ କରୁଥିଲେ । ଓଡ଼ିଆ ଅବଧାନମାନେ ସେ ଅଂଚଳରେ ପିଲାମାନଙ୍କୁ ଚାଟଶାଳୀରେ ଓଡ଼ିଆରେ ଶିକ୍ଷାଦାନ କରୁଥିଲେ । ମାତ୍ର ଚକ୍ରାନ୍ତକାରି ଓ ଛଳନାର ଆଶ୍ରୟ ନେଇ ସେମାନଙ୍କୁ ମେଦିନୀପୁର ଜିଲ୍ଲାରୁ ବିଦା କରିଦିଆଗଲା । ଐତିହାସିକ W.W. Hunter "Orissa or the vicissitude of Indian Province under native and British Rule ଗ୍ରନ୍ଥରେ ତମଲୁକ ଅଂଚଳରେ ଓଡ଼ିଆ ଅଧିକାରୀ ମାନଙ୍କର ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷା, ଓଡ଼ିଆ ପାଂଜି ଏବଂ ନିଜ ନାମରେ ଓଡ଼ିଆ ବଂଶଗତ ସାଂଜ୍ଞା ବ୍ୟବହାର କରୁଥିବାର ପ୍ରମାଣ ଦେଇଛନ୍ତି ।

ଇଂରେଜ ଶାସସନରେ ଓଡ଼ିଶାର ଦକ୍ଷିଣ, ପର୍ଶ୍ଚିମ ଓ ଉତ୍ତରାଂଶର ବିସ୍ତୃତ ଅଂଚଳକୁ ଓଡ଼ିଶାରୁ ବାହାର କରିନେଇ ମାନ୍ଦ୍ରାଜ ପ୍ରେସିଡେନସୀ ମଧ୍ୟପ୍ରଦେଶ ଓ ବିହାର ରାଜ୍ୟ ମାନଙ୍କ ସହିତ ମଧ୍ୟ ମିଶାଇ ଦିଆଗଲା । ସେ ଅଂଚଳରେ ଅଧିବାସୀମାନେ ଓଡ଼ିଆ ବଦଳରେ ତେଲଗୁ ଓ ହିନ୍ଦୀ ଭାଷା ଶିଖିଲେ ।

ସେତେବେଳର କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାକୁ ନେଇ ଓଡ଼ିଶା ପ୍ରଦେଶ ଜୀଇଁ ରହିଥିଲା । ସେହି ଓଡ଼ିଶାରେ ମଧ୍ୟ ଓଡ଼ିଆ ଭାଷା ବଦଳରେ ବଙ୍ଗଳା ଭାଷାକୁ ସରକାରୀ ଓ ଶିକ୍ଷାଦାନର ମାଧ୍ୟମ ଭାବରେ ପ୍ରଚଳ କରିବାକୁ ଷଡ଼ଯନ୍ତ୍ର କଲେ । ଇଂରେଜ ଓ ବଙ୍ଗାଳୀ ଅଧିକାରୀ ଓ ଜମିଦାରମାନେ, ବାହାନା ଦେଖାଇଲେ 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷ ନୟ ।' ଓଡ଼ିଶାରେ ଓଡ଼ିଆ ବଦଳରେ କୋର୍ଟ କଚେରୀ କାର୍ଯ୍ୟ ଓ ଶିକ୍ଷାଦାନର ମାଧ୍ୟମ ଭାବରେ ବଙ୍ଗଳା ଭାଷାର ପ୍ରଚଳନ ନିମନ୍ତେ ସରକାରୀ ଆଦେଶନାମା ବି ପ୍ରକାଶ ପାଇଲା । ମାତ୍ର ଉତ୍କଳ ଜନନୀଙ୍କର ସୁପୁତ୍ର ଫକୀରମୋହନ ସେନାପତି ଓ କର୍ମବୀର ଗୌରୀଶଙ୍କରଙ୍କ ଭଳି ଯୁଗଜନ୍ମା ପୁରୁଷମାନଙ୍କର ଅକ୍ଳାନ୍ତ ଉଦ୍ୟମ ଓ ଓଡ଼ିଶା ଡିଭିଜନର କମିଶନର ରେଭେନ୍‌ସା ସାହେବ ଓ ବାଲେଶ୍ୱର ଜିଲ୍ଲାର କଲେକ୍ଟର ଜନବୀମ୍ସ ଓଡ଼ିଆଭାଷା ସପକ୍ଷରେ ଅନୁକୂଳ ମତ ଦେବା ଯୋଗୁଁ ବ୍ରିଟିଶ ସରକାର ପୁନରାୟ ଓଡ଼ିଶାରେ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରଚଳନ କଲେ । ମାତ୍ର, ମେଦିନୀପୁର ଜିଲ୍ଲାରେ ତାହା ଆଉ ସମ୍ଭବ ହେଲାନି ।

୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ମାନଙ୍କର ଆଖି ଖୋଲିଦେଲା । ବିଭିନ୍ନ ପ୍ରଦେଶରେ ଥିବା ଓଡ଼ିଆ ବହୁଳ ଅଂଚଳକୁ ଏକତ୍ରିତ କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନକଲେ ଓଡ଼ିଆ ମାନଙ୍କର ସ୍ୱାର୍ଥ, ସଂସ୍କୃତି ଓ ଭାଷାର ସୁରକ୍ଷା ସମ୍ଭବ ହେବନି ବୋଲି ତଦନାନ୍ତିକ ଓଡ଼ିଶାର ବରପୁତ୍ରମାନେ ଉପଲବଧି କଲେ । ବିଭିନ୍ନ ସଂଗଠନ ଗଢ଼ି ଉଠିଲା । ବାଲେଶ୍ୱରରୁ "ସଂବାଦ ବାହିକା" ଓ କଟକରୁ "ଉତ୍କଳ ଦୀପିକା" ଭଳି ସଂବାଦ ପତ୍ର ଓ ପତ୍ରିକାମାନ ପ୍ରକାଶ ପାଇ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଦାବୀ ଉତ୍‌ଥାପନ କଲେ । ବିଭିନ୍ନ ଓଡ଼ିଆ ସଂଗଠନ ଗଠିତ ହୋଇ ଓଡ଼ିଆମାନଙ୍କ ସ୍ୱାର୍ଥ ସଂରକ୍ଷଣ ନିମନ୍ତେ ଉଦ୍ୟମ କଲେ । ବିଭିନ୍ନ ପଡ଼ୋଶୀ ରାଜ୍ୟରେ ଥିବା ସମସ୍ତ ଓଡ଼ିଆ ଭାଷୀ ଅଂଚଳକୁ ଗୋଟିଏ ପ୍ରଶାସନ ଅଧୀନରେ ରଖିବାପାଇଁ ୧୮୮୮ ଖ୍ରୀ:ରେ "ଉତ୍କଳସଭା" ବଙ୍ଗର ଲେଫଟନାଂଟ ଗଭର୍ଣ୍ଣରଙ୍କୁ ଦାବୀପତ୍ର ଦେଲେ । ମାତ୍ର ସେ ଆଦୌ ବିଚାର ନକରି ସେ ଦାବୀକୁ ପ୍ରତ୍ୟାଖାନ କଲେ । ତା ପୂର୍ବରୁ ୧୮୬୭ ମସିହାରେ ଭାରତ ସଚୀବ ସାର ନର୍ଥକୋଟ ଭାରତର ବଡ଼ଲାଟଙ୍କୁ ପ୍ରସ୍ତାବ ଦେଲେ ବଙ୍ଗ ପ୍ରଦେଶକୁ ଓଡ଼ିଶାରୁ ଅଲଗା କରି ଆସାମ ସହିତ ମିଶାଇ ଏକ କମିଶନର ପ୍ରଦେଶ ଗଠନ ପାଇଁ । ମାତ୍ର ଅର୍ଥାଭାବର ଆଳଦେଖାଇ ତାକୁ କାର୍ଯ୍ୟକାରୀ କରାଗଲାନି । ୧୮୬୭ରେ ଭାରତର ଏକାଉଣ୍ଟସ ଜେନେରାଲ ସମସ୍ତ ଓଡ଼ିଆ ଭାଷୀ ଅଂଚଳକୁ ମିଶାଇ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ସେ ପ୍ରସ୍ତାବକୁ ବି ଅଣଦେଖା କରାଗଲା । ଏହିପରି ବିଭିନ୍ନ ସମୟରେ ଓଡ଼ିଆ ତଥା କେତେକ ଇଂରେଜ ଅଧିକାରୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ମତ ଦେଇଥିଲେ । ଆଉ କେତେକ ଇଂରେଜ ଓ ବଙ୍ଗାଳୀ ଅଧିକାରୀ ଓଡ଼ିଶାକୁ ବଙ୍ଗଳାର ଅଂଶ ବିଶେଷରେ ପରିଣତ କରିବା ଓ ଓଡ଼ିଶାରେ ବାଧ୍ୟତାମୂଳକ ଭାବରେ ବଙ୍ଗଳା ଭାଷାର ପ୍ରଚଳନ (ଯେମିତି ମେଦିନୀପୁର ଜିଲ୍ଲାରେ କରାଗଲା) କରିବା ସପକ୍ଷରେ ମତ ଦେଉଥିଲେ ।

ଓଡ଼ିଆ ଜାତିର ସେଇ ଘଡ଼ିସନ୍ଧି ମୁହୂର୍ତ୍ତରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସକ୍ରିୟ ଉଦ୍ୟମ ଓ ନେତୃତ୍ୱରେ ୧୯୦୩ ମସିହାରେ ଗଠିତ ହେଲା, " ଉତ୍କଳ ସମ୍ମିଳନୀ" ସମସ୍ତ ଗଡ଼ଜାତ ରାଜ୍ୟର ରାଜା, ଜମିଦାର, ବିଚ୍ଛିନ୍ନାଂଚଳର ଓଡ଼ିଆମାନେ ସେଇ ପ୍ରଦେଶ ଗଠନ ନିମନ୍ତେ ବ୍ରିଟିଶ ସରକାରଙ୍କ ପାଖରେ ନିରନ୍ତର ଦାବୀ ଉପସ୍ଥାପନ କରି ଚାଲିଲେ ।

ପୂର୍ବରୁ ସମ୍ବଲପୁର ଜିଲ୍ଲାକୁ ଓଡ଼ିଶା ଅଲଗା କରିନେଇ ପଡ଼ୋଶୀ ରାଜ୍ୟ ସହିତ ମିଶାଇ ଦିଆଯାଇଥିଲା । ମାତ୍ର ସ୍ଥାନୀୟ ନେତୃବୃନ୍ଦଙ୍କ ବାରମ୍ବାର ଦାବୀଯୋଗୁଁ ତାହା ପୁଣି ୧୯୦୫ମସିହାରେ ଓଡ଼ିଶାରେ ମିଶିଲା । ତାସହିତ ପାଟଣା, କଳାହାଣ୍ଡି, ସୋନପୁର, ବାମଣ୍ଡା ଏବଂ ରେଢ଼ାଖୋଲ ମଧ୍ୟ ଓଡ଼ିଶା ଡିଭିଜନକୁ ଫେରିଆସିଲା । ତଥାପି ଉତ୍ତରରେ ସିଂହଭୂମି, ମେଦିନୀପୁର ସମେତ ପର୍ଶ୍ଚିମରେ ରାୟପୁର ଓ ବସ୍ତର ଆଦି ଅନେକ ଓଡ଼ିଆ ଅଂଚଳ ଓଡ଼ିଶା ବାହାରେ ରହିଗଲା । ସରକାର ୧୯୦୫ ମସିହାରେ ବଙ୍ଗ ବିଭାଜନ କରି ବଙ୍ଗଳାକୁ ପୂର୍ବବଙ୍ଗ ଓ ପର୍ଶ୍ଚିମବଙ୍ଗ ନାମରେ ଦୁଇ ଭାଗରେ ବିଭକ୍ତ କଲେ । ମାତ୍ର ଜନସାଧାରଣଙ୍କ ତୀବ୍ର ବିରୋଧ ଯୋଗୁଁ ୧୯୧୧ ମସିହା ଡିସେମ୍ବର ୧୨ ତାରିଖରେ ତାକୁ ରଦ୍ଦ କଲେ । ଅପରପକ୍ଷରେ ୧୯୧୨ ମସିହାରେ ବଙ୍ଗଳା ପ୍ରେସିଡେନସିରୁ ଓଡ଼ିଶାକୁ ବାହାର କରିନେଇ "ବିହାର ଓଡ଼ିଶା" ପ୍ରଦେଶ ଗଠନ କରାଗଲା । ମାତ୍ର ତାହାଦ୍ୱାରା ଓଡ଼ିଶାର କୌଣସି ସ୍ୱାର୍ଥ ସାଧନ ହେବାର ନଥିଲା । ତେଣୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଦାବୀ ଜୋର ଧରିଲା । ସେତେବେଳେ ବି ମେଦିନୀପୁର ଜିଲ୍ଲାକୁ ଓଡ଼ିଶା ସହିତ ମିଶାଇ ବିହାରରର ଅନ୍ତର୍ଭୁକ୍ତ କରାହେଲାନି ।

ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ସେ ସଂପର୍କରେ ଦାବୀ ଉପସ୍ଥାପନ କରାଯାଉତାଏ । ମେଦିନୀପୁରରେ ଗଠିତ ଞଷର ଢକ୍ୱସଚବ ଇଫ୍ୱସ୍ୱକ୍ଟମସବସ୍ପସକ୍ଟଭ କ୍ଟଳ ଗସୟଭବକ୍ଟକ୍ଟକ୍ୱର ଦାବୀ ଦୋହରାଉଥାଏ । ମାତ୍ର ସମସ୍ତେ ହତାଶ ହେଲେ ।

ଶେଷରେ ୧୯୧୬ ମସିହାରେ ଉତ୍କଳ ସମ୍ମିଳନୀର ବାଲେଶ୍ୱର ଅଧିବେଶନରେ ଅତିକମ୍‌ରେ ମେଦିନୀପୁର ଜିଲ୍ଲାରୁ ଓଡ଼ିଆ ଭାଷାଭାଷୀ ଦକ୍ଷିଣାଂଶକୁ ଯେଉଁଥିରେ ଦାନ୍ତନ, ମୋହନପୁର, ଏଗ୍ରା, କାନ୍ଥି, କେଶିଆଡ଼ି, ଗୋପୀବଲ୍ଲଭପୁର, ଝାଡ଼ଗ୍ରାମ, ପଟାସପୁର, ବାସୁଦେବପୁର, ଫଂଚେଟଗଡ଼ ଏବଂ ରାମନଗର ଥାନା ଗୁଡ଼ିକ ରହିଛି । ସେସବୁ ବାହାର କରିନେଇ ଏକ ସ୍ୱତନ୍ତ୍ର ଶାସନାଧୀନରେ ରଖାଯାଉ ବୋଲି ଦାବି କରାଗଲା । ଅର୍ଥାତ ସମଗ୍ର ମେଦିନୀପୁର ଜିଲ୍ଲାର ଓଡ଼ିଶାରେ ମିଶ୍ରଣ ଦାବି ନ ଉଠାଇ ଉତ୍କଳ ସମ୍ମିଳନୀ କେବଳ ସେଇ ଜିଲ୍ଲାର ଦକ୍ଷିଣାଂଶ କଥା ଉଠାଇଲା ।

ଇତିମଧ୍ୟରେ ଭାରତର ଶାସନ ସଂସ୍କାର ନିମନ୍ତେ ଭାରତର ସରକାର ମଣ୍ଟେଗୋ ଚେମସଫୋର୍ଡ଼ କମିଟି ନିଯୁକ୍ତ କଲେ । ସେମାନେ ଭରତ ଗସ୍ତକରି ଲୋକମତ ସଂଗ୍ରହ କରୁଥିବା ବେଳେ ତାଙ୍କ ନିକଟରେ ମଧୁସୂଦନ ଦାସ, ପଣ୍ଡିତ ଗୋପବନ୍ଧୁ ଦାସ ଓ ଆଉ କେତେଜଣ ଦାବିପତ୍ର ଦେଲେ । ମାତ୍ର କମିଟି ସେ ବିଷୟକୁ ବିଚାରକୁ ନେଲାନି । ସେତେବେଳକୁ କାନ୍ଥି ଅଂଚଳରେ ବାରିଷ୍ଟର ବୀରେନ୍ଦ୍ର ସାସମଲ ବିଲାତରେ ଶିକ୍ଷା ସମାପ୍ତ କରି ଫେରିଥାନ୍ତି ଓ ଓକିଲାତି କରିବା ସହିତ ଗାନ୍ଧିଜୀଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥାନ୍ତି । ଫଳରେ ସେ କାନ୍ଥି ଥାନା, ମେଦିନୀପୁର ଜିଲ୍ଲା ଓ ବଙ୍ଗଳା ପ୍ରଦେଶ କଂଗ୍ରେସ କମିଟିର ବିଭିନ୍ନ ପଦପଦବୀ ମଣ୍ଡନ କରିଥାନ୍ତି । ତତ୍‌ସହିତ ଟେକ୍ସ ବନ୍ଦ ଆନ୍ଦୋଳନ ଓ ମେଦିନୀପୁର ୟୁନିୟନ ବୋର୍ଡ଼ ଗଠନ ପାଇଁ ଜାରି ଆଦେଶ ନାମାର ଘୋର ବିରୋଧ କଲେ । ଜନସଂଗ୍ରାମ ଆରମ୍ଭ କରି ୟୁନିୟନ ବୋର୍ଡ଼ ଆଇନ୍ ଉଚ୍ଛେଦ କରାଇଲେ । ଫଳରେ ସେ ଅଧିକ ଜନପ୍ରିୟ ହୋଇ ସାରିଥିଲେ । ସେ ମେଦିନୀପୁର ଜିଲ୍ଲାର ବା ତାର କୌଣସି ଅଂଶକୁ ବି ଓଡ଼ିଶା ସହିତ ମିଶ୍ରଣର ଘୋର ବିରୋଧ କଲେ । ସାରା ମେଦିନୀପୁର ଜିଲ୍ଲାରେ ଘୁରିବୁଲି ଜନମତକୁ ଓଡ଼ିଶା ମିଶ୍ରଣ ବିରୋଧୀ କରାଇଲେ । ବଙ୍ଗ ଓ ଭାରତ ସରକାରଙ୍କୁ ଏପରିକି ଗାନ୍ଧିଜୀଙ୍କ ସମେତ କଂଗ୍ରେସର ନେତୃବୃନ୍ଦଙ୍କ ପାଖରେ ସେ କଥା ଉଠାଇ ବିଭିନ୍ନ ସମୟରେ ଦାବୀପତ୍ର ପ୍ରଦାନ କରୁଥିଲେ ।

୧୯୨୮ ମସିହାରେ ସାଇମନ କମିଶନର ଭାରତ ଗସ୍ତକୁ କଂଗ୍ରେସ ବିରୋଧ କରିଥିଲେ ବି ମଧୁସୂଦନ ଦାସ ଓଡ଼ିଶାର ସ୍ୱାର୍ଥ ସାଧନ ପାଇଁ କମିଶନଙ୍କୁ ସାକ୍ଷାତ କରି ମେଦିନୀପୁର ଜିଲ୍ଲାର ପୂର୍ବୋକ୍ତ ଥାନା ଓ ବିଚ୍ଛିନ୍ନାଂଚଳ ଗୁଡ଼ିକର ଓଡ଼ିଶା ସହିତ ମିଶ୍ରଣ ପାଇଁ ଦାବୀପତ୍ର ଦେଲେ । ମାତ୍ର, ତା ଉପରେ କୌଣସି ଗୁରୁତ୍ୱ ଦେଇ କମିଶନ ମତ ଦେଲେ, In Bengal, there is the possobility of minor adjustments of boundary in the circle of Mohanpur and Sriballavvpur in the intenentt of Orissa ଅର୍ଥାତ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ କେବଳ ମୋହନପୁର ଓ ଗୋପୀବଲ୍ଲଭପୁର ଅଂଚଳରେ ଓଡ଼ିଶା ସହିତ ଲାଗିଥିବା ସୀମାରେ ସାମାନ୍ୟ ଅଦଳବଦଳ କରାଯାଇପାରେ, ମାତ୍ର ତା ବି କାର୍ଯ୍ୟକାରୀ କରାଗଲାନି ।

ଚକ୍ରାନ୍ତ ଆହୁରି ଜୋରଦାର ହେଉଥିଲା । ପ୍ରତି ୧୦ ବର୍ଷ ଅନ୍ତରରେ ଅର୍ଥାତ ୧୯୦୧, ୧୯୧୧, ୧୯୨୧ରେ ହୋଇଥିବା ଜନ ଗଣନରେ ଓଡ଼ିଆ ଭାଷାଭାଷୀଙ୍କ ସଂଖ୍ୟା କ୍ରମାଗତ ଭାବରେ ହ୍ରାସ ପାଉଥାଏ । ତାର କାରଣ ବି ଥିଲା ଅନେକ ।

କାନ୍ଥିର ନିହାର ପ୍ରେସରୁ ପ୍ରକାଶିତ "ନିହାର" ପତ୍ରିକାରେ "ଓଡ଼ିଶା ବାସୀଦେଇ ଆବଦାର" ଶୀର୍ଷକ ସଂବାଦରେ ପ୍ରକାଶ ପାଇଲା ଯେ ଦକ୍ଷିଣ ମେଦିନୀପୁରର ପୂର୍ବ ବର୍ଣ୍ଣିତ ଥାନା ଗୁଡ଼ିକର ଅଧିବାସୀମାନେ ବାଲାଂ ଭାଷୀ ହୋଇଥିବାରୁ ପୂର୍ବରୁ ଓଡ଼ିଆମାନେ ସେ ଅଂଚଳକୁ ଓଡ଼ିଶାରେ ମିଶାଇବା ପାଇଁ କରିଥିବା ଦାବୀଭଳି ଏଥର ବି ନିଷ୍ଫଳ ହେବ । (କ୍ରମଶଃ)

ଅବସରପ୍ରାପ୍ତ ଅଧ୍ୟକ୍ଷ, ସଭାପତି, ଉତ୍କଳ ସମ୍ମିଳନୀ, ଜଳେଶ୍ୱର ଶାଖା, ଚମାରଗାଁ, ଲକ୍ଷ୍ମଣନାଥ, ବାଲେଶ୍ୱର- ୭୫୬୦୮୭
ମୋ : ୭୮୯୪୬୭୯୪୪୧

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୩ ଅପ୍ରେଲ, ୨୦୨୨



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ସ୍ମରଣୀୟେଷୁ...

# ବକୁଳ ବନର କୋକିଳ କବି : ଗୋଦାବରୀଶ ମିଶ୍ର



ଭଲକରି ନାଆ ବାହାରେ ନାଉରୀ
ଝିଅ କୁ ମାଡୁଛି ଡର
ଗଡେ ଗଡଲୋକ ଚାହିଁ ବସିଥିବେ
ଝିଅ ଯିବ ଶାଶୁଘର ।

ଓଡ଼ିଆ ଭାଷାର ଏହି କାଳଜୟୀ କବିତା 'କାଳିଜାଇ' ଯେମିତି ସରଳ ସେମିତି ମନଛୁଆଁ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଚିଲିକା ମଝିରେ ରହିଛି କାଳିଜାଇ ପର୍ବତ । ପାହାଡ଼ର ଶୋଭା ବର୍ଦ୍ଧନ କରିଥାଏ କାହିଁ କେତେ ବର୍ଷ ତଳୁ ନିର୍ମିତ ଏକ ସୁନ୍ଦର ମନ୍ଦିର। ମନ୍ଦିରରେ ପୂଜା ପାଆନ୍ତି ମାଆ କାଳିଜାଇ । ମାଆ, ଚିଲିକା କୂଳିଆ ତଥା ଚିଲିକା ଉପରେ ନିର୍ଭର କରି ଚଳୁଥିବା ଲୋକମାନଙ୍କର ଆରାଧ୍ୟା । ମାଆଙ୍କ ଆବିର୍ଭାବ ସମ୍ପର୍କରେ ରହିଛି ସୁନ୍ଦର ଲୋକକଥା । ସେହି ଲୋକକଥା ଉପରେ ଆଧାରିତ 'କାଳିଜାଇ' କବିତାଟି ଯେମିତି ପ୍ରାଣବନ୍ତ ସେମିତି ମଧୁର । ଥରେ ପଢ଼ିଲେ କବିତା ଟି ମନରେ ଛାପିହୋଇ ଯାଏ ଯେମିତି। ଆଉ ଯଦି ଚିଲିକା ଦେଖିବାର ସୁଯୋଗ ମିଳେ , କବିତାଟି ଆପେଆପେ ହୃଦୟ ଭିତରୁ ବାହାରି ଆସେ । ସେହି ଅନନ୍ୟ ସାରସ୍ୱତ ସୃଷ୍ଟିର ସ୍ରଷ୍ଟା ହେଉଛନ୍ତି ବକୁଳ ବନର କୋକିଳ କବି ତଥା ସତ୍ୟବାଦୀ ଯୁଗର ପଞ୍ଚସଖା ଙ୍କ ମଧ୍ୟରୁ ଅନ୍ୟତମ , ଗୋଦାବରୀଶ ମିଶ୍ର । ଗୋଦାବରୀଶ ଥିଲେ ଏକାଧାରରେ ଜଣେ ଛାତ୍ର ବତ୍ସଳ ଶିକ୍ଷକ, ସାରସ୍ୱତ ସାଧକ, ସମାଜ ସଂସ୍କାରକ , ଭାଷା ପ୍ରେମୀ ଓ ସ୍ୱାଧୀନତା ସଂଗ୍ରାମୀ । ଚିଲିକା କୂଳରୁ ଅଳ୍ପ ଦୂରରେ ଅବସ୍ଥିତ ଛୋଟିଆ ବ୍ରାହ୍ମଣ ଶାସନ ଶ୍ରୀନିବାସପୁର । ତାଳତମାଳ ଘେରା ସେହି ଗାଁ ରେ ୧୮୮୬ ମସିହା ଅକ୍ଟୋବର ୨୬ ତାରିଖରେ ଜନ୍ମ ହୋଇଥିଲେ ଗୋଦାବରୀଶ । ବାପା ଲିଙ୍ଗରାଜ ମିଶ୍ର ଓ ମାଆ ଅପସରା ଦେବୀଙ୍କର ସେ ଥିଲେ ଅଲିଅଳ ସନ୍ତାନ । ଗାଁ ଚାଟଶାଳୀରେ ସେ ଅକ୍ଷର ଶିଖିଥିଲେ । ଗାଁ ରେ ଥିବା ବିଦ୍ୟାଳୟରୁ ସେ ତାଙ୍କର ପ୍ରାଥମିକ ଶିକ୍ଷା ଶେଷ କରିଥିଲେ । ମାଧ୍ୟମିକ ଶିକ୍ଷା ନିମନ୍ତେ ଗୋଦାବରୀଶ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଥିଲେ । ସେହି ବିଦ୍ୟାଳୟକୁ ଏକ ଦେବାଳୟ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସେହି ବିଦ୍ୟାଳୟରେ ସତ୍ୟବାଦୀ ଯୁଗର ପଞ୍ଚସଖା ଗୋପବନ୍ଧୁ, ନୀଳକଣ୍ଠ, ହରିହର, କୃପାସିନ୍ଧୁ ଓ ଗୋଦାବରୀଶ ଙ୍କ ସମେତ ଆହୁରି ଅନେକ ଦେଶପ୍ରେମୀ ଅଧ୍ୟୟନ କରିଥିଲେ ।

ସେମାନଙ୍କ ମଧ୍ୟରୁ ଅନେକେ ଉଚ୍ଚଶିକ୍ଷା ଗ୍ରହଣ କରି ବଡ଼ବଡ଼ ସରକାରୀ ଚାକିରୀ କୁ ପାଦରେ ଆଡେଇ ଦେଇଥିଲେ ଓ ଦେଶ ସେବା ତଥା ସ୍ୱାଧୀନତା ସଂଗ୍ରାମ ରେ ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ଗୋଦାବରୀଶ ଥିଲେ ସେହିପରି ଜଣେ ଦେଶପ୍ରେମୀ ମଣିଷ । ସେ ରେଭେନ୍ସା କଲେଜରୁ ଦର୍ଶନ ସାସ୍ତ୍ରରେ ସ୍ନାତକ ଓ କଲିକତା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ । ବଡ଼ବଡ଼ ସରକାରୀ ପଦପଦବୀ ପ୍ରତି ଲୋଭ ନରଖି ଗୋପବନ୍ଧୁଙ୍କ ଅନୁରୋଧକ୍ରମେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକ ଭାବରେ ଯୋଗଦେଇଥିଲେ ।

ଗୋଦାବରୀଶ ପିଲାଟି ବେଳୁ ଥିଲେ ପ୍ରକୃତି ପ୍ରେମୀ । ଚିଲିକା ଓ ଚିଲିକା କୂଳରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପାହାଡ଼ ପର୍ବତ ଏବଂ ଶାଳିଆ ନଦୀର କୁଲୁକୁଳୁ ଶବ୍ଦ ତାଙ୍କୁ କବିତା ଲେଖିବା ପାଇଁ ପ୍ରେରଣା ଦେଇଥିଲା । ବନ ବିଦ୍ୟାଳୟ ରେ ଶିକ୍ଷକ ଭାବରେ ଯୋଗ ଦେବାପରେ ତାଙ୍କୁ କାବ୍ୟ କବିତା ଲେଖିବା ପାଇଁ ଅପୂର୍ବ ସୁଯୋଗ ମିଳିଥିଲା । ତାଙ୍କ ଛନ୍ଦବଧ କବିତା ଗୁଡ଼ିକ ଥିଲା ଖୁବ୍ ସରଳ ଓ ପ୍ରାଣସ୍ପର୍ଶୀ । ସବୁ ବୟସର ପାଠକଙ୍କୁ ତାହା ଭରପୁର ଆନନ୍ଦ ଦେଉଥିଲା । ସେଥିପାଇଁ ତାଙ୍କୁ ସମସ୍ତେ କହୁଥିଲେ ବକୁଳ ବନର କୋକିଳ କବି ।

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିଥିଲେ । ବୀର ଓଡ଼ିଆମାନଙ୍କୁ ଦୁର୍ବଳ କରିବା ନିମନ୍ତେ କମ୍ପାନୀ ସରକାର ଓଡ଼ିଶା କୁ ଭାଗଭାଗ କରି ପଡୋଶୀ ରାଜ୍ୟମାନଙ୍କ ସହ ମିଶାଇ ଦେଇଥିଲେ । ଫଳରେ ଓଡ଼ିଆମାନେ ସେମାନଙ୍କର ଅସ୍ତିତ୍ୱ ହରାଇ ବସିଥିଲେ ।

ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଆନ୍ଦୋଳନ । ଆନ୍ଦୋଳନ ପରିଚାଳନା ପାଇଁ ମଧୁବାବୁ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରିଥିଲେ । ଜଣେ ଭାଷା ପ୍ରେମୀ ତଥା ଜାତିପ୍ରେମୀ ଭାବରେ ଗୋଦାବରୀଶ ୧୯୧୯ ମସିହାରୁ ଉତ୍କଳ ସମ୍ମିଳନୀର ସଦସ୍ୟ ହୋଇଥିଲେ । ୧୯୫୫ ମସିହାରେ ସେ ଏହାର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ ।

ଗୋଦାବରୀଶ ୧୯୧୩ ମସିହାରୁ ୧୯୧୯ ମସିହା ପର୍ଯ୍ୟନ୍ତ ବନବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ଏହାପରେ ଗୋପବନ୍ଧୁଙ୍କ ପରାମର୍ଶକ୍ରମେ ସେ ସିଂହଭୂମି ଜିଲ୍ଲାର ଚକ୍ରଧରପୁର ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଭାବରେ ଯୋଗଦେଇଥିଲେ । ସିଂହଭୂମି ଜିଲ୍ଲା ଓ ଚକ୍ରଧରପୁର ଏବେ ଝାଡ଼ଖଣ୍ଡ ରାଜ୍ୟରେ ଅବସ୍ଥିତ । ସେତେବେଳେ ଓଡ଼ିଆ ଭାଷା ର ସୁରକ୍ଷା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ଯୋରସୋର୍ ଚାଲିଥାଏ ?। ଚକ୍ରଧରପୁର ଏକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ହୋଇଥିବାରୁ ସେଠାରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଗୁରୁତ୍ୱ ଦିଆଯାଉଥିଲା । ଚକ୍ରଧରପୁର ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଭାବରେ ଗୋଦାବରୀଶ ସେହି ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ । ତାଙ୍କ ଉଦ୍ୟମରେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନ ୧୯୨୦ ମସିହାରେ ଚକ୍ରଧରପୁର ଠାରେ ଆୟୋଜିତ ହୋଇଥିଲା । କିନ୍ତୁ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଙ୍କ ଯୋଗୁଁ ସିଂହଭୂମି ଜିଲ୍ଲା ଓଡ଼ିଶାରେ ମିଶି ପାରିଲା ନାହିଁ । ଏହା ଗୋଦାବରୀଶଙ୍କୁ ଖୁବ୍ କଷ୍ଟ ଦେଇଥିଲା ।

୧୯୨୦ ମସିହାରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସାରାଦେଶରେ ଆରମ୍ଭ ହୋଇଥିଲା ଅସହଯୋଗ ଆନ୍ଦୋଳନ । ସେହି ଆନ୍ଦୋଳନ ର ଜଣେ ସକ୍ରିୟ ସଦସ୍ୟ ଭାବରେ ଗୋଦାବରୀଶ ଚକ୍ରଧରପୁର ହାଇସ୍କୁଲ ର ପ୍ରଧାନ ଶିକ୍ଷକ ପଦ ଛାଡି ନିଜ ଗାଁ କୁ ଫେରିଆସିଥିଲେ । ନିଜ ଅଞ୍ଚଳ ରେ ଶିକ୍ଷା ର ବିକାଶ ପାଇଁ ସେ ଏକ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ କୁଟୀର ଶିଳ୍ପର ବିକାଶ ପାଇଁ ଧ୍ୟାନ ଦେଇଥିଲେ ।

୧୯୨୮ ମସିହା ଜୁନ୍ ୧୭ ତାରିଖରେ ମାତ୍ର ୫୦ ବର୍ଷ ବୟସରେ ଗୋପବନ୍ଧୁଙ୍କ ମହାପ୍ରୟାଣ ଘଟିଥିଲା । ସେତେବେଳେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଦୈନିକ ସମ୍ବାଦପତ୍ର ସମାଜ ର ସମ୍ପାଦନା ଦାୟିତ୍ୱ ନ୍ୟସ୍ତ ହୋଇଥିଲା ଗୋଦାବରୀଶଙ୍କ ଉପରେ । ସେ ଦୁଇବର୍ଷ କାଳ ସେହି ଗୁରୁଦାୟିତ୍ୱ କୁ ସୁଚାରୁରୂପେ ତୁଲାଇଥିଲେ । ଗୋଦାବରୀଶ ଥିଲେ ଜଣେ ସମାଜ ସଂସ୍କାରକ । ସେ ବ୍ରାହ୍ମଣ କୂଳରେ ଜନ୍ମ ହୋଇଥିଲେ ଓ ତତ୍କାଳୀନ ବ୍ରାହ୍ମଣ ସମାଜରେ ଭରି ରହିଥିଲା ଅନେକ କୁସଂସ୍କାର । ସେଗୁଡ଼ିକୁ ଗୋଦାବରୀଶ ଜମା ଗ୍ରହଣକରି ପାରୁନଥିଲେ । ତାକୁ ବିରୋଧ କରି ସେ ପଇତା ପିନ୍ଧୁନଥିଲେ, ନିଶ ରଖୁଥିଲେ । ସେଥିପାଇଁ ତାଙ୍କୁ ବ୍ରାହ୍ମଣ ସମାଜର ଚକ୍ଷୁଶୀଳ ହେବାକୁ ପଡୁଥିଲା ।

ଗାନ୍ଧୀଜୀ ଓ ଗୋପବନ୍ଧୁଙ୍କ ପ୍ରେରଣା ରେ ଗୋଦାବରୀଶ କଂଗ୍ରେସ ରେ ଯୋଗ ଦେଇଥିଲେ ଓ ବିଧାନସଭାକୁ ନିର୍ବାଚିତ ମଧ୍ୟ ହୋଇଥିଲେ । ସେ ୧୯୨୪ ରୁ ୧୯୩୩ ମସିହା ପର୍ଯ୍ୟନ୍ତ ଜିଲ୍ଲା ବୋର୍ଡ ର ସଦସ୍ୟ ଥିଲେ । ସେ ୧୯୩୭ ମସିହାରେ ପ୍ରଥମେ ବିହାର-ଓଡିଶା ବିଧାନ ସଭା କୁ ନିର୍ବାଚିତ ହୋଇଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରୀମଣ୍ଡଳରେ ସେ ଅର୍ଥ ଓ ଶିକ୍ଷା ବିଭାଗର ମନ୍ତ୍ରୀ ହୋଇଥିଲେ ।ସେହି ସମୟରେ ଗୋଦାବରୀଶ ଙ୍କ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା । ଏହା ପୂର୍ବରୁ ପ୍ରବେଶିକା ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା ପଡୋଶୀ ରାଜ୍ୟର ବିଶ୍ୱବିଦ୍ୟାଳୟ ଗୁଡିକଦ୍ୱାରା ପରିଚାଳିତ ହେଉଥିଲା । ସେଥିପାଇଁ ଓଡ଼ିଆ ପରୀକ୍ଷାର୍ଥୀ ମାନଙ୍କୁ ନାନାଦି ସମସ୍ୟା ର ସମ୍ମୁଖୀନ ହେବାକୁ ପଡୁଥିଲା । ଗୋଦାବରୀଶ ଙ୍କ ଉଦ୍ୟମରେ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ କଟକ ର ରେଭେନ୍ସା କଲେଜ ପରିସରରେ ଜନ୍ମ ନେଇଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ । ପରବର୍ତ୍ତୀ ସମୟରେ ତାହା ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଥିଲା ।

ଗୋଦାବରୀଶ ଙ୍କ ଉଦ୍ୟମ ଯୋଗୁଁ କଟକରେ ଉଚ୍ଚନ୍ୟାୟାଳୟ ପ୍ରତିଷ୍ଠା ଠାରୁ ଆରମ୍ଭକରି ପୁରୀ, ବାଲେଶ୍ୱର ଓ ସମ୍ବଲପୁର ଆଦି ଅଞ୍ଚଳରେ କଲେଜମାନ ସ୍ଥାପନ ସମ୍ଭବ ହୋଇଥିଲା । ଜଣେ ସାରସ୍ୱତ ସାଧକ ଭାବରେ ଗୋଦାବରୀଶ ଲେଖିଯାଇଛନ୍ତି ଅନେକଗୁଡ଼ିଏ ଗଳ୍ପ, କବିତା,ଉପନ୍ୟାସ ଓ ନାଟକ । ତାଙ୍କ ଆତ୍ମଜୀବନୀ' ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା' ଏକ ଅମୂଲ୍ୟ ସାହିତ୍ୟ କୃତି । ଏହି ପୁସ୍ତକ ପାଇଁ ମରୋଣତର ଭାବରେ ୧୯୬୧ ମସିହା ରେ ଗୋଦାବରୀଶଙ୍କୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରଦାନ କରାଯାଇଥିଲା ।

୧୯୫୫ ମସିହା ଜୁଲାଇ ୨୬ ତାରିଖ ଦିନ ମାତ୍ର ୫୫ବର୍ଷରେ ପ୍ରାଣ ହରାଇଥିଲେ ଗୋଦାବରୀଶ । ଉତ୍କଳ ଜନନୀ ହରାଇ ବସିଥିଲା ତାର ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ।



ଆଲେଖ୍ୟ: ଦିଲ୍ଲୀପ କୁମାର ସାହୁ
ଶଙ୍କରପୁର, ଚାରବାଟିଆ, ଚୌଦ୍ୱାର କଟକ
(ମୋ)୭୦୭୭୨୦୬୯୭୭

## ସ୍ମୃତି ଶତଦଳ ୨୩୫



## ଅଦ୍ଭୁତ ସେ ପ୍ରୀତିଫୁଲ-୫

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅସଂଖ୍ୟ ରୋଗୀଙ୍କର ମୁହଁ ଭିତରେ ମଧ୍ୟ ମୁଁ ଖୋଜିନେଇ ପାରେ ଲକ୍ଷ୍ମୀ ର ହସ ହସ ମୁହଁ – ଏଯାଏଁ ଭୁଲିନାହିଁ ତାକୁ କି ଭୁଲି ମଧ୍ୟ ପାରିନାହିଁ । ତା ପୁଅ ସୁବ୍ରତର ଚଳଚଞ୍ଚଳ ଆଖି ଦୁଇଟିକୁ । ଏମିତି ଅନେକ ଦିନ ଏହା ଭିତରେ ଗଡିଯାଇଛି ସିନା, ନା ସେ ମଝିରେ ଥରେ ଆସିପାରିଲା ମୋ ପାଖକୁ, ନା ସେ ଫେମିଲି ପ୍ଲାନିଂ ଅପରେସନ୍ କଲା । ତାକୁ ମୁଁ ବାରମ୍ବାର କହିଥିଲି ଯଦି ଆଉ ଥରେ ସେ ଗର୍ଭଧାରଣ କରିବ ତା କେଶଟି ଏତେ କଂପ୍ଲିକେଟେଡ୍ ହୋଇଯିବ ଯେ ତାର ଜୀବନ ଉପରେ ବିପଦ ଆସିଯିବ ।

ଦିନେ ମୁଁ ଚାମ୍ବରରେ ଥିବାବେଳେ ପ୍ରାୟ ଦଶଟା ବେଳକୁ ଗୋଟିଏ ସିରିୟସ୍ ରୋଗୀ ଆସୁଛି ବୋଲି ଆମ ସିଷ୍ଟର ମାନେ କହିଲେ । ଦେଖିଲା ବେଳକୁ ପୁଣି ଲକ୍ଷ୍ମୀ ହ୍ୱିଲ ଚେୟାର ଉପରେ ବସି ମୋ ଚେମ୍ବର ଭିତରକୁ ପଶି ଆସୁଚି । ତାର କିମ୍ଭୁତ କିମାକାର ଚେହେରା ଦେଖି ମୁଁ ଡରିଗଲି । ତାର ପୁଣିଥରେ ଗର୍ଭଧାରଣ ହୋଇଛି ଏବଂ ରକ୍ତଚାପ ବଢିଯାଇଛି । ଗୋଡ, ହାତ ଓ ମୁହଁ ସବୁ ଫୁଲିଯାଇଛି । ସେ ଆଦୌ ଉଠି ବସି ପାରୁନଥିଲା । ମୁଁ ଦେଖି ଆଶ୍ଚର୍ଯ୍ୟ ହୋଇ କହିଲି, ତତେ ଏସବୁ ବିପଦଜନକ କାମ କରିବାକୁ କିଏ କହିଲା ? ଏଥରର ଗର୍ଭଧାରଣ ତୋ ପାଇଁ ବହୁତ ରିସ୍କ ହେବ । ପୂରା ନଅ ମାସ ଆଗରୁ ଲେବରପେନ୍ ଆରମ୍ଭ ହେଲେ ପେଟ ଫାଟିଯାଇପାରେ । ତେଣୁ ଏବେ ସିଜରିଆନ୍ ସେକସନ୍ କଲେ ବହୁତ ଅସୁବିଧା ହେବ ।

ଲକ୍ଷ୍ମୀ ଆଖିରୁ ଧାର ଧାର ଲୁହ ବୋହିଗଲା । ତା ପୁଅକୁ ଧରି ସେ ମୋ ଆଡକୁ ବିକଳ ହୋଇ ଚାହିଁଲା ଏବଂ କାନ୍ଦୁ କାନ୍ଦୁ କହଲି, ମା, ମୁଁ ଆପଣଙ୍କ ଗୋଡ ଧରି କହୁଛି, ମୋତେ ତୁମେ ବଞ୍ଚାଇବ, ନହେଲେ ମୋ ପୁଅ ଅନାଥ ହୋଇଯିବ । ଠାକୁରଙ୍କୁ ପ୍ରଣାମ କରି ତାକୁ କାନ୍ଦିବାକୁ ମନା କଲି ଓ କହିଲି, "ମୋ କଥା ମାନିଲୁନି, ତେବେ କେବଳ ଠାକୁର ହିଁ ତତେ ବଞ୍ଚାଇବାକୁ ଆମେ କେବଳ ଚେଷ୍ଟା କରିବୁ" । ତା ପୁଅ ଆଗେଇ ଆସି ମାର ଦୁଇ ଆଖିରୁ ଲୁହ ପୋଛିଦେଲା ଏବଂ ମୋ ହାତଧରି କହିଲା, "ଡାକ୍ତରାଣୀ ଆଈ, ମୋ ମାକୁ ଟିକେ ଭଲ କରିଦିଅ, ପିଲା ଦିନୁଁ ତ ମୁଁ ତୁମକୁ ହିଁ ଚିହ୍ନିଚି, ମତେ ତୁମେ ଡେଲିଭରି କରିଥିଲ, ଏବେ ମା କୁ ଟିକିଏ ବଞ୍ଚେଇ ଦିଅ, ନହେଲେ ମତେ କିଏ ଖାଇବାକୁ ଦେବ ?'

> ଲକ୍ଷ୍ମୀ ଆଖିରୁ ଧାର ଧାର ଲୁହ ବୋହିଗଲା । ତା ପୁଅକୁ ଧରି ସେ ମୋ ଆଡକୁ ବିକଳ ହୋଇ ଚାହିଁଲା ଏବଂ କାନ୍ଦୁ କାନ୍ଦୁ କହଲି, ମା, ମୁଁ ଆପଣଙ୍କ ଗୋଡ ଧରି କହୁଛି, ମୋତେ ତୁମେ ବଞ୍ଚାଇବ, ନହେଲେ ମୋ ପୁଅ ଅନାଥ ହୋଇଯିବ । ଠାକୁରଙ୍କୁ ପ୍ରଣାମ କରି ତାକୁ କାନ୍ଦିବାକୁ ମନା କଲି ଓ କହିଲି, "ମୋ କଥା ମାନିଲୁନି, ତେବେ କେବଳ ଠାକୁର ହିଁ ତତେ ବଞ୍ଚାଇବାକୁ ଆମେ କେବଳ ଚେଷ୍ଟା କରିବୁ" ।

ଲକ୍ଷ୍ମୀକୁ ପରୀକ୍ଷା କଲା ପରେ ଜାଣିଲି, ତାର ଉଚ୍ଚରକ୍ତଚାପ ସହ ରକ୍ତରେ ହିମୋଗ୍ଲୋବିନ କମିଯାଇଛି ଏବଂ ଗର୍ଭର ଶିଶୁ ଆଦୌ ବଢିନାହିଁ । ତାକୁ ଔଷଧ ପତ୍ର ଦେଇ ଛାଡିଲି ଓ ମାସକୁ ମାସ ଆସି ଚେକଅପ୍ ପାଇଁ କହିଲି । ମଝିରେ ଆଦୌ ନଆସି ହଠାତ୍ ଦିନେ ରାତି ତିନିଟାରେ ସିରିୟସ୍ ହୋଇ ପହଞ୍ଚିଲା । ତାର ରକ୍ତଚାପ କମିଯିବା ସହ ନାଡିର ଗତି ତୀବ୍ର ହେଲାଣି – ତାକୁ ସାଲାଇନ୍ ଓ ଅକ୍ସିଜେନ୍ ଦେଇ ଅଲଟ୍ରାସାଉଣ୍ଡ କଲା ବେଳକୁ ତାର ଜରାୟୁ ଫାଟିଯାଇ ପେଟ ଭିତରେ ଗୋଟିଏ ରକ୍ତର ପୋଖରୀ ହୋଇଯାଇଛି ଓ ଗର୍ଭର ଶିଶୁଟି ମରିଯାଇଛି । ତାର ଏ ସିରିୟସ୍ ଅବସ୍ଥାରେ ତାକୁ ମେଡିକାଲ କଲେଜକୁ ଟ୍ରାନ୍ସଫର କଲି, କାରଣ ତା ପାଖରେ ଛୋଟ ପୁଅ ଓ ସ୍ତ୍ରୀ ଲୋକଟିଏ ଥିଲା । ଏସ.ସି.ବି.ରେ ମଧ୍ୟ ତୁରନ୍ତ ଡାକ୍ତରମାନେ ତା ପାଇଁ ରକ୍ତ ଯୋଗାଡ କରିଦେଲେ – ତାକୁ ଏମର୍ଜେନ୍ସି ପଠାଇଲା ବେଳେ ଲକ୍ଷ୍ମୀର ଓ ତା ପୁଅର କି ବିକଳ କାନ୍ଦ, "ମା ଆପଣ ଆମ ସାଙ୍ଗରେ ଚାଲନ୍ତୁ । ଆପଣ ଅପରେସନ୍ ନକଲେ ମୁଁ ମରିଯିବି, ଏ ପୁଅ ତୁମକୁ ଲାଗିଲା" ।

ଏମର୍ଜେନ୍ସି ରେ ରକ୍ତ ଯୋଗାଡ ପରେ ଅପରେସନ୍ କଲା ବେଳକୁ ତାର ଜରାୟୁ ସଂପୂର୍ଣ୍ଣ ଫାଟି ଯାଇଥିଲା । ମୃତ ଶିଶୁଟି ସହ ଜରାୟୁ କୁ ମଧ୍ୟ ଅସ୍ତ୍ରୋପଚାର ଦ୍ୱାରା କାଢି ଦେବାକୁ ପଡିଲା । ତାପରେ ମଧ୍ୟ ଲକ୍ଷ୍ମୀ ବେଶ୍ ସିରିୟସ୍ ହୋଇ ଆଇ.ସି.ୟୁରେ ରହିଲା ଏବଂ ପରେ ଭଲ ହୋଇ ୱାର୍ଡକୁ ଆସିଲା । ପ୍ରାୟ ଦଶ ବାର ଦିନ ପରେ ତାର ଷ୍ଟିଚ୍ ଖୋଲାଗଲା । ଏସବୁ ଅସୁବିଧା ସତ୍ତ୍ୱେ ସେ ଯେ ବଞ୍ଚିଗଲା, ତାହା ତା ପାଇଁ ସବୁଠାରୁ ବଡ କଥା ଥିଲା । ପ୍ରତିଦିନ ହସପିଟାଲ କୁ ଯାଇ ତାକୁ ମୁଁ ଦେଖିଆସୁଥିଲି ।

ଯେଉଁଦିନ ଡିସଚାର୍ଜ ହେଲା, ଘରକୁ ନଯାଇ ସିଧା ଆସିଲା ସେ ଆମ ହସପିଟାଲକୁ । ପୁଅର ହାତ ମୋ ହାତକୁ ବଢାଇଦେଇ କହିଲା, "ମା ଏ ପୁଅ ତୁମର, ତୁମେ ତାକୁ ପାଠ ପଢାଇବ । ସେଦିନ ରାତିରେ ମତେ ତୁମେ ବଞ୍ଚାଇ ଦେଇ ଗୋଟିଏ ନୂଆ ଜୀବନ ଦେଲ । ତୁମ ଋଣ ମୁଁ ସାରାଜୀବନ ସୁଝିପାରିବି ନାହିଁ" । ମୁଁ ତା ଦୁଇ ହାତକୁ ଧରି, ପ୍ରଭୁଙ୍କ ପଦ୍ମପାଦରେ ଆଭୂମ ପ୍ରଣତି ଜଣାଇଲି । ସେ ହିଁ ତ ରୋଗୀଟିର ଜୀବନ ବଞ୍ଚାଇଲେ । ଆମେ କେବଳ ଗୋଟିଏ ମାଧ୍ୟମ ବା ନିମିତ୍ତ ମାତ୍ର । ଠାକୁର ତାର ଅବଶିଷ୍ଟ ଜୀବନକୁ ଭଲରେ ଘଣ୍ଟ ଘୋଡାଇ ରଖନ୍ତୁ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ପ୍ରଥମ ଭାଗ)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ






ଅନୁସୃଜନ– ନମିତା ପାଇକରାୟ

### (ପ୍ରଥମ ଖଣ୍ଡ)
### ମନମୋହନ

ଯେବେ ମୋର ଶୈଶବ ମନେପଡ଼େ, ସେତେବେଳେ ଚାରିବନ୍ଧୁଙ୍କ ସହ ମନମୋହନ କଥା ମୋର ସବୁଠାରୁ ବେଶୀ ମନେପଡ଼େ ।

୧୯୪୩ରେ କିଛି ବିଚିତ୍ର ଥିଲା ଏ ସ୍ଥାନ । ରାଜା ବଳି କି ବାଲ୍ମିକି କାହା ନାଁରେ ଏ ଗାଁ ନାମକରଣ ହୋଇଥିଲା କେଜାଣି । ଆଜିକାଲି ଟିକେ ଆଧୁନିକ ହେଲାଣି । ଏଠିକାର ଛାତ୍ର ଏବଂ ନବଯୁବକ ପ୍ୟାଣ୍ଟ ସାର୍ଟ ପିନ୍ଧି ଆଧୁନିକ ବୁଦ୍ଧିମାନ ନାୟକଙ୍କ ପରି ଝୁମିଝୁମି ଚାଲୁଛନ୍ତି । ସେମାନଙ୍କ ବ୍ୟକ୍ତିତ୍ୱ ବିକଶିତ ପାଇଁ ଝିଅମାନଙ୍କ ପଛରେ ପଡ଼ିବା ଆବଶ୍ୟକ ଭାବୁଛନ୍ତି । କିନ୍ତୁ ସେତେବେଳେ ଏ ଭଳିଆ ଛାତ୍ରମାନେ ଗଧ ମୁଣ୍ଡରୁ ଶିଙ୍ଗ ଭଳିଆ ଉଭାନ ଥିଲେ ।

ସେ ସମୟରେ ଆମ ସହର ଓ ଜିଲ୍ଲା ବହୁତ ଅଧିକ ପଛୁଆ, ନିର୍ବୋଧ ଓ ଭାବୁକ ଥିଲା । ସେତେବେଳେ ଏଠିକାର ଲୋକ ବିଶେଷ କରି ଛାତ୍ର ଏବଂ ନବଯୁବକ, ସହରିଆ, ଫେସନ ଓ ସୁନ୍ଦରତା ପ୍ରତି ଏକ ବିଚିତ୍ର ଘୃଣାଭାବ ଓ ସନ୍ଦେହ ଦୃଷ୍ଟି ରଖୁଥିଲେ । ବନ୍ଧୁ ପାଇଁ ଜୀବନ ଦେବା ଗୁଣର ସମ୍ମାନ ଥିଲା । କିନ୍ତୁ କୌଣସି ସୁନ୍ଦର ସହରିଆ ଛାତ୍ର ଏହା କରିପାରିବ କି ନାହିଁ ତା' ଉପରେ ସନ୍ଦେହ ହେଉଥିଲା । ସମସ୍ତେ କମ୍ ବୟସର ସୁନ୍ଦର ଛାତ୍ରଙ୍କୁ ସହଜରେ ଭୟାଳୁ ଓ ନିଶାଖୋର ଭାବି ଦିଅନ୍ତି । ସେଥିପାଇଁ ଏମିତି ପିଲାମାନେ ଚିପା ପ୍ୟାଣ୍ଟ ପିନ୍ଧନ୍ତିନି । ଯଦି ବି ପିନ୍ଧନ୍ତି ସାର୍ଟକୁ ଖୋଲା ତା ଉପରେ ପିନ୍ଧନ୍ତି । କମିଜ ଯେମିତି ପଛ ଘୋଡ଼େଇ ରଖିବ । ସେତେବେଳେ ସାଧାରଣତଃ ଛାତ୍ରମାନେ ମୁଣ୍ଡରେ ତେଲ ମାରି ପାଟିଆ କରି କୁଣ୍ଡାନ୍ତିନି, ଆଲୁରୁ ବାଲୁର କରି ମୁଣ୍ଡରେ ବାଳ ଅସଜଡ଼ା ଥାଏ । ଗାଉଁଲିଆ ପୋଷାକ ପତ୍ର ପିନ୍ଧି ଅଧା ଗାଉଁଲି ଓ ସହରି ମିଶାମଶି କରି କଥା କହୁଥିବା ଛାତ୍ରକୁ ସଦାଚାରୀ ସାହାସୀ କୁହା ହେଉଥିଲା । ବାହାଦୁରିଆ ଆଉ ମରଦପଣିଆ ସେମାନଙ୍କ ସର୍ବୋତ୍ତମ ଆଭୂଷଣ ଥିଲା ଏବଂ ସବୁଠୁ ବଡ଼ ପ୍ରମାଣ ଥିଲା ବର୍ଷସାରା ଅସଂଖ୍ୟ ଦଳ ବନାଇ ପିଲାମାନେ ମାରିପିଟ କରିବା । ଲାଠି ଖେଳ ଆଧୁନିକତାର ପ୍ରତୀକ ହୋଇଥିଲା । ପ୍ରାୟ ସମସ୍ତଙ୍କର ଇଚ୍ଛା ଥିଲା ପହିଲବାନ ବନିବାର । ଲୋକମାନେ ତାଙ୍କ ବୟସ କ୍ରମେ ଦଳ ଗଢ଼ି ମାରପିଟ କରି ନିଜ ନିଜ ହୃଦୟର ତୃଷ୍ଣାକୁ ଶାନ୍ତି କରୁଥିଲେ । କେତେବେଳେ ବୁଦ୍ଧି, ଶକ୍ତି ତଥା ବିଭିନ୍ନ ସୀମାକୁ ନେଇ ଦଳ ଗଢ଼ି ମାରପିଟ୍ କରି ଶକ୍ତି ସାମର୍ଥ୍ୟକୁ ପ୍ରଦର୍ଶନ କରୁଥିଲେ ।

ଜୁଲାଇରେ ବର୍ଷା ଆରମ୍ଭ ହେଉ ହେଉ ସ୍କୁଲ କଲେଜ ଖୋଲି ଯାଉଥିଲା । ଯେମିତି ବର୍ଷାଦିନେ ବିଭିନ୍ନ ପ୍ରକାର ଅନାବନା ଘାସ, ପୋକ ଜୋକ, କୀଟ ପତଙ୍ଗ ଜନ୍ମ ନିଅନ୍ତି । ସେମିତି ସ୍କୁଲ ଖୋଲିବା ମାତ୍ରେ ଅସଂଖ୍ୟ ଦଳ ଆପେ ଆପେ ଗଢ଼ି ହୋଇଯାଏ । ଗତବର୍ଷର କଳି ଝଗଡ଼ା ଏବର୍ଷ ସ୍କୁଲ ଖୋଲୁ ଖୋଲୁ ସତେଜ ହୋଇଯାଏ । ତା'ଛଡ଼ା ବିଭିନ୍ନ ପ୍ରକାର ନୂଆ ଝଗଡ଼ା ଆରମ୍ଭ ହୋଇଥାଏ । ଲାଜକୁଳା ଛାତ୍ରଙ୍କ ପାଇଁ ବହୁତ ଝଗଡା ହୋଇଥାଏ । ଯଦି କିଏ ତେଢ଼ାମେଢ଼ା କିଛି କହିଲା ସେତିକି ଯଥେଷ୍ଟ ନୂଆ ଝଗଡ଼ା ସୃଷ୍ଟି ହେବା ପାଇଁ । ଦୁଇଦଳ ମାରିପିଟ ହୋଇ ହାତଗୋଡ଼ ଭଙ୍ଗାଭଙ୍ଗି ଠାରୁ ବହିପତ୍ର ଛଡ଼ାଛଡ଼ି ପର୍ଯ୍ୟନ୍ତ ସବୁ କିଛି ଯେମିତି ସାଧାରଣ ଘଟଣାରେ ଯାଏ । ଶତ୍ରୁ ପରୀକ୍ଷା ଦେଉ କିମ୍ବା ପରୀକ୍ଷା ଦେଇ ଆନନ୍ଦରେ ଘରକୁ ଫେରିବା ବଡ଼ ଅସହନୀୟ କଥା ଯେମିତି । ତେଣୁ ଶତ୍ରୁକୁ ପରୀକ୍ଷା ପୂର୍ବରୁ ଝଗଡ଼ା କରି ଆଙ୍ଗୁଠିକୁ ଜଖମ କରିବାକୁ ହୁଏ ଯେମିତି ସେ ପରୀକ୍ଷା ଦେଇ ପାରିବନି । ଯଦି ଏଥିରେ ସଫଳ ନହେଇ ପାରିଲା ଦଳ ଅନ୍ତିମ ପରୀକ୍ଷା ଦିନ ଗେଟ୍ ପାଖରୁ ବିଭିନ୍ନ ପ୍ରକାର ବାଡ଼ି ହକିଷ୍ଟିକ୍ ଇତ୍ୟାଦି ଦ୍ୱାରା ଶତ୍ରୁ ବାହାରକୁ ବାହାରିଲେ ଉତ୍ତମ ମଧ୍ୟମ କରି ଛେଚିବାକୁ ହୁଏ ।

ସେତେବେଳେ ମୁଁ ନବମ ଶ୍ରେଣୀରେ ପଢୁଥିଲି । ବିସ୍ମୟ ଜନକ ଭାବେ ମୋର ଏପର୍ଯ୍ୟନ୍ତ ଛାତ୍ର ଜୀବନ ଶାନ୍ତିରେ କଟି ଯାଇଥିଲା । ମୋର ରଙ୍ଗ ଶ୍ୟାମଳ ଥିଲା କିନ୍ତୁ ସୁନ୍ଦର । ମୋ ସ୍ୱଭାବ ଟିକେ ଲାଜକୁଳା ଥିଲା । ମୋ ପ୍ରକୃତି ଚଞ୍ଚଳ ଓ ଖେଳୁଆଡ଼ ମନୋଭାବ ଥିଲା । ମୁଁ ସ୍କୁଲ ଓ ସହରୀ ବଦମାସୀ ଛାତ୍ରଠାରୁ ନିଜକୁ ବଞ୍ଚାଇବା ପାଇଁ ଅନେକ ସମୟ ଘରେ ରୁହେ । ନିଜ ମନକୁ ବୋଧ କରିବା ପାଇଁ ଭାଇ ସଙ୍ଗେ ମାରପିଟ କରେ ଘରେ । ସ୍କୁଲ ଯାଏ ଘରକୁ ଚାପ୍‌ଚାପ୍ ଆସେ । ମୋ ଚରିତ୍ରରେ କେବେ ଲାଂଛନ ଲାଗୁ ତାହା ମୁଁ ଚାହେଁନା । ଏହା ଦ୍ୱାରା ଲାଭ ଏବଂ କ୍ଷତି ଦୁଇଟା ଯାକ ହେଲା । ଲାଭ ହେଲା କି ଖେଳ କୁଦରୁ ନିଜକୁ ବଞ୍ଚାଇ ପାଠପଢ଼ାରେ ମନଦେବାରୁ ମେଧାବୀ ଛାତ୍ରରେ ଗଣା ହେଲି । ଖେଳକୁଦରୁ ମିଳୁଥିବା ସୁନ୍ଦର ସ୍ୱାସ୍ଥ୍ୟରୁ ବଞ୍ଚିତ ହେବା ମୋର ହାନି ହେଲା ।

ଲାଗୁଛି ମୋ ଗେଡ଼ା ହେବାର କ୍ଷତିପୂରଣ ମୁଁ ଅନ୍ୟ ଏକ ବସ୍ତୁରୁ ପାଇଲି । ମୋ ବାପାଙ୍କ ସୌକି ଥିଲା ଉପନ୍ୟାସ ପଢ଼ିବା ।

'ପୁସ୍ତକାଳୟ'ର ବିଶେଷ ସଦସ୍ୟ ହେବା ହେତୁ ପ୍ରତି ସପ୍ତାହରେ ବାପାଙ୍କ ପାଖରୁ ଦୁଇଟି ପୁସ୍ତକ ଆସେ । ମୁଁ ସେ ସବୁ ଉପନ୍ୟାସକୁ ଲୁଚେଇ ଲୁଚେଇ ପଢ଼େ । ବାର ତେର ବର୍ଷରୁ ଅଠର ବର୍ଷ ପର୍ଯ୍ୟନ୍ତ ମୁଁ ଢେର ସାରା ଉପନ୍ୟାସ ପଢ଼ିସାରିଥିଲି । ଯେଉଁଥିରୁ ବହୁତ ଗୁଡ଼ିଏ ଉପନ୍ୟାସ ଖୁବ୍ ଭଲ ଥିଲା । ଅନେକ ଉପନ୍ୟାସ ଏତେ ଭଲ ନଥିଲା । ନିଃସନ୍ଦେହ ସେ ସବୁ ଉପନ୍ୟାସରେ ଲେଖକ ନିଜ ନିଜ ଶୈଳୀରେ ସମାଜରେ ଘଟୁଥିବା ଅସମାନତା, ଅନ୍ୟାୟ, ଶୋଷଣ, ଛୁଆଁଛୁତି, ଜାତିବାଦ ଓ ସ୍ତ୍ରୀ ମାନଙ୍କ ଉପରେ ଅତ୍ୟାଚାରର ବର୍ଣ୍ଣନା ଥାଏ । ସେ ସବୁ ଚରିତ୍ରକୁ ପଢ଼ିଲା ପରେ ମୋ ମନ ଭିତରେ ସେମାନଙ୍କ ପ୍ରତି ଘୃଣା ଏବଂ କ୍ରୋଧ ସୃଷ୍ଟି ହେଉଥିଲା । ମୁଁ ମୋ ନିଜକୁ ଏମିତି ଏକ ନାୟକ ରୂପେ ପରିକଳ୍ପନା କରୁଥିଲି କି ଯିଏ ସାରା ଦେଶରେ ଅନ୍ୟାୟ ଅନୀତି ଭ୍ରଷ୍ଟାଚାରକୁ ସମାପ୍ତ କରି ଦେଇଛି । ଯାହାର ପୂଜା କୋଟି କୋଟି ଜନତା କରୁଛନ୍ତି । ଯାହାର ତ୍ୟାଗ ଓ ବୀରତାକୁ ଦେଖି ଏକ ଅତ୍ୟନ୍ତ ସୁନ୍ଦରୀ ଶିକ୍ଷିତା ଏବଂ ସ୍ୱାଧୀ ଝିଅଟିଏ ତା'ର ସମସ୍ତ ଶକ୍ତି ଖର୍ଚ୍ଚ କରି ମୋତେ ପ୍ରେମ ନିବେଦନ କରୁଛି । ନବମ ଶ୍ରେଣୀରେ ପଢ଼ିଲା ବେଳକୁ ମୋ ଭିତରେ ମୁଁ ଏକ ଉଦ୍‌ବେଗ ଓ ଶିହରଣକୁ ଉପଲବ୍ଧି କରି ପାରୁଥିଲି । ପ୍ରାତଃ କାଳର ସ୍ୱଚ୍ଛତା ପାଇଁ ହୃଦୟରେ ଏକ ଅପୂର୍ବ ଉତ୍ସାହ ଓ ପବିତ୍ରତା ଭରି ଯାଉଥିଲା । କିନ୍ତୁ ଅନ୍ଧାର ରାତିରେ କାହିଁକି କେଜାଣି ଏକ ଅଦଭୁତ ପୀଡ଼ା ବ୍ୟାକୁଳତା ଉଦାସପଣ ଶରୀରକୁ ବ୍ୟତିବ୍ୟସ୍ତ କରୁଥିଲା । ମୁଁ ଚାହୁଁଥିଲି କି ମୋ ଜୀବନରେ କିଛି ଗୋଟେ ଘଟଣା ଘଟୁ ।

ମୋ ସାଙ୍ଗମାନେ ମୋଠୁ କିଛି କମ୍ ନଥିଲେ । ସବୁଠୁ ବଡ଼ ଥିଲା ମନୋହର । ସେ ମୋ ଠାରୁ ଦୁଇବର୍ଷ ବଡ଼ ହେବ । ଗେଡ଼ା ଦୁର୍ବଳ ତଥା କୁଜା ହୋଇ ଆଗକୁ ଟିକେ ଝୁଙ୍କି ଥାଏ । ଯେତେବେଳେ ଚାଲୁଥିଲା ନିତମ୍ବ ତଳକୁ ଦୁଇ ଗୋଡ଼ ତ୍ରିଭୂଜର ରେଖା ପରି ଆଙ୍କି ହୋଇଯାଏ । ପାଦ ଦୁଇଟି ଗଧର କାନ ପରି ପ୍ରତୀତ ହୁଏ । କଥା କହିଲା ମାତ୍ରେ ତା' ପାଟିରୁ ବଜ୍ର ପରି ଶବ୍ଦ ବାହାରେ । ଲେଖା ପଢ଼ାରେ ଏତେ ଖରାପ ନଥିଲା । ପୃଥିବୀରେ ଏମିତି କୌଣସି ବିଷୟ ନାହିଁ ଯାହା ବିଷୟରେ ତାକୁ ଜଣା ନଥିବ ।

ସ୍ତ୍ରୀ ଲୋକଙ୍କ ବିଷୟରେ ତା'ର ଜ୍ଞାନକୋଷ ଅକ୍ଷୟ ଥିଲା । ତାରି ଠାରୁ ଜ୍ଞାନ ମିଳିଥିଲା କି ଏ ସଂସାରରେ ଚାରିକୋଟି ପ୍ରକାରର ସ୍ତ୍ରୀ ଅଛନ୍ତି । ତା' ଭିତରୁ ହସ୍ତିନୀ ଜାତିର ସ୍ତ୍ରୀର ବହୁତ ମର୍ଯ୍ୟାଦା ଥିଲା । କାହିଁକିନା ବଡ଼ରୁ ବଡ଼ ବାଲୁଙ୍ଗାକୁ ସିଏ ସାବାଡ଼ କରିପାରିବ । ବାଜିଦ ଅଲ୍ଲୀ ଶାହା ମେହେଁତାରିଣୀ କେମିତି ପାନ ଖାଇ ପାଗଳ ହୋଇଯାଇଥିଲା, ବେଶ୍ୟା କନ୍ୟା ମାନଙ୍କ ନାକରୁ କେବେ ନୋଥ କଢ଼ା ହୁଏ, ସହରର କେଉଁ ସମ୍ଭ୍ରାନ୍ତ ବଂଶୀ ଇସରଗଂଜ ବେଶ୍ୟା ପଡ଼ାକୁ ଯାଉଛନ୍ତି, ନିଜ ପଡ଼ାର କୋଉ ଝିଅ କାହା ସହ ଫସିଛି ସବୁ କିଛି ବିସ୍ତାର କରି ବତାଏ ମନୋହର । ସବୁ କିଛିର ଯେମିତି ଠୋସ୍ ପ୍ରମାଣ ତା' ପାଖରେ ଅଛି ।

କ୍ରାନ୍ତିକାରୀ ଓ ରାଷ୍ଟ୍ରୀୟ ଆନ୍ଦୋଳନ ସମ୍ବନ୍ଧରେ ମଧ୍ୟ ଅନେକ କଥା ମନୋହର କହିଥାଏ । ତା'ରି ଠାରୁ ପ୍ରଥମେ ଶୁଣିବା ସୌଭାଗ୍ୟ ପ୍ରାପ୍ତ ହୋଇଥିଲା କି ନେହେରୁଙ୍କ କପଡ଼ା ପ୍ୟାରିସ ଯାଏ ଧୁଆ ହେବାକୁ, ଗାନ୍ଧିଜୀ ତାଙ୍କ ଆଦ୍ୟ ଯୌବନରେ ରୋଜ ବେଶ୍ୟା ପଡ଼ା ଯାଉଥିଲେ । ସରଦାର ପଟେଲ ଘନଶ୍ୟାମ ବିଡ଼ଲାଙ୍କ ବନ୍ଧୁବାନ୍ଧବ । ସଂଗୀତ ପ୍ରତି ମନୋହରର ସାମାନ୍ୟ ରୁଚିଥିଲା ହାରମୋନିୟମ ନିଜେ ବଜେଇ ଦୁଇ ଚାରିଟା ଗୀତ ଗାଇ ପାରୁଥିଲା । ବଜେଇଲା ବେଳେ ମୌଳିକ ନୀତିରେ ବିଫଳ ହେଉଥିଲା । ବୈଜୁ ବାବରା ଓ ତାନସେନଙ୍କ ସଂଗୀତ ଗାଇଲା ବେଳେ ତା ନିଜ ପାଣ୍ଡିତ୍ୟକୁ ଉଲ୍ଲେଖ କରି କହେ 'ଗୀତରେ ଶବ୍ଦର ମହତ୍ତ୍ୱ ଅଧିକ । ଜର୍ମାନୀମାନ ସାମବେଦ ଅଧ୍ୟୟନ କରି ଏହାକୁ ସିଦ୍ଧ କରିଛନ୍ତି । କିଛି ଶ୍ଳୋକ ଏକାନ୍ତରେ ଉଚ୍ଚାରଣ କରିଲେ ବୀଣାଧାରିଣୀ ମାଆ ସରସ୍ୱତୀଙ୍କ ସ୍ୱଷ୍ଟ ଚିତ୍ର ଫୁଟି କରି ଦିଶେ ।

ମନୋହରକୁ ଭଲ ଭାବେ ଜଣାଥିଲା କି ଜିଲ୍ଲା ଏବଂ ଦେଶରେ କେତେ ଭଲ ପହଲବାନ ଅଛନ୍ତି ଏବଂ କେବେ କେବେ ସେମାନଙ୍କ କୁସ୍ତି ହୋଇଥିଲା । ସହରର ସମସ୍ତ ଗୁଣ୍ଡା ବଦମାସଙ୍କ ଠିକଣା ତାକୁ ଜଣା ଥିଲା । ଗୁଣ୍ଡା ମାନଙ୍କର ପତନର କାହାଣୀ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରି କହେ । ରାତିରେ ଡାହାଣୀ କେମିତି ମଳ ବୋଲି ହୁଏ ଦେହରେ, ଦୌଡ଼ାଦୌଡ଼ି ଭିଡ଼ରେ ଛାପ ପକାଇଲେ ରାକ୍ଷସ ଜନ୍ମ ହୁଏ, ପାଦ ତଳୁ ମାଧ୍ୟକର୍ଷଣ ଶକ୍ତିକୁ କାଟି ଦେଲେ ମଣିଷ ଉଡ଼ିବ, ମଣିଷଙ୍କ ପାଦ ତଳେ ଗୋଟେ ଖାସ ମଲମ ଲଗେଇଲେ ପାଣି ଉପରେ ମଣିଷ ଚାଲିପାରିବ । ଏଇସବୁ ଭଳି ଅନେକ ବିଷୟରେ କଥାବାର୍ତ୍ତା କଲା ବେଳେ ନିଜେ ବିଶେଷଜ୍ଞ ପରି କଥାବାର୍ତ୍ତା କରେ । ତାର ଏମିତି କଥା ଶୁଣିବାକୁ ଆମକୁ ଖୁବ ମଜା ଲାଗେ ।

ଦ୍ୱିତୀୟ ବନ୍ଧୁର ନାମ ଦିନାନାଥ ଥିଲା । ମୋରି ବୟସର ହେବ । ମଧ୍ୟମ ଧରଣର ଉଚ୍ଚତା । ଜଳନ୍ତା ଦଉଡ଼ି ପରି ବାହୁ । ଭୋଡ଼ଙ୍ଗା ଫୁଲା ନାକ, ପିମ୍ପୁଡ଼ି ପରି ଚିକ୍‌ମିକିଆ ଆଖି । ଲେଖା ପଢ଼ାରେ ପୁରା କମଜୋର ଗଧ । ଅନ୍ୟ ମାନଙ୍କ ସହ ଝଗଡ଼ା କରିବାରେ ଓସ୍ତାଦ । କିନ୍ତୁ ବଡ଼ ହେଲା ପରେ ଆଶ୍ଚର୍ଯ୍ୟ ଭାବେ ସୁଧୁରି ଯାଇଥିଲା । (କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

## ଆଖିବୁଜିଲେ ସରକାରୀ ଶିକ୍ଷକ

ଜଳେଶ୍ୱର, ୦୨/୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ପ୍ରହରାଜପୁର ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଅନନ୍ତ କୁମାର ଜେନା କିଡ୍‌ନୀଜନିତ ରୋଗରେ ପିଡିତହୋଇ ପ୍ରାଣ ହରାଇଛନ୍ତି । ସେ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ପୂର୍ଣ୍ଣବ୍ୟକ୍ତିତ୍ୱର ପରିଚୟ ନେଇ କର୍ତ୍ତବ୍ୟନିଷ୍ଠଭାବେ ଶିକ୍ଷକତା କରି ଆସୁଥିଲେ । ପ୍ରଥମେ ସେ ନନ୍‌ଫର୍ମଲା ପରେ ଇଜିଏସ୍‌କୁ ପଦୋନ୍ନତି ହୋଇଥିଲେ ମଧ୍ୟ ୨୦୦୮ରେ ଗଣଶିକ୍ଷକଭାବେ କାର୍ଯ୍ୟ କରି ୨୦୧୭ରେ ସହକାରୀ ଶିକ୍ଷକର ମାନ୍ୟତା ପାଇଥିଲେ । ବହୁ ଦୁଃଖ କଷ୍ଟ ମଧ୍ୟରେ କାଳାତିପାତ କରୁଥିଲେ ମଧ୍ୟ ହଠାତ୍ ଗତକାଲି ତାଙ୍କର ମୃତ୍ୟୁ ଘଟିଯାଇଛି । ତାଙ୍କର ରୋଗୀଣା ସ୍ତ୍ରୀ ଓ ଏକମାତ୍ର ପୁତ୍ର ଓ କନ୍ୟା ବେସାହାରା ହୋଇ ଯାଇଛନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସଂଘର ସଂପାଦକ ବୃନ୍ଦଦେବ ଜେନା ଦାବି କରିଥିବା ବେଳେ ମୁଖାଗ୍ନି ସମୟରେ ଏବିଇଓ ସୁଶାନ୍ତ ଜେନା, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଜେନା, ସିଆର୍‌ସିସି ଗଜେନ୍ଦ୍ର ନାଥ ଦଳାଇ, ଶିକ୍ଷକ ସଂଘ ସଭାପତି ପ୍ରଦୀପ ଜେନା ଓ ସରୋଜ ଜେନା, କମଳାକାନ୍ତ ଦିନ୍ଦା, ମହେଶ୍ୱର ଘୋଷ, ବିନତୀ ଜେନା, ଭାନୁଚରାଣ ମାହାଲ, ସଂଜୟ କୁଇଲା, ପ୍ରଦୀପ ଘୋଷ, ରବିନ୍ଦ୍ର ଗିରି, ଗଜେନ୍ଦ୍ର ପତି, ଦେବବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଖଣିଜତୈଳ ଓ ରନ୍ଧନ ଗ୍ୟାସ ମୂଲ୍ୟବୃଦ୍ଧି ବିରୋଧରେ ପ୍ରତିବାଦ ଓ ବିକ୍ଷୋଭ

ଜଳେଶ୍ୱର, ୦୨/୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟିର ବସ୍‌ଷ୍ଟାଣ୍ଡ ନିକଟରେ ସିପିଏମ୍ ପକ୍ଷରୁ ଆଜି ଅପରାହ୍ନରେ ଖଣିଜତୈଳ ଓ ରନ୍ଧନ ଗ୍ୟାସ ମୂଲ୍ୟବୃଦ୍ଧି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଶୋଭାଯାତ୍ରା ସହର ପରିକ୍ରମା କରାଯିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଉଟି ମାରଣ ନିତୀ ବିରୁଦ୍ଧରେ ଶ୍ଳୋଗାନ ଦେଇଥିଲେ । ଦିଲ୍ଲୀପ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ସିପିଏମ୍ ନେତା ଶିଶିର ହୁଇ, ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ଦିଲ୍ଲିପ ପରିଡା, ରତନ ଦାସ, ରବିନ୍ଦ୍ର ବାରିକ, ପଲ୍ଟୁ ଦାସ, ଜୀବନ ପରିଡା, ଗଣେଶ ପାତ୍ର, ସେକ୍ ଅବଦୁଲ ସାଦିକ, ଯତିନ୍ ଜେନା, ସେକ୍ ନିଜାମୁଦ୍ଦିନ, ସେକ୍ ଜମିରୁଦ୍ଦିନ, ସେକ୍ ସିତାରୁଦ୍ଦିନ, ବସନ୍ତ ଦାସ, ପୂର୍ଣ୍ଣ ସିଂ, ଲକ୍ଷ୍ମୀଧର ପଲାଇ, ଧିରେନ୍ଦ୍ର ଦେ, ଜଗନ୍ନାଥ ପରିଡା, ରାଜେଶ ମହାନ୍ତି, ମଦନ ମହାଲି, ଅବଦୁଲ ରହିମ୍ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ ।

# ବାରିପଦାରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜୋନାଲ କାର୍ଯ୍ୟାଳୟ ଉଦ୍‌ଘାଟିତ



ବାରିପଦା, ୦୨/୦୪ (ନି.ପ୍ର): ଆଜି ବାରିପଦା ଲାଲବଜାର ସ୍ଥିତ ଏମକେସି ହାଇସ୍କୁଲ ସମ୍ମୁଖରେ ବ୍ୟାଙ୍କ ଅଫ ଇଣ୍ଡିଆର ନୂତନ ଜୋନାଲ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରକାଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର ବସା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟର ଶୁଭଉଦଘାଟନ କରିବା ସହିତ ବ୍ୟାଙ୍କ ଅଫ ଇଣ୍ଡିଆର ଏହି ଜୋନାଲ ଅଫିସ ଖୋଲାହେବା ଫଳରେ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ କରିବାରେ ସହାୟକ ହେବ ବୋଲି କହିଛନ୍ତି । ଜୋନାଲ ମ୍ୟାନେଜର ରମେଶ ଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜୋନାଲ ମ୍ୟାନେଜର ଉମେଶ କୁମାର ରଥ, ବାରିପଦା ଏଲଡିଏମ ଦୁଲାରାମ ମାଝୀ ଓ ଡିଜିଏମ ସତ୍ୟ ରଞ୍ଜନ ଦାସ, ବ୍ୟାଙ୍କ ଅଫ ଇଣ୍ଡିଆ ଅଫିସର୍ସ ସଂଘର ସାଧାରଣ ସମ୍ପାଦକ କମଳଜିତ ମହାପାତ୍ର, ବାରିପଦାର ବିଶିଷ୍ଟ ବ୍ୟବସାୟୀ ସମାଜସେବୀ ମୁରାରୀଲାଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଅପରାହ୍ନରେ ଭିଡିଓ କନଫରେନ୍ସିଂ ଜରିଆରେ ମୁମ୍ବାଇ ମୁଖ୍ୟ ବ୍ରାଂଚରୁ ବରିଷ୍ଠ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସୂଚନା ଥାଉକି, ଏହି କାର୍ଯ୍ୟାଳୟ ଦେଶର ୬୧ତମ ଓ ରାଜ୍ୟର ଚତୁର୍ଥ ଜୋନାଲ କାର୍ଯ୍ୟାଳୟ ଅଟେ । ପୂର୍ବରୁ କେନ୍ଦୁଝର ଜୋନାଲ କାର୍ଯ୍ୟାଳୟ ଅଧିନରେ ମୟୂରଭଞ୍ଜର ୫୨ଟି ଓ ବାଲେଶ୍ୱରର ୯ଟି ବ୍ୟାଙ୍କ ଶାଖା କାର୍ଯ୍ୟ କରୁଥିଲା । ସେଗୁଡିକ ବର୍ତ୍ତମାନ ବାରିପଦା ଜୋନାଲ କାର୍ଯ୍ୟାଳୟ ଅଧୀନକୁ ଆସିଥିବା ବେଳେ ଭୁବନେଶ୍ୱର ଜୋନାଲ କାର୍ଯ୍ୟାଳୟ ଅଧୀନରେ ଥିବା ଭଦ୍ରକ ଜିଲ୍ଲାର ୬ଟି ଶାଖା କାର୍ଯ୍ୟାଳୟ ମଧ୍ୟ ଏହି ନୂତନ ଜୋନାଲ କାର୍ଯ୍ୟାଳୟ ଅଧୀନରେ ଶୁକ୍ରବାର ଠାରୁ କାର୍ଯ୍ୟ ଆରମ୍ଭ କରିଛି । ତିନୋଟି ଜିଲ୍ଲାର ମୋଟ ୬୭ଟି ଶାଖା ପରିଚାଳକ ମାନେ ଏହି ଅବସରରେ ଉପସ୍ଥିତ ଥିଲେ ।

# ରୋଟାରାକ୍ଟ ପକ୍ଷରୁ ଉତ୍କଳ ଦିବସ ପାଳିତ



ବାରିପଦା, ୦୨/୦୪ (ନି.ପ୍ର): ଆଜି ଉତ୍କଳ ଦିବସ ଉପଲକ୍ଷେ ବାରିପଦା ସ୍ଥିତ ରୋଟାରୀ କ୍ଲବ ଠାରେ ରୋଟାରାକ୍ଟ ସଦସ୍ୟଙ୍କ ଦ୍ୱାରା ଉତ୍କଳ ଦିବସ ପାଳିତ ହୋଇଯାଇଛି । ପୂଜ୍ୟ ଓ ଚୀର ବନ୍ଦନୀୟ ଉତ୍କଳର ବୀର ସନ୍ତାନଙ୍କ ପ୍ରତିମୂର୍ତି ରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ସ୍ମୃତିରେ ଏକସଭା ମଧ ଅନୁଷ୍ଠିତ ହୋଇଥିଲା । ଏଥିରେ ରୋଟାରୀ ସଦସ୍ୟ ଙ୍କ ସହ ରୋଟାରାକ୍ଟ ପାରିବାର ର ସମସ୍ତ ସଦସ୍ୟ ଉତ୍କଳର ବୀର ପୁତ୍ରଙ୍କ ବିରତ୍ୱର ଗାଥା ଓ ତାଙ୍କର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ରେ ଯୋଗଦାନ ବିଷୟ ରେ କବିତା ଓ ବକ୍ତୃତା ମାଧମ ରେ ଆଲୋକପାତ କରିଥିଲେ । ରୋଟାରାକ୍ଟର ସଭାପତି ରୋହିମା ନିଶା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ବିଶାଲ ଦୁଗାର, ସଦସ୍ୟ ବିଦ୍ୟା ସାଗର ଦାସ, କିଶୋର ମହାନ୍ତି, ତପନ ବାବୁ, ଲକ୍ଷ୍ମୀପ୍ରିୟା ସାହୁ, ଦେବବ୍ରତ ଦେ, ହର୍ଷିତା, ସୌରଭ, ରାମ, ଅଭିନବ ପ୍ରମୁଖ ସମସ୍ତ ସଭ୍ୟ ନିଜ ନିଜର ଅଭିଭାଷଣରେ ବୀରପୁତ୍ର ମାନଙ୍କର ତ୍ୟାଗପୁତ କର୍ମଧାରା ବିଷୟରେ ଆଲୋକପାତ କରିଥିଲେ ।

# ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ଦ୍ୱାରା ଉତ୍କଳ ଦିବସ ପାଳିତ

ବାଲିଆପାଳ, ୦୨/୦୪ (ନି.ପ୍ର): ବାଲିଆପାଳ ଉତ୍କଳ ସମ୍ମିଳନୀ ଶାଖା ଦ୍ୱାରା ୮୬ ତମ ଉତ୍କଳ ଦିବସ ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି । ଅବସର ପ୍ରାପ୍ତ ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଡ.ରମାକାନ୍ତ ବେହେରା ଓ କବି ତଥା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ କାଳିପଦ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ରୂପେ ରାଜ୍ୟ ଉତ୍କଳ ସମ୍ମିଳନୀର ସଂପାଦକ କମଳ ଚକ୍ରବର୍ତ୍ତୀ । ଭୋଗରାଇ ବ୍ଲକର ଶାଖା ସଭାପତି ରବୀନ୍ଦ୍ର ପ୍ରଧାନ,ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ, ଅବସର ପ୍ରାପ୍ତ ଆଇଆଇଟି ଇଂ ମନମୋହନ ସେଠୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ହୃଦୟ ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ । ବାଲିଆପାଳ ଶାଖାର ସଂପାଦକ କବି ସନ୍ୟାସୀ ବେହେରା ମଂଚ ଆହ୍ୱାନ ଓ ଅତିଥି ପରିଚୟ ଓ ପ୍ରଦୀପ ପ୍ରଜ୍ଜଳନରେ ବେଦ ପାଠ କରିଥିଲେ । କମିଟିର କାର୍ଯ୍ୟକାରୀ ସଭାପତି ଅଜୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ସାଂପ୍ରତିକ ସମୟରେ ମାତୃଭାଷାର ସୁରକ୍ଷା, ସୀମା ସୁରକ୍ଷା ଉପରେ ବକ୍ତାମାନେ ବକ୍ତୃତା ଦେଇଥିଲା । ବାଲିଆପାଳ ମାଟିରୁ ଜନ୍ମିତ ବରପୁତ୍ର ଅବସର ପ୍ରାପ୍ତ କୃଷି ବୈଜ୍ଞାନିକ ଡ.ଅଦ୍ୱୈତ କୁମାର ପାତ୍ରଙ୍କର ଉତ୍କଳ ସମ୍ମିଳନୀର କାର୍ଯ୍ୟ ଉପରେ ଭୁରି ଭୁରି ପ୍ରଶଂସା କରିଥିଲେ । ବାଲିଆପାଳର ବିଭିନ୍ନ ସଂଗଠନ ଅବସରପ୍ରାପ୍ତ ସାମରିକ କର୍ମଚାରୀ କମଳଲୋଚନ ପିଳା, ଭାଘାଯତୀନ ପରିଷଦର ଅରବିନ୍ଦ ବେହେରା, କ୍ଷୀତିଶ ଜେନା, ପ୍ରମୁଖ ଯୋଗ ଦେଇଥିଲେ । ଅବଶେଷରେ କମିଟିର ଉପସଭାପତି ଡ.କୃଷ୍ଣାକୁମାରୀ ନାୟକ ଧନ୍ୟବାଦ ଦେଇଥିଲେ ।

# ହରିହାଟ ମହୋତ୍ସବ ଉଦ୍‌ଯାପିତ



ଲଙ୍ଗଳେଶ୍ୱର, ୦୨/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଞ୍ଚାୟତ ର ବିଶ୍ୱନାଥ ପୁର ଗ୍ରାମ ପଡ଼ିଆରେ ଦୁଇଦିନ ଧରି ଚାଲିଥିବା ହରିହାଟ ମହୋତ୍ସବ ଉଦଯାପିତ ହୋଇଯାଇଛି । ମୋହତ୍ସବରେ ଶ୍ରୀ ଚୈତନ୍ୟ ଦେବଙ୍କ ପୂଜାର୍ଚ୍ଚନା ସହିତ ଅଷ୍ଟ ପ୍ରହାର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ।ନାଡ଼ବଣି ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଭାଗ ନେବା ସହିତ ହଜାର ହଜାର ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ ।ଏଇ ହରିହାଟ ମହୋତ୍ସବକୁ ଗ୍ରାମମୁଖ୍ୟ ଚନ୍ଦ୍ରକାନ୍ତ ନନ୍ଦ, କମିଟି ସଭାପତି ନରହରି ମିସ୍ତ୍ରୀ, ବିଶ୍ୱନାଥ ଜେନା, ରଘୁନାଥ ସାମଲ, ଦେବେନ୍ଦ୍ର ବାରିକ, ସନ୍ୟାସୀ ବେହେରା, ପୂର୍ଣ୍ଣଚନ୍ଦ୍ର ଦଳାଇ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ ।

## ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ଅବସର

ନୀଳଗିରି, ୦୨/୦୪ (ନି.ପ୍ର): ମିତ୍ରପୁର ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟରେ ଅଧକ୍ଷ ଡ. ପ୍ରତାପ କୁମାର ନାୟକ ଙ୍କ ନେତୃତ୍ୱରେ ଏନ.ସି.ସି. ସ୍କାଉଟ ବିଭାଗର ଶୁଭ ଉଦ୍‌ଘାଟନ ହୋଇଯଶଇଛି । ଉକ୍ତ ଉତ୍ସବରେ ଅତିଥିଭାବେ ଅଧ୍ୟାପକ ଡ. ମନୋରଂଜନ ଦାସ , ଡ. ଗିରିଶ କିଂକର ମଲିକ , ଡ. ମନୋଜ ରଥ, ଅଧାପିକା ଉତ୍କର୍ଷ ଦାସ, ଏନ.ସି.ସି.ର ପରିଚାଳିକା ସହ ଅଧ୍ୟାପିକା ସାଲିନି ବାରିକ ଉପସ୍ଥିତ ରହି ନୂତନ ଭାବେ ମହାବିଦ୍ୟାଳୟରେ ଉନ୍ମୋଚିତ ହେଉଥିବା ଏନ.ସି.ସି. ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଅଧକ୍ଷ ଡ. ପ୍ରତାପ କୁମାର ନାୟକଙ୍କ କାର୍ଯ୍ୟାକାଳ ମଧରେ ମହାବିଦ୍ୟାଳୟରେ ଏନ.,.ସି.ସି. ଖୋଲିବାକୁ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ବୋଲି ଶୁଣିବାକୁ ମିଳୁଛି । ସେହିପରି ଦ୍ୱିତୀୟାର୍ଦ୍ଧରେ ଅଧକ୍ଷଡ. ପ୍ରତାପ କୁମାର ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଉକ୍ତ ଉତ୍ସବରେ ନୂତନ ଅଧକ୍ଷ ଭାବେ ଯୋଗଦାନ କରିଥିବା ଡ. ଗିରିଶ କିଂକର ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଧାପକ ଡ. ମନରଂଜନ ଦାସ, ଅଧାପିକା ଉତ୍କର୍ଷ ଦାସ, ସୁଶ୍ରୀ ଭାଗବତୀ ଦାସ, ଯୋଗ ଦେଇ ବିଦାୟୀ ଅଧକ୍ଷଙ୍କ ନିର୍ଭିକ , ନିରପେକ୍ଷ କାର୍ଯ୍ୟଶୈଳିକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ଆମନ୍ତ୍ରିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ସଭାପତି, ଅଧାପକ ପ୍ରଦୀପ୍ତ କୁମାର ମିଶ୍ର, ପୁରାତନ ଛାତ୍ରସଂସଦର କୋଷାଧକ୍ଷ ମେଜର ଗୋପାଳ ଚନ୍ଦ୍ର ମହାପାତ୍ର, ସଦସ୍ୟ ବ୍ରଜ କିଶୋର ପାଣି, ବୁଦ୍ଧିଜୀବୀ ଅବସରପ୍ରାପ୍ତ ଅଧାପକ ଜଗବନ୍ଧୁ ମହାପାତ୍ର ଯୋଗ ଦେଇ ଡ. ପ୍ରତାପ କୁମାର ନାୟକଙ୍କ ମାତ୍ର ୯ମାସ ର କାର୍ଯ୍ୟଶୈଳୀକୁ ଭୂୟଂସୀ ପ୍ରଶଂସା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରାଜନୀତିର ହାଇଡ୍ରାମା.....

ମୁକ୍ତ କରଥିଲା ପ୍ରଶାସନ । ଉଦ୍ଧାର ପରେ ହୋଟେଲରୁ ୧୨ ଜଣ ସମିତି ସଭ୍ୟ ବାହାରି ବ୍ଲକ ଅଫିସରେ ପହଞ୍ଚିଥିଲେ । ଚିଲିକା ହୋଟେଲରୁ ପୋଲିସ କର୍ଡନରେ ବ୍ଲକ ଅଫିସରେ ପହଞ୍ଚିଥିଲେ ଅଟକ ଥିବା ସମସ୍ତ ସମିତି ସଭ୍ୟ । ବ୍ଲକ ଅଧକ୍ଷ ନିର୍ବାଚନରେ ଏମାନେ ଭାଗ ନେଇଛନ୍ତି । ଏଥିପାଇଁ ଛତ୍ରପୁରରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଭୋଟ ପରେ ଛତ୍ରପୁର ବ୍ଲକ ଚେୟାରମ୍ୟାନ ନିର୍ବାଚନରେ ବିଜେଡି ବିଦ୍ରୋହୀ ଗୋଷ୍ଠୀ ବିଜୟୀ ହୋଇଛନ୍ତି । ତେବେ ପ୍ରକୃତରେ ଗତ ମାସ ୧୨ ତାରିଖରେ ବ୍ଲକ ଚେୟାରମ୍ୟାନ ନିର୍ବାଚନ ହେବାର ଥିଲା । ହେଲେ ୬ ସମିତି ସଭ୍ୟ କରୋନା ପଜିଟିଭ ଆସିବା ପରେ ନିର୍ବାଚନ ସ୍ଥଗିତ ହୋଇଗଲା । ନିର୍ବାଚନ ସ୍ଥଗିତ ହେବା ପଛରେ ଅନ୍ୟ ଏକ କାରଣ ରହିଥିବା ନେଇ ଚର୍ଚ୍ଚା ହୋଇଥିଲା । ସ୍ଥାନୀୟ ବିଧାୟକଙ୍କ ବିରୋଧରେ ଅସନ୍ତୋଷ ଥିବାରୁ କୋଭିଡ ବାହାନା କରି ଏହି ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ଅଭିଯୋଗ ହୋଇଥିଲା । ହେଲେ ବୁଧବାରର ଏହି ଘଟଣା ବିଧାୟକଙ୍କ ବିରୋଧରେ ଥିବା ଅସନ୍ତୋଷକୁ ପଦାରେ ପକାଇଛି ।

## ଆରମ୍ଭ ହେଲା ସକାଳୁଆ....

ସାଙ୍ଗକୁ ଖରା ଦାଉରୁ କିଭଳି ରକ୍ଷା ପାଇବେ ଅଂଶୁଘାତ କ'ଣ ଓ ଏହାର ପ୍ରତିକାର କିଭଳି ହୋଇପାରିବ ସେ ନେଇ ଶିକ୍ଷକମାନେ ଅବଗତ କରାଉଛନ୍ତି ଛାତ୍ରଛାତ୍ରୀଙ୍କୁ। ସେପଟେ ଦୁଇବର୍ଷ ପରେ ସ୍କୁଲରେ ପୁଣି ଆରମ୍ଭ ହୋଇଛି ମଧ୍ୟାହ୍ନ ଭୋଜନ ପ୍ରକ୍ରିୟା। ପିଲାମାନେ ପୁଣି ସ୍କୁଲରେ ବସି ପୂର୍ବ ଭଳି ରନ୍ଧା ଖାଦ୍ୟ ଖାଇଛନ୍ତି। କରୋନା ପରେ ସ୍ଥିତି ସ୍ୱାଭାବିକ ହେବା ନେଇ ଉତ୍ସାହିତ ଛାତ୍ରଛାତ୍ରୀ।

## ନଜରରେ ଗୁଜରାଟ ନିର୍ବାଚନ....

ଏଠାକୁ ଆସିଛି। କିନ୍ତୁ ମୁଁ ସ୍ୱେଚ୍ଛାସେବୀ ଭାବେ ଅନେକ ଥର ଏଠାକୁ ଆସିଥିଲି।" କେଜ୍ରିୱାଲଙ୍କୁ ସାମ୍ବାଦିକମାନେ ରାଜନୀତିକ ପ୍ରଶ୍ନ ପଚାରିଥିଲେ ମଧ ସେ ଏହାର କୌଣସି ଉତ୍ତର ଦେଇନାହାନ୍ତି। ସେ କହିଛନ୍ତି, "ଏହା ଗୋଟିଏ ପବିତ୍ର ସ୍ଥାନ। ରାଜନୀତିର କଥା ବାହାରେ କରାଯିବ।" ଆଶ୍ରମର ଭିଜିଟରସ ବୁକରେ ସେ ଲେଖିଛନ୍ତି, "ଏହି ଆଶ୍ରମଟି ଧାର୍ମିକ ସ୍ଥାନ। ଗାନ୍ଧିଜୀଙ୍କ ଆତ୍ମାର ବାସଭବନ ଭଳି ମୋତେ ଏଠାରେ ଅନୁଭବ ହେଉଛି। ମୁଁ ମଧ ଏଠାକୁ ଆସି ଧାର୍ମିକ ଜ୍ଞାନକୁ ଅନୁଭବ କରୁଛି।" ଆଶ୍ରମ ପକ୍ଷରୁ କେଜ୍ରିୱାଲ ଓ ମାନଙ୍କୁ ମହାତ୍ମା ଗାନ୍ଧିଙ୍କ ଜୀବନ ଉପରେ ଲିଖିତ ବହି ଉପହାର ଆକାରରେ ଦିଆଯାଇଛି। ସୂଚନାଯୋଗ୍ୟ, ପଞ୍ଜାବରେ ଆପ କ୍ଷମତା ଦଖଲ କରିବା ମାତ୍ରେ ଦଳ ଗୁଜରାଟରେ ନିର୍ବାଚନ ଲଢ଼ିବ ବୋଲି ଘୋଷଣା କରିଥିଲା। ଏହାବାଦ ହରିଆଣାରେ ବିଧାନସଭା ନିର୍ବାଚନ ବେଳେ ବି ଦଳ ପ୍ରାର୍ଥୀ ଦେବାକୁ ଲକ୍ଷ୍ୟ ରଖିଛି।

## ରୁଷ ଉପରେ ପ୍ରତିବନ୍ଧକ....

ଯୁଦ୍ଧ ୩୮ ଦିନରେ ପହଞ୍ଚିଛି । ରୁଷ ବିରୋଧରେ ଯୁଦ୍ଧ ଜାରି ରଖିବା ପାଇଁ ୟୁକ୍ରେନକୁ ପୁଣିଥରେ ଆମେରିକା ସହଯୋଗର ହାତ ବଢାଇଛି । ୩୦୦ ମିଲିଅନ ଡଲାର ଏଥିପାଇଁ ମଞ୍ଜୁର କରିଥିବା ଆମେରିକାର ପ୍ରେସ ସଚିବ ଜନ କିର୍ବି କହିଛନ୍ତି । ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି କିନ୍ତୁ ରୁଷ ବିରୋଧରେ ଯୁଦ୍ଧକୁ ଆହୁରି ଆଗକୁ ନେବା ପାଇଁ ଏକ ଭିଡିଓ ଜାରି କରିଛନ୍ତି । ଟ୍ୟାଙ୍କ, ବିମାନ ଏବଂ ତୋପ ଆଦି ଯୋଗାଇ ଦେବାକୁ ନିବେଦନ କରିଛନ୍ତି । ସେପଟେ ରୁଷ ବିରୋଧରେ ତିକ୍ତତା କମାଇବା ପାଇଁ ଆମେରିକା ବାଲିଷ୍ଟିକ ମିସାଇଲ ପରୀକ୍ଷାକୁ ବାତିଲ କରିଥିବା ସୂଚନା ରହିଛି । ସେପଟେ ୟୁକ୍ରେନର ମାରିଓପୋଲରେ ଯୁଦ୍ଧର ପରବର୍ତୀ ଚିତ୍ର ଦେଖିବାକୁ ମିଳିଛି । ହସ୍ପିଟାଲ, ଘର, ବ୍ୟାଙ୍କ ଆଦି ରୁଷ ସେନାର ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି ।

# ଦୀନକୃଷ୍ଣ କଲେଜରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଜଳେଶ୍ୱର, ୦୨/୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଦୀନକୃଷ୍ଣ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇ ଯାଇଛି । ୮ ଦିନ ଧରି ଚାଲିଥିବା ଏହି ଆତ୍ମ ସୁରକ୍ଷା ଶିବରରେ ୧୦୦ଜଣ ଛାତ୍ରୀ ଯୋଗ ଦେଇଥିଲେ । ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଧାରଂଜନ ସେନାପତି ଅଧ୍ୟକ୍ଷତା କରି ସାମ୍ପ୍ରତିକ ସମାଜରେ ମହିଳା ଓ ଛାତ୍ରୀ ମାନେ ଅସୁରକ୍ଷିତ ହୋଇପଡିଥିବାରୁ ସମସ୍ତେ ଏହାକୁ ପ୍ରତିହତ କରିବାକୁ ଆହ୍ୱାନ ଜଣାଇଥିଲେ । ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ରାଉତ ଯୋଗ ଦେଇଥିବା ବେଳେ ଅର୍ଥନିତୀ ବିଭାଗର ମୁଖ୍ୟ ଅଜୟ ମହାପାତ୍ର, ପଦାର୍ଥବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ ଦାସ, ଗଣିତ ବିଭାଗ ମୁଖ୍ୟ ଡ. ହିମାଂସୁ ସାମଲ ଯୋଗ ଦେଇ ଛାତ୍ରୀମାନେ ନିଜର ସୁରକ୍ଷା କର୍ତ୍ତବ୍ୟ ସମ୍ପର୍କରେ ସଚେତନା ହେବା ସମ୍ପର୍କରେ କହିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣ ଶିକ୍ଷକ ଯୋଗ ଦେଇଥିବା ବେଳେ ଶିବିରର ସଂଯୋଜିକା ଅଂଜନା ଭୋଇ ଉଦେଶ୍ୟ ଜ୍ଞାପନ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରରେ ଉତ୍କଳ ଜନନୀ ପୂଜନ ଓ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଅନୁଷ୍ଠିତ



ବାଲେଶ୍ୱର, ୦୨/୦୪ (ନି.ପ୍ର): ରସାଳପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ପୂର୍ବାହ୍ନରେ ଉତ୍କଳ ଜନନୀ ପୂଜନ ଓ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଭଗବାନ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ। ସ୍ଥାନୀୟ ସମାଜସେବୀ ଶିବାଜୀ,ତୁଣ୍ଡରା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅଜୟ ବାରିକ୍ ଓ ଇଞ୍ଚୁଡି ପଞ୍ଚାୟତ ସମିତି ସଭ୍ୟା ସନ୍ତୋଷୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉତ୍କଳ ଜନନୀଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ କରି ଆଶିର୍ବଚନ ପ୍ରଦାନ କରିଥିଲେ। ସାମୁହିକ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ବାଲେଶ୍ୱର ଗାୟତ୍ରୀ ପରିବାର ସହଯୋଗରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ସଂପାଦନ ହୋଇଥିଲା। ସଂପାଦକ ଶମ୍ଭୁନାଥ ଯାଦବଙ୍କ ପରିଚାଳନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର ଗଣେଶ ଚନ୍ଦ୍ର ପଣ୍ଡା,ସୁରେଶ ଚନ୍ଦ୍ର ପାତ୍ର ଓ ମୁକ୍ତିକାନ୍ତ ବେହେରା ଏବଂ ଦେବସ୍ମିତା ରାଉତ, ମିତା ରାଣୀ ରାଉତ, ଜୟଶ୍ରୀ ପଣ୍ଡା,ଜୟସ୍ମିତା ମୁଦୁଲି ଓ ସଂଗ୍ରାମ ବିଶ୍ୱାଳ ପ୍ରମୁଖ ଗୁରୁଜୀ-ଗୁରୁମା'ଙ୍କ ସମେତ ସେବୀକା ରଞ୍ଜୁଲତା ଆଚାର୍ଯ୍ୟ ଓ ବାହନ ପ୍ରମୁଖ ସରୋଜ କୁମାର ଶ ପରିଚାଳନାରେ ବିଶେଷ ସହଯୋଗ କରିଥିଲେ। ଯଜ୍ଞର ପୂର୍ଣ୍ଣାହୁତି ପରେ ସମସ୍ତ ଶିଶୁ ଭାଇ ଭଉଣୀ ଓ ଅଭିଭାବକମାନେ ପ୍ରସାଦ ସେବନ କରିଥିଲେ।


## ବିବେକାନନ୍ଦ ଶିକ୍ଷା କେନ୍ଦ୍ର

ନାମଲେଖା ଚାଲିଛି  ବଳଭଦ୍ରପୁର, କୁଣ୍ଡାବାଇ, ମୟୁରଭଞ୍ଜ  ନାମଲେଖା ଚାଲିଛି

ଶିକ୍ଷାବର୍ଷ-୨୦୨୨-୨୩

ରାଜ୍ୟ ସରକାରଙ୍କ ସ୍ୱୀକୃତୀ ପ୍ରାପ୍ତ ଏହି ଅନୁଷ୍ଠାନରେ ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନାମ ଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର RTE Act ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁ ମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି:ମି; ଦୂରତା ମଧ୍ୟରେ ହୋଇଥିବ ଉକ୍ତ ପିଲାମାନଙ୍କ ପାଇଁ ନାମ ଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଆବଶ୍ୟକ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇ ପାରିବେ ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
କୁଣ୍ଡାବାଇ, ଉଦଳା, ମୟୂରଭଞ୍ଜ ।

ଯୋଗାଯୋଗ-୯୩୩୭୦୯୨୨୦୨


# କପ୍ତିପଦା ଉପଖଣ୍ଡସ୍ତରୀୟ ୮୭ ତମ ଓଡ଼ିଶା ଦିବସ ପାଳିତ



ଉଦଳା, ୦୨/୦୪ (ନି.ପ୍ର): କପ୍ତିପଦା ଉପଖଣ୍ଡସ୍ତରୀୟ ୮୭ ତମ ଓଡ଼ିଶା ଦିବସ ଉଦଳା ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଭାତରେ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ "ବନ୍ଦେ ଉତ୍କଳ ଜନନୀ......" ସଂଗୀତ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଉଦଳା ସହର ପରିକ୍ରମା କରିଥିଲା । ଏହାପରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହର ମଧ୍ୟରେ ପ୍ରତିଷ୍ଠା କରାଯାଇଥିବା ଉତ୍କଳମଣୀ ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ ଓ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ସମସ୍ତେ ଉଦଳା ପଞ୍ଚାୟତ ସମିତି ବୈଠକ ଗୃହ ପରିସରରେ ଏକ ସାଧାରଣ ସଭାରେ ଏକତ୍ରିତ ହୋଇଥିଲେ । ଉଦଳା ତହସିଲଦାର ମନୀଷା ମଧୁଳିକା ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଓ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଢ଼ି ତୋଳିବାରେ ଉତ୍କଳ ସମ୍ମିଳନୀର ଭୂମିକା ସଂପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଦଳା ପଞ୍ଚାୟତ ସମିତିର ଅଧକ୍ଷା ମଞ୍ଜୁଲତା ବିଶ୍ୱାଳ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଭକ୍ତି ଜ୍ଞାନ ସଂଚାର ସମିତିର ଅଧକ୍ଷ ଲକ୍ଷ୍ମୀଧର ପୁଥାଳ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ସମଗ୍ର ଓଡ଼ିଶା ପ୍ରତି ଅବଦାନ ଓ ଭାଷା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ତାଙ୍କର ଉଦ୍ୟମ ସଂପର୍କରେ ବର୍ଣ୍ଣନା କରିଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।


"ସା ବିଦ୍ୟା ଯା ବିମୁକ୍ତୟେ"  ॐ

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଆବାସିକ)

ଜଗନ୍ନାଥ ବିହାର, ଜଗନାଥି, ଉଦଳା, ମୟୂରଭଞ୍ଜ

ଓଡ଼ିଆ ମାଧ୍ୟମ, ଆବାସିକ ବିଦ୍ୟାଳୟ

ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ (ଓଡ଼ିଶା) ସହିତ ଅନୁବନ୍ଧିତ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ଓଡ଼ିଶା ସରକାର) ଙ୍କର ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ।

ଗୁରୁକୁଳ ପରମ୍ପରାରେ ଛାତ୍ରୀ ଛାତ୍ରଙ୍କର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ।

**ନାମଲେଖା ଚାଲୁଅଛି ....**

ବିଦ୍ୟାରମ୍ଭ ଯଜ୍ଞ - ତା।୧୦/୦୪/୨୦୨୨ରିଖ (ରବିବାର)

ଯୋଗାଯୋଗ ଠିକଣା :-
ଜଗନ୍ନାଥ ବିହାର, ୱାର୍ଡ ନଂ-୧୧, ଉଦଳା ଏନ୍.ଏ.ସି., ମୟୂରଭଞ୍ଜ
ଦୂରଭାଷ :- ୯୩୪୮୭୯୬୭୩୧, ୯୯୩୭୪୦୧୦୦୮
୯୮୫୩୮୪୧୪୬୨

## ଆରଣ୍ୟକ ସାହିତ୍ୟ ସଂସଦ ତରଫରୁ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ

ଉଦଳା, ୦୨/୦୪ (ନି.ପ୍ର): ଉଦଳା ଠାରେ ୮୭ ତମ ଉତ୍କଳ ଦିବସ ସ୍ଥାନୀୟ ପଞ୍ଚାୟତ ସମିତି ବୈଠକ ଗୃହ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଆରଣ୍ୟକ ସାହିତ୍ୟ ସଂସଦ ତରଫରୁ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସମସ୍ତେ ଉତ୍କଳମଣି ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜ ମହାରାଜ ଶ୍ରୀରାମଚନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ସ୍ୱରରେ "ବନ୍ଦେ ଉତ୍କଳ ଜନନୀ....." ଗାନ କରିଥିଲେ । ଏହାପରେ ସାହିତ୍ୟ ସଂସଦର ସଭାପତି ବସନ୍ତ କୁମାର ରାଉଳଙ୍କ ଅଧ୍ୟକ୍ଷତାରେ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା । ଆଲୋଚକ ଭାବରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ସାହିତ୍ୟିକ ଜୟଚନ୍ଦ୍ର ବେହେରା, ସଂଗଠକ ପ୍ରଫୁଲ୍ଲ ମହାଳିକ ଓ ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଂପାଦକ ଡ଼ଃ. କୁମାର ଗୋପାଳ ପ୍ରମୁଖ ଅଂଶ ଗ୍ରହଣ କରି ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଢ଼ି ତୋଳିବାରେ ଉତ୍କଳ ସମ୍ମିଳନୀର ଅବଦାନ କିପରି ଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଏହାପରେ କବୟତ୍ରୀ ଯଶ୍ମିତା ଭୂୟାଁଙ୍କ ରଚିତ କବିତା ସଂକଳନ "ଜୀବନର ମହାମନ୍ତ୍ର" ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପରେ କବି ଇନ୍ଦ୍ରମଣି ବିଷାଣୀଙ୍କ ଅଧ୍ୟକ୍ଷତାରେ, ନମିତା ରାଉତ ଓ ରୁକ୍ମଣୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଯୋଗେନ୍ଦ୍ର ପଣ୍ଡା, ରାମଚନ୍ଦ୍ର ସାହୁ, ରବିକାନ୍ତ ମହାପାତ୍ର, ଲକ୍ଷ୍ମୀଧର ପୁଥାଳ, ଶ୍ରୀକାନ୍ତ ପ୍ରସାଦ ବେହେରା, ପବିତ୍ର ମୋହନ ବେହେରା, ପ୍ରଫୁଲ୍ଲ ଖୁଲାର, ଅନିତା ବିଶ୍ୱାଳ, ଅବନ୍ତୀ ବେହେରା, ସର୍ବେଶ୍ୱର ବାରିକ, ଆଶିଷ ମଲ୍ଲିକ, ନିର୍ମଳା ବେହେରା ଇତ୍ୟାଦି ୫୦ ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପରିଚୟ ପ୍ରଦାନ କରିଥିବାବେଳେ ସଂଗଠକ ମନୋରଂଜନ ମଲ୍ଲିକ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଉତ୍କଳସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ୮୭ତମ ଉତ୍କଳ ଦିବସ ପାଳିତ



ବାଲେଶ୍ୱର, ୦୨/୦୪ (ନି.ପ୍ର): ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଯେଉଁ ଜାତୀୟ ଅନୁଷ୍ଠାନ ପାଇଁ ସମ୍ଭବ ହୋଇଥିଲା ସେହି ଜାତୀୟ ଅନୁଷ୍ଠାନ ଉତ୍କଳସମ୍ମିଳନୀର ବାଲେଶ୍ୱର ଜିଲ୍ଲାଶାଖା ପକ୍ଷରୁ ୮୭ତମ ଉତ୍କଳଦିବସ ପାଳନ କରାଯାଇଥିଲା । ସକାଳ ସାତଘଟିକାରେ ପ୍ରଥମେ ଶାଖାର ସଦସ୍ୟ, କର୍ମକର୍ତ୍ତା ଓ ବିଶିଷ୍ଟ ବ୍ୟକ୍ତିବୃନ୍ଦ ବାଲେଶ୍ୱର ଜିଲ୍ଲାସ୍କୁଲରେ ଥିବା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାଲେଶ୍ୱର ଜିଲ୍ଲାସ୍କୁଲରେ କୁଳବୃଦ୍ଧ ମଧୁସୂଦନ ସ୍ୱଳ୍ପକାଳ ଶିକ୍ଷକତା କରିଥିଲେ । ଏଣୁ ସେହି ସ୍କୁଲ୍ ପରିସରସ୍ଥ ତାଙ୍କର କର୍ମକ୍ଷେତ୍ରରେ ରହିଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ସମବେତ ବନ୍ଦେଉତ୍କଳଜନନୀ ସଂଗୀତଗାନ କରାଯାଇଥିଲା । ଏହାପରେ ସହରର ପ୍ରମୁଖ ସ୍ଥାନ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପୁଣ୍ୟ ଜନ୍ମପୀଠ ଶାନ୍ତିକାନନ ପରିସରସ୍ଥ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ, ଗଡ଼ଗଡ଼ି ଆଘାଟ ସ୍ଥିତ ରାଧାନାଥରାୟଙ୍କ ପ୍ରତିମୂର୍ତ୍ତିରେ, ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରସ୍ଥ ଅନେକ ବରପୁତ୍ରଙ୍କ ପ୍ରତିମୂର୍ତ୍ତି, କଚେରି ହତାସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି, ଫକୀରମୋହନ ଗୋଲେଇ ଏବଂ ରେଳଷ୍ଟେସନ ସମ୍ମୁଖସ୍ଥ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରାଯିବା ପରେ ନାରୀସଂଘ ପରିସରରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା । ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ସାହିତ୍ୟିକ ଡ.ରମାକାନ୍ତ ବେହେରା ଅତୀତ ଉତ୍କଳର ବରପୁତ୍ରଙ୍କ ସଂଗ୍ରାମର ଗାଥା ବର୍ଣ୍ଣନା ସହ ଓଡ଼ିଶା ରାଜ୍ୟଗଠନରେ ଉତ୍କଳସମ୍ମିଳନୀର ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ଶାଖାର ସଂପାଦକ କବି କାଳୀପଦ ପଣ୍ଡା ଭାଷା ଆଇନ୍‌ର କାର୍ଯ୍ୟକାରୀତା ସହ ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ସମସ୍ୟା ସମାଧାନ ପାଇଁ ସରକାରୀ ସ୍ତରରେ ଉଦ୍ୟମ କରାଯିବା ମାତୃଭାଷାରେ ନାମଫଳକ ଓ ଚିଠିପତ୍ର ହେବା ଦିଗରେ ଗୁରୁତ୍ୱାରୋପ କରିବା ସହ ଭାଷା ଆଇନ୍ ଉଲଂଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟସରକାର ଏକ ଭାଷା କମିଶନ୍ ପ୍ରତିଷ୍ଠା କରିବା ପାଇଁ ଦାବି କରିଥିଲେ । କବୀ ତାନଶ୍ରୀ ପାଣିଗ୍ରାହୀ ବନ୍ଦେ ଉତ୍କଳଜନନୀ ସଂଗୀତ ଗାନ କରିଥିବା ବେଳେ ଏହି ମାଲ୍ୟାର୍ପଣ ଓ ଆଲୋଚନା ସଭାରେ ଯୋଗଦାନ କରିଥିଲେ ସୁଦର୍ଶନ ଜେନା, କମଳାକାନ୍ତ ନାୟକ, କମଳାକାନ୍ତ ଦାଶ, ଆଡ଼ଭୋକେଟ୍ ବିଜୟ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପାଢ଼ୀ, ନିରଂଜନ ପରିଡ଼ା, ରମେଶ ଚନ୍ଦ୍ର ଜେନା, ସୃଷ୍ଟିଧର ପରିଡ଼ା, ବିଷ୍ଣୁଚରଣ ପାଢ଼ୀ, ଦାମୋଦର ନାୟକ, ଡା,ସମାର୍ପିକା ପରିଡ଼ା, ଶାନ୍ତନୁ କୁମାର ପଟ୍ଟନାୟକ, ବ୍ରହ୍ମାନନ୍ଦ ସ୍ୱାଇଁ, ରତ୍ନାକର ଦାସ, ଯୋଗେଶ ଚନ୍ଦ୍ର ପ୍ରଧାନ, ପଦ୍ମଲୋଚନ ଦତ୍ତ, ବେଣୁଧର ସାହୁ, ଅର୍ଚ୍ଚନା ନନ୍ଦୀ, ଜତୀନ୍ଦ୍ର କୁମାର ପୁହାଁଣ, ପ୍ରଫୁଲ୍ଲ କୁମାର ଦାସ, ପ୍ରଦୀପ୍ତ କୁମାର ମିଶ୍ର, ସ୍ନେହଲତା ଦାସ, ବେଣୁଧର ସହୁ, ଡ.କ୍ଷିତୀଶ୍ୱର ଦାଶ, ସୁଧାକର ସେଠୀ, ସୀତାରାମ ପ୍ରଧାନ, ସୁଧାଂଶୁ ଶେଖର ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଅରୁଣ ଜେନା ପ୍ରମୁଖ । ଶେଷରେ ଉତ୍କଳସମ୍ମିଳନୀ ବାଲେଶ୍ୱର ଜିଲ୍ଲାଶାଖା ଏକ ସ୍ଥାୟୀ କାର୍ଯ୍ୟାଳୟର ସ୍ଥାନ ନିରୂପଣ ନିମନ୍ତେ ପ୍ରଶାସନ ସହ ଯୋଗାଯୋଗ କରି ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଗୌରାଙ୍ଗ ପାଣିଗ୍ରାହୀ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ସଭା



ବାଲେଶ୍ୱର,୦୨/୦୪ (ନି.ପ୍ର): ବିଜୁ ଜନତା ଦଳ ଜିଲା କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ସହରର ଓଟିରୋଡ଼ସ୍ଥିତ ଜିଲା କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲେଶ୍ୱର ପୌର ପରିଷଦର ନବ ନିର୍ବାଚିତ ଅଧ୍ୟକ୍ଷା ସବିତା ସାହୁ ଓ ୧୮ଜଣ କାଉନସିଲରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ନବ ନିର୍ବାଚିତ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିବା ସହିତ ନବ ନିର୍ବାଚିତ ଅଧ୍ୟକ୍ଷା ଓ କାଉନସିଲରଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହା ଏକ ସାଧାରଣ ସମ୍ବର୍ଦ୍ଧନା ସଭା ନୁହେଁ ବରଂ ଏକ ଦାୟିତ୍ୱବୋଧତାର କାର୍ଯ୍ୟକ୍ରମ ବୋଲି ସେ କହିଥିଲେ । ଯେଉଁମାନେ ନିର୍ବାଚନରେ ଜିତିଲେ ଓ ଯେଉଁମାନେ ଜିତି ପାରିନାହାନ୍ତି, ଏହି ସଭା ସମସ୍ତଙ୍କ ପାଇଁ । ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣମାନଙ୍କୁ ଏହି ନିର୍ବାଚନରେ ଟିକଟ ଦେବା ସହିତ ନେତାଙ୍କୁ ପଠାଇଲେ ଓ ସାହାଯ୍ୟ ମଧ୍ୟ କଲେ । ଜନସାଧାରଣ ଆପଣମାନଙ୍କୁ ଭୋଟ ଦେଇ ଜିତାଇଲେ । ଏବେ ଦୁଇଗୋଟି ଗୁରୁଦାୟିତ୍ୱ ଆପଣମାନଙ୍କର । ଯେଉଁମାନେ ଭୋଟ ଦେଇ ଆପଣଙ୍କୁ ଜିତାଇଛନ୍ତି ସେମାନଙ୍କର ଆଶା ପୂରଣ କରିବା ତଥା ୫ବର୍ଷକାଳ ସେବା ଦେବା । ଏଥି ସହିତ ଦଳର ସଙ୍ଗଠନକୁ କିପରି ମଜବୁତ କରିବା ଏ ଦିଗରେ ଆପଣମାନେ ବିଶେଷ ଯତ୍ନବାନ ହେବେ । ଏହି ଦୁଇ ଗୁରୁଦାୟିତ୍ୱ ଆପଣମାନେ ନିଶ୍ଚିତ ତୁଲାଇବେ, ଏହା ଆମ ସମସ୍ତଙ୍କର ବିଶ୍ୱାସ । ସେହିଭଳି ଜିଲା ପରିଷଦ ନିର୍ବାଚନରେ ମଧ୍ୟ ଆମକୁ ବେଶ ସଫଳତା ମିଳିଛି । ବାଲେଶ୍ୱର ସହରବାସୀ ତଥା ଜିଲାବାସୀଙ୍କ ନିକଟରେ ଆମେ ଋଣୀ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସମଗ୍ର ଓଡ଼ିଶାରେ ବିକାଶର ଧାରା ବୋହି ଚାଲିଥିବା ବେଳେ ଆଗାମୀ ଦିନରେ ସହରାଞ୍ଚଳ ବିକାଶକୁ ଅଧିକ ଗୁରୁତ୍ୱ ଦିଆଯିବ ।

# କଟିସାହିରେ ଉତ୍କଳ ଦିବସ ପାଳିତ



ଲଙ୍ଗଳେଶ୍ୱର, ୦୨/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ପଞ୍ଚାୟତ ର କଟିସାହି ଗ୍ରାମର ପଲ୍ଲୀ ବିକାଶ ପରିଷଦ ପକ୍ଷରୁ ଉତ୍କଳ ଦିବସ ପାଳନ କରାଯାଇଛି ।ଉପସ୍ଥିତ ଅତିଥି କର୍ମକର୍ତ୍ତା ଏବଂ ଜନସାଧାରଣ ସ୍ୱତନ୍ତ୍ର ଉତ୍କଳ ଗଠନ ର ମୁଖ୍ୟ ଉଦ୍ୟକ୍ତା ଓ ଓଡ଼ିଆ ଜାତିର ଗର୍ବ ଗୌରବ ମଧୁସୂଦନ ଦାସ ,ଓ ଭାରତ ମାତା ଙ୍କ ଫଟୋଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ, ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସଭାକୁ ଉଦଘାଟନ କରିଥିଲେ ।ସମାଜସେବୀ ତଥା ସାମ୍ବାଦିକ ସୁବଳ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏଇ ସଭାରେ ମୁଖ୍ୟଅତିଥି ଭାବେ ସି ଟି ସ୍କୁଲ ର ପୂର୍ବତନ ପ୍ରଧାନ ଶିକ୍ଷକ ଝାଡଶ୍ୱର ପ୍ରଧାନ ଯୋଗଦେଇ ଓଡ଼ିଶାର ସଂସ୍କୃତି କଥା ବକ୍ତବ୍ୟ ଦେବା ସହିତ ମୁଖ୍ୟବକ୍ତା ଭାବେ ଜଗାଇ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡ଼ିଆ ଅଧାପକ ତଥା ସାହିତ୍ୟିକ ଯୋଗଦେଇ ଆମ ସଂସ୍କୃତି କୁ ବଞ୍ଚାଇ ରଖିବା,ଆମେ ଓଡ଼ିଆ ଭାବେ ଗର୍ବ କରିବା ଦରକାର ବୋଲି କହିଥିଲେ ।ସମ୍ମାନିତ ଅତିଥିଭାବେ ସମାଜସେବୀ ନିତ୍ୟାନନ୍ଦ ପାଣିଗ୍ରାହୀ,ବିଜେପି ଜିଲ୍ଲା ଓବିଶି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରା,ପୂର୍ବତନ ଶିକ୍ଷକ ପୁରୁଷୋତ୍ତମ ରାଉତ,ନିତ୍ୟାନନ୍ଦ ଦାସ,ରବୀନ୍ଦ୍ର ସାମଲ,ସମ୍ବାଦିକା ପ୍ରତିମା ଜେନା,ପୋଷ୍ଟ ମାଷ୍ଟର ଯୁଗେନ୍ଦ୍ର ସାମଲ, ଝାଡଶ୍ୱର ମଲ୍ଲିକ,ସରସ୍ୱତୀ ଶିଶୁ ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ହରିହର ପଣ୍ଡା ପ୍ରମୁଖ ଯୋଗଦେଇ ଓଡ଼ିଶାର ଜଗନ୍ନାଥ ସଂସ୍କୃତି ପୃଥିବୀରେ ମହାନ ତେଣୁ ଆମେ ଓଡ଼ିଆ ବୋଲି ଗର୍ବ କରିବା ଉଚିତ ବୋଲି କହିଥିଲେ । ପରିଷଦ ର ଆବାହକ କମଳ ଲୋଚନ ଭୂୟାଁ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିବା ସହିତ ଜଗନ୍ନାଥ ଭୂୟାଁ ଅତିଥିଙ୍କୁ ସ୍ୱାଗତ ଭାଷଣ ଦେଇଥିଲେ ।ମମିନା ଖାତୁନ ଓ ବ୍ରଜ କିଶୋର ଦାସ ଓଡ଼ିଆ ଗାଥା କବିତା ପାଠ କରିଥିଲେ । ଶିକ୍ଷକ ଅନନ୍ତ ରାଉଳ ପରିଚୟ ପ୍ରଦାନ ଏବଂ ଅକ୍ଷୟ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆରବନ୍ଧ ପଂଚାୟତରେ ମନରେଗାରେ ଦୁର୍ନୀତି ଅଭିଯୋଗ

ନୀଳଗିରି, ୦୨/୦୪ (ନି.ପ୍ର): ନୀଳଗିରି ବ୍ଲକର ଆରବନ୍ଧ ପଂଚାୟତରେ ୨୦୨୦-୨୧, ୨୦୨୧-୨୨ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ଦୁର୍ନିତୀ ହୋଇଥିବା ନେଇ ବିରୋଧି ଦଳ ପକ୍ଷରୁ ବହୁବାର ଅଭିଯୋଗ କରାଯାଇଥିବା ବେଳେ ଏହି ଘଟଣାକୁ ଗୁରୁତ୍ୱ ଦେଇ ନୀଳଗିରି ବ୍ଲକର ବିଡିଓ ଅଶେଷ କୁମାର ନାୟକ ଏକ ଟିମ୍ ଗଠନ କରି ତଦନ୍ତ କରାଇଥିବା ବେଳେ ୬ଟି ପ୍ରକଳ୍ପ ତଦନ୍ତରେ କୌଣସି ଅନିୟମିତତା ହୋଇ ନ ଥିବା ବେଳେ ଅବଶିଷ୍ଟ ପ୍ରକଳ୍ପ ଗୁଡ଼ିକ ତଦନ୍ତ ପରିସର ରହିଥିବାର ସୂଚନା ଦେଇଛନ୍ତି । ଶନିବାର ଦିନ ସରପଂଚଙ୍କ ବିରୋଧି ଗୋଷ୍ଠି ୭ଟି ମାଟି ବୋଝେଇ ଟ୍ରାକ୍ଟରକୁ ରାସ୍ତାରେ ଅଟକାଇଥିଲେ । ଉକ୍ତ ସମସ୍ତ ମାଟି ବୋଝେଇ ଟ୍ରାକ୍ଟର ଦୁର୍ନିତୀ ହୋଇଥିବା ପ୍ରକଳ୍ପକୁ ଯାଉଥିବା ନେଇ ଅଟକ ରଖିଥିଲେ । ପରେ ବରହମପୁର ଥାନା ଅଧିକାରୀ ହେମନ୍ତ କୁମାର ମାଝୀ ଘଟଣାସ୍ଥଳରେ ପହଂଚି ୭ଟି ମାଟି ବୋଝେଇ ଟ୍ରାକ୍ଟରକୁ ଥାନାକୁ ଆଣି ଜବତ କରିଛନ୍ତି । ମାଟି ପରିବହନ ପାଇଁ କୌଣସି ପରମିଟ ନ ଥିବା ବେଳେ ନୀଳଗିରି ତହସିଲଦାରଙ୍କୁ ଅବଗତ କରାଇଛନ୍ତି ।ଆରବନ୍ଧ ପଂଚାୟତରେ ବିନା କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କାର ମିଥ୍ୟା ବିଲ ପାଶ କରାଯାଇ ଅର୍ଥ ହରିଲୁଟ ହୋଇଥିବାର ବିରୋଧି ଅଭିଯୋଗ ଆଣିଥିବା ବେଳେ ୨୦୨୦-୨୧, ୨୦୨୧-୨୨ ଆର୍ଥିକ ବର୍ଷରେ ୧ଟଙ୍କାର ଦୁର୍ନିତୀ ହୋଇଥିବା ବର୍ତମାନ ର ସରପଂଚ କୁଳମଣି ନାୟକ ପ୍ରକାଶ କରିଛନ୍ତି । ଗତଥରର ସରପଂଚ ଙ୍କ ସମୟରେ ମଧ ଉକ୍ତ ପଂଚାୟତରେ କୌଣସି ଦୁର୍ନିତୀ ହୋଇ ନ ଥିବା ଖୋଲମଖୋଲା ଚେଲେଂଜ କରିବା ସହ ଦୁର୍ନିତୀର ତଦନ୍ତକୁ ମୁଁ ସ୍ୱାଗତ କରୁଛି ଏବଂ ତଦନ୍ତରେ ସମସ୍ତ ପ୍ରକାର ସହଯୋଗ କରିବି ବୋଲି ସରପଂଚ ସୂଚନା ଦେଇଛନ୍ତି । ବହୁ ଭୋଟରେ ବିଜୟୀ ହୋଇଥିବାରୁ ବିରୋଧି ଗୋଷ୍ଠି ରୋଗ ଜ୍ୱାଳାରେ ତାଟିଆ କାମୁଡୁଛନ୍ତି ବୋଲି ଗଣମାଧମକୁ କହୁଛନ୍ତି ।

# ବକେୟା ଦରମା ନ ପାଇ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ

ନୀଳଗିରି, ୦୨/୦୪ (ନି.ପ୍ର): କରୋନା ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ରାଜ୍ୟ ସରକାର ଙ୍କ ଅଧିନରେ ଡ୍ୟୁଟି କରୁଥିବା ଠିକା ଅସ୍ଥାୟୀ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ କୋଭିଡ ଭେକ୍ସିନେଟର ଓ ଭେରିଫାୟର ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ଆଜକୁ ଗତ ୬ମାସ ହେଲା ଦରମା ନ ପାଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ନୀଳଗିରି ବ୍ଲକ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ କାର୍ଯ୍ୟ କରୁଥିବା ୨୪ଜଣ ମହିଳା ଭେକ୍ସିନେଟର ଶନିବାର ବରହମପୁର ମେଡିକାଲକୁ ଆସି ଅଧିକାରୀଙ୍କୁ ନ ପାଇ ହନ୍ତସନ୍ତ ହେଉଥିଲେ । ବକେୟା ଦରମା ପାଇବା ପାଇଁ ବହୁବାର ଦାବୀ ପରେ ବି ଆଜି ପାଖରେ ଛୁଆ ପିଲାଙ୍କୁ ଧରି ମେଡିକାଲ ସମ୍ମୁଖରେ ଢ଼ ଢ଼ ଖରାରେ ଏକଜୁଟ ହୋଇଥିବ ଦେଖିବାକୁ ମିଳିଛି । ତୁରନ୍ତ ତାଙ୍କ ପ୍ରାପ୍ୟ ନ ପାଇଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟ ପଟେ ଅଭିଯୋଗ ନେଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଅଧିକାରୀ ଦୁଲାଲ ସେନ ଜଗଦେବ ଖୁବ୍‌ଶୀଘ୍ର ତଦନ୍ତ କରି ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ ।

## ନିଖୋଜର ୨ପରେ ମୟୂରଭଂଜ ଯୁବକର ମୃତ ଦେହ ପୋଖରୀ ପାଣିରୁ ଉଦ୍ଧାର

ଜଳେଶ୍ୱର, ୦୨/୦୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଆମ୍ବଳିଅଠା ନିକଟ ଏକ ପୋଖରୀରୁ ଜଣେ ମୟୁରଭଂଜ ଜିଲାର ଯୁବକର ମୃତ ଦେହ ଉଦ୍ଧାର କରାଯାଇଛି । ୨ଦିନ ହେବ ନିଖୋଜ ଥିଲେ ମଧ୍ୟ ପୁଲିସ୍ ନିକଟରେ କୌଣସି ସୂଚନା ଦିଆଯାଇନଥିବାରୁ ଆଜି ପାଣିରେ ଭାସୁଥିବା କେତେକ କୃଷି ଶ୍ରମିକ ଦେଖିଥିଲେ । ଘଟଣାରୁ ପ୍ରକାଶ ମୟୂରଭଂଜ ଜିଲାର କେତେକ କୃଷି ଶ୍ରମିକ ଆମ୍ବଳିଅଠା ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରକୁ କାମ କରିବାକୁ ଆସି ଥିଲେ । ସେମାନେ କିଆଁଗଡିଆ ଠାରେ ଥିବା ଫାର୍ମ ହାଉସ୍ ନିକଟରେ ଅସ୍ଥାୟୀ କୁଡିଆରେ ରହିବା ସହିତ ପ୍ରତିଦିନ କ୍ଷେତରେ କାର୍ଯ୍ୟ କରୁଥିଲେ । ଗତ ୨ଦିନ ତଳେ ଢେକି ନେଈଆ ଗ୍ରାମର ଡାକ ଦେହୁରୀ କ୍ଷେତକୁ କାମ କରିବାକୁ ଯାଇ ଅସ୍ଥାୟୀ କୁଡିଆକୁ ଫେରିନଥିଲା । ତାର ସହକର୍ମୀମାନେ ଖୋଜାଖୋଜି କରିଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଇନଥିଲେ କି ପୁଲିସ୍‌କୁ ଖବର ଦେଇନଥିଲେ । ଆଜି ସକାଳେ କେତେକ ସହଯୋଗୀ କୃଷି ଶ୍ରମିକ ଫାର୍ମ ହାଉସ୍ ନିକଟରେ ଥିବା ପୋଖରୀ ନିକଟକୁ ଗାଧୋଇବାକୁ ଗଲାବେଳେ ଯୁବକର ମୃତ ଶରୀର ଭାଷୁଥିବା ଦେଖି ପୁଲିସ୍‌କୁ ଜଣାଇଥିଲେ । ଦମକଳ ବାହିନୀ ସେଠାରେ ପହଞ୍ଚି ମୃତ ଶରୀର ଉଦ୍ଧାର କରିଥିବା ବେଳେ ଜଳେଶ୍ୱର ପୁଲିସ୍ ପୋଷ୍ଟ ମର୍ଟମ କରାଇ ତଦନ୍ତ ଚଳାଇଛନ୍ତି ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣ ଶିବିର

ନୀଳଗିରି, ୦୨/୦୪ (ନି.ପ୍ର): ଖନ୍ତାପଡ଼ା ମହିଳା ଉଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଅଧକ୍ଷା ଶ୍ରୀମତୀ କବିତାମୟୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତା.୨୮.୦୩.୨୨ତାରିଖ ଠାରୁ ଆରମ୍ଭ ହୋଇଛି । ଏଥିରେ ମହାବିଦ୍ୟାଳୟର ଅଧକ୍ଷା, ଅଧାପକ, ଅଧାପିକା, ଏବଂପ୍ରୋଗ୍ରାମ ଅଧିକାରୀ ଶ୍ରୀମତୀ ମିନତୀ ପ୍ରଧାନ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ବିଷୟରେ ବହୁ ଶିକ୍ଷଣିୟ କଥା କହିଛନ୍ତି ।

# ଶିମିଳିପାଳର ୪ ହାତୀ ରାଇବଣିଆରେ ଆତଙ୍କ : ୪ ଘର ଭାଙ୍ଗିବା ସହ ବ୍ୟାପକ କ୍ଷତି



ଜଳେଶ୍ୱର, ୦୨/୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଅଂଚଳରେ ଶିମିଳିପାଳର ୪ଟି ହାତୀ ଗତକାଲି ଆମ୍ବତୁମ୍ବା ଜଂଗଲରେ ରହିବା ସହିତ ୪ଟି ଘରକୁ ଭାଂଗି ଧରାସାୟୀ କରିଛି । ହାତୀମାନେ ବରଡିଆ, କଳମା, ଖୁଆଡ, ଶ୍ୟାମନଗର, ରାଇବଣିଆ ଓ କାଳିକ ପଂଚାୟତରେ ୨ଦିନ ଧରି ବ୍ୟାପକ କ୍ଷୟକ୍ଷତି କରିଥିବା ବେଳେ ଲୋକେ ଭୟଭିତ ଅବସ୍ଥାରେ ରହିଛନ୍ତି । ରଂଗାମାଟିଆ ଗାଁର ଅର୍ଜୁନ ବେହେରା, ଗୁଣାଧର ବେହେରା, କଲ୍ୟାଣପୁରର ରାଜ ସିଂ, ହିରାଲାଲ ସିଂର ଘରକୁ ଭାଂଗିବା ସହିତ ଆସବାପତ୍ର ନଷ୍ଟ କରିଛି । ହାତୀ ଗୁଡିକ ଏ ଜଂଗଲରୁ ସେ ଜଂଗଲକୁ ଘୁରି ବୁଲୁଥିବା ବେଳେ ସଂଜ ହେଲେ ଗ୍ରାମାଭିମୁଖୀ ହେଉଛନ୍ତି । ଏ ସମ୍ପର୍କରେ ଫରେଷ୍ଟର ଦୁଷ୍ମନ୍ତ ଜେନାଙ୍କୁ ପଚାରିବାରୁ ୩ଟି ହାତୀ ରାସଗୋବିନ୍ଦପୁର ଅଂଚଳକୁ ଚାଲି ଯାଇଥିବା ବେଳେ ଗୋଟିଏ ହାତୀ ଲୁହାପଡା ଅଂଚଳରେ ଥିବା କହିଛନ୍ତି । ହାତୀ ଗୁଡିକ ଘଉଡାଇବା ଲାଗି ବରଡିଆ ରେଞ୍ଜର ବନକର୍ମଚାରୀ ମାନେ ନିୟୋଜିତ ଥିବା ସେ କହିଛନ୍ତି । ତେବେ ପ୍ରକୃତପକ୍ଷେ ଅଧିକ ହାତୀ ଦୁଧିଆଶୋଳ, ରଂଗାମାଟିଆ, ଧାନଘେରା, କୁମୁଟିଆ ଗାଁ ନିକଟରେ ରହିଥିବା କୁହାଯାଇଛି । ହାତୀ ସମସ୍ୟାର ସମାଧାନ ଲାଗି ନବନିର୍ବାଚିତ ସରପଂଚମାନେ ଦାବି କରିଛନ୍ତି ।

# ଓଡିଶାର ଐତିହ୍ୟ ଏବଂ ଓଡିଆ ଭାଷାର ଅସ୍ମିତା ସାରା ବିଶ୍ୱରେ ନିଆରା




ବାରିପଦା, ୦୨/୦୪ (ନି.ପ୍ର): ଭାଷା ଭିତିରେ ରାଜ୍ୟଗଠନ ହେବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ । ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ଭାଷା ଭିତିକ ରାଜ୍ୟର ମାନ୍ୟତା ମିଳିଥିଲା । ତେଣୁ ଏହି ଏପ୍ରିଲ ପହିଲା ଦିନଟିକୁ ଉତ୍କଳ ଦିବସ ଭାବରେ ପାଳିତ ହୋଇ ଆସୁଛି । ଆଜି ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳିତ ହୋଇ ଯାଇଛି । ଏହି ଅବସର ରେ ପ୍ରତ୍ୟୁଷରେ ଡାକବାଜି ଯନ୍ତ୍ର ଦ୍ୱାରା ସହରାଞ୍ଚଳରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପରିବେଷଣ କରାଯାଇଥିଲା । ସେହିପରି ସକାଳ ୬ ଘଟିକା ସମୟରେ ପୌରାଞ୍ଚଳ ଅଧିନସ୍ଥ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତଫେରି ଶୋଭାଯାତ୍ରା ଅନୁଷ୍ଠିତ ହେବା ପରେପରେ ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ସମୂହ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ମୟୂରଭଂଜ ଜିଲ୍ଲା ସଭାପତି ଅଧକ୍ଷା ଭାରତୀ ହାଁସଦା, ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଗାନ୍ଧୀପାର୍କ ଠାରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତିରେ, ରକ୍ସି ଛକ ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ, ଏମ.କେ.ସି. ହାଇସ୍କୁଲ ନିକଟରେ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତୀରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତିରେ, ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ, ଶିଶୁ ଉଦ୍ୟାନ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତୀରେ, ଜିଲ୍ଲା ସଂସ୍କୃତି ଭବନ ପରିସରରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ଏବଂ ପଦ୍ମଶ୍ରୀ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତିମୂର୍ତିରେ, ଭଞ୍ଜପୁର ଛକ ଠାରେ ସୁନାରାମ ସୋରେନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସଂଧ୍ୟା ଘ.୬ ଘଟିକା ସମୟରେ ଶହୀଦ ସ୍ମୃତି ଭବନ ଠାରେ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସର ରେ ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ମୟୂରଭଞ୍ଜ ଏସପି ଦ୍ୟାନଦେଓ ରିଷିକେଶ ଖିଲାରୀ, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିରଣ କରିବା ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବିଶେଷ ଅବଦାନ ଦେଇଥିବା ମହାପୁରୁଷ ମାନଙ୍କ ସ୍ମୃତିଚାରଣ କରି ଓଡିଶାର ଐତିହ୍ୟ ଏବଂ ଓଡିଆ ଭାଷାର ଅସ୍ମିତା ସାରାବିଶ୍ୱରେ ନିଆରା ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଶେଷରେ ଆୟୋଜିତ ସାଂସ୍କୃତିକ ସଂଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା, ସମ୍ମାନୀତ ଅତିଥି ଭାବରେ ବାଲେଶ୍ୱର ଫକିରମୋହନ ବିଶ୍ୱ ବିଦ୍ୟାଳୟର କୂଳ ସଚିବ କୁକୁମିନା ଦାସ ଏବଂ ଗିତୀକାର ସଂଗ୍ରାମ ମହାନ୍ତି ପ୍ରମୁଖ ଯୋଗ ଦେଇ ଉତ୍କଳ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । ସଂଗୀତ ନିର୍ଦ୍ଦେଶକ ଶାନ୍ତନୁ ସିଂହ ମଂଚ ପରିଚାଳନା କରିଥିବା ବେଳେ, ଏହି ଅବସର ରେ ଚିତାକର୍ଷକ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆଦିତ୍ୟବାହିନୀ ଓ ଆନନ୍ଦ ବାହିନୀ ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ

ଜଳେଶ୍ୱର, ୦୨/୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ଅଲାଲପୁର, ଚକବିଷ୍ଣୁ, ଭାଦା ଗ୍ରାମରେ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ନିଆରା ଢଙ୍ଗରେ ପାଳନ କରାଯାଇଛି । ଭୋର ସମୟରେ ଆଧ୍ୟାତ୍ମିକ ପରିବେଶରେ ସଂକୀର୍ତ୍ତନ ଓ ପ୍ରଭାତଫେରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାଦା ଗ୍ରାମର ମୁକ୍ତେଶ୍ୱର ଶିବ ମନ୍ଦିର ନିକଟରେ ବୃକ୍ଷରୋପଣ, ଅଲାଲପୁର ହନୁମାନ ମନ୍ଦିର ନିକଟରେ ଦହିସରବତ ବିତରଣ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟଙ୍କ ସହିତ ସତ୍ୟନାରାୟଣ କର, ବନମାଳୀ ପ୍ରଧାନ, ଗିରିଜା ଶଂକର କର, ମନୋରଂଜନ ଦାସ, ବିଦ୍ୟୁତ୍ ପ୍ରଧାନ, କାର୍ତ୍ତିକ ସେଣ, ଚନ୍ଦ୍ରମୋହନ ଦାସ, ସୁଶାନ୍ତ ପରିଡା, ସକୁନ୍ତଳା ପ୍ରଧାନ, ଗୀତାରାଣୀ ପରିଡା, ସୁକ୍ଳାମ୍ବର ପ୍ରଧାନ, ପୂରବୀ ପ୍ରଧାନ ଓ ବାଲେଶ୍ୱର ଜିଲା କ୍ଷତ୍ରିୟ ସମ୍ପାଦକ କୁମାର ସତ୍ୟଜିତ୍ ବେଜ୍ ଉପସ୍ଥିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo